

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-114 •MONDAY •20 OCTOBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୧୪ •ସୋମବାର •୨୦ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

## 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

### ଆମେରିକାରେ ଶାସନବିରୋଧୀ ବିକ୍ଷୋଭ

# ରାଜା ନୁହେଁ ଟ୍ରମ୍ପ

## ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ ୱାଶିଂଟନ, ୧୯ ।୧୦ (ଏଜେନ୍ସି): ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ। ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏହାକୁ ସବୁଠାରୁ ବଡ଼ ବିକ୍ଷୋଭ ବୋଲି କରାଯାଇଛି। ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି। ଏହି ରାଲିଗୁଡିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି। କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ନାମ ଦିଆଯାଇଛି। ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି। ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି। ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପୋଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି। ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା। ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା। ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକୋଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି। ସେ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁହେଁ। ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି। ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି। ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ୍ୟ ଏହି ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିବା ସହ ଜୋରଦାର ନାରାବାଜି କରିଛନ୍ତି।

# ଉତ୍ସାହ କମ୍; ଚିନ୍ତା ଅଧିକ

## ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ ମୁମ୍ବଇ, ୧୯।୧୦ (ଏଜେନ୍ସି): ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦରଦାମ ସହିତ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା। ଏହା ସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି। ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି। ଦେୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇ ଥିଲେ। ଏହି ଅବସରରେ ଗଢା ମଜୁରୀ ଉପରେ ମିଳୁଥିବା ରିଆତିର ଲାଭ ଉଠାଇବା ପାଇଁ ଲୋକେ କାରବାର କରିଛନ୍ତି। ଚଳିତ କ୍ରୟରେ ସୁନା ଏବଂ ରୁପାର ବଡ଼ ଭୂମିକା ରହିଛି। ଉଚ୍ଚା ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି। କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି। ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍। ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା। ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି। ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ▸ପୃଷ୍ଠା-୭



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

### ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

# ଭିଜିବ ଦୀପାବଳି !

■ ଭୁବନେଶ୍ୱର, ୧୯।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି। ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ ହୋଇଥିଲା। ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହ ମଧ୍ୟରେ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ▸ପୃଷ୍ଠା-୭

### ପୁଲିସ ଚାକିରି ବେପାର

# ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା

■ ବ୍ରହ୍ମପୁର, ୧୯।୧୦ (ସମିସ): ପୁଲିସ ସବ୍‌ଇନ୍ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ୧୨୩ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି। ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି। ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି। ଏଥିରେ ୨ ଦଲାଲ ମଧ୍ୟ ରହିଛନ୍ତି। ଅବଶିଷ୍ଟ ୨୯ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ। ରବିବାର ▸ପୃଷ୍ଠା-୭

# ଧାରଣାରେ ପଥର; ମାଲ୍‌ବାହୀ ଲାଇନ୍‌ଚ୍ୟୁତ୍



■ କୋରାପୁଟ, ୧୯।୧୦ (ସମିସ): କୋତାବାଲସା-କିରଣ୍ଡୁଲ (କେଆର) ରେଳପଥରେ ରବିବାର ଭୋର୍ ପ୍ରାୟ ୪ଟାରେ ପଥର ଖସିବା ଯୋଗୁଁ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ୍ ହୋଇଛି। ଏଥିଯୋଗୁଁ ଦୀର୍ଘ ସମୟ ଧରି କୋରାପୁଟ ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଥିଲା। ଆଜି ଏକ ମାଲବାହୀ ଟ୍ରେନ୍ ବିଶାଖାପାଟଣା ନିକଟ ତୟଡା ଓ ଚିରୁପାଲି ଷ୍ଟେସନ୍ ମଝିରେ ଥିବା ୪୦୧ ମିଟର ଲମ୍ବ ବିଶିଷ୍ଟ ୧୭ନଂ ଟନେଲ ଅତିକ୍ରମ କରୁଥିବା ବେଳେ ଟ୍ରାକ୍ ଉପରେ ପଡ଼ିଥିବା ଏକ ବଡ଼ ପଥରକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ଲୋକୋପାଇଲଟ୍ ଏବଂ କର୍ମଚାରୀଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ୱାଲଟିୟର୍ ଡିଭିଜନର ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ▸ପୃଷ୍ଠା-୭

**କୋରାପୁଟ-କୋତାବାଲସା ରେଳଚଳାଚଳ ବାଧାପ୍ରାପ୍ତ**

## ଦୁର୍ଘଟଣାରୁ ବର୍ତ୍ତିଲା ବିଶାଖା ଏକ୍ସପ୍ରେସ୍

■ ଭୁବନେଶ୍ୱର, ୧୯।୧୦ (ସମିସ): ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ବିଶାଖା ଏକ୍ସପ୍ରେସ୍ (ଟ୍ରେନ୍ ନଂ-୧୮୪୬୩) ଶନିବାର ଦିନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବେଙ୍ଗାଲୁରୁର ଗୌରୀବିଦାନପୁର ଓ ୟଲହଙ୍କା ଷ୍ଟେସନ୍ ମଝିରେ ରେଳ ଧାରଣାଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ତାହା ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ପଡ଼ିଯାଇଥିଲା ଏବଂ ସେ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦେଇଥିଲେ। ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗି ଭଙ୍ଗା ରେଳ ଧାରଣା ଅତିକ୍ରମ କରିଯାଇଥିଲା। କିନ୍ତୁ ସୌଭାଗ୍ୟକୁ ଟ୍ରେନ୍‌ର ଗତି ମନ୍ଥର ହୋଇଯାଇଥିବାରୁ ସେପରି କୌଣସି ଅଘଟଣ ଘଟିନଥିଲା।



### ନୂଆପଡ଼ା ଉପନିର୍ବାଚନ


# ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ ନୂଆପଡା, ୧୯।୧୦ (ସମିସ): ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ। ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି। ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି। ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି। ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ। ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▸ପୃଷ୍ଠା-୭

# ପ୍ୟାରିସ୍ ସଂଗ୍ରହାଳୟରୁ ଲୁଟିନେଲେ ମୂଲ୍ୟବାନ ଗହଣା

ପ୍ୟାରିସ, ୧୯।୧୦ (ଏଜେନ୍ସି): ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ବିଶ୍ୱ ପ୍ରସିଦ୍ଧ ଲୋଉଭ୍ରେ ସଂଗ୍ରହାଳୟକୁ ରବିବାର ସକାଳୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସଂଗ୍ରହାଳୟରୁ କେତେକ ମୂଲ୍ୟବାନ ଗହଣା ତଥା ଆଭୁଷଣ ଚୋରି ହୋଇଯିବା ପରେ ଏହାକୁ ବନ୍ଦ



କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳେ ସଂଗ୍ରହାଳୟ ଖୋଲା ହେବା ସମୟରେ ଚୋରି ହୋଇଥିଲା ବୋଲି ଫ୍ରାନ୍ସ ସଂସ୍କୃତି ମନ୍ତ୍ରୀ ରଚିଦା ଡାତି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ଚୋରି ସମ୍ପର୍କରେ କୌଣସି ଅଧିକ ସୂଚନା ସରକାରଙ୍କ ତରଫରୁ ଦିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ଏହି ସଂଗ୍ରହାଳୟରେ ବିଶ୍ୱ ପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ସହିତ ବିଶ୍ୱର କେତୋଟି ସବୁଠାରୁ ପ୍ରତିଷ୍ଠିତ ଐତିହାସିକ କାଳାକୃତି ରହିଛି। ଚୋରମାନେ ବିଶ୍ୱପ୍ରସିଦ୍ଧ କେତୋଟି ଗହଣା ଚୋରିକରି ନେଇଛନ୍ତି ବୋଲି କୁହାଯାଉଛି। ଚୋରମାନେ ନୋପୋଲିୟନ କଲେକ୍ସନ୍‌ରୁ ମୂଲବାନ ଗହଣା ଚୋରି କରି ନେଇଯାଇଛନ୍ତି ବୋଲି ଫ୍ରାନ୍ସର ଜଣାଶୁଣା ଖବର କାଗଜ 'ଲେ ପାରିସିଏନ୍' ଉଲ୍ଲେଖ କରିଛି। ଏହାକୁ ଫ୍ରାନ୍ସର ସାଂସ୍କୃତିକ ଇତିହାସ ଉପରେ ଏକ ବଡ଼ ଝଟ୍‌କା ବା ଆକ୍ରମଣ ବୋଲି କୁହାଯାଉଛି। ଏକରୁ ଊର୍ଦ୍ଧ୍ୱ ଚୋର ସଂଗ୍ରହାଳୟରେ ପଶିଥିଲେ ବୋଲି ପୁଲିସ କହିଛି। ଏହି ଚୋରମାନେ ସିନ ନଦୀର ସାମ୍ନାପଟୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଓ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାପରେ ଚୋରମାନେ ଜିନିଷ ନିଆଯାଉଥିବା ଲିଫ୍ଟରେ ଆପୋଲୋ ଗ୍ୟାଲେରୀର ଏକ କଠୋରୀକୁ ଯାଇଥିଲେ ଓ ସେଠାରେ ଝରକା ଭାଙ୍ଗିଥିଲେ। ଏହାପରେ ସେମାନେ ସମ୍ରାଟ ନେପୋଲିୟନ ବେନାପାର୍ଟଙ୍କ ସମୟର ଓ ମହାରାଣୀଙ୍କର ୯ଟି ଆଭୁଷଣ ଚୋରି କରି ନେଇଯାଇଥିଲେ। ଉଲ୍ଲେଖଥାଉ କି, ଏହି ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ଲୋକ ଦେଖିବାକୁ ଆସିଥାନ୍ତି। ଏଠାରେ ବିଶ୍ୱ ପ୍ରସିଦ୍ଧ କଳାକୃତ ଓ ମୂଲ୍ୟବାନ ଜିନିଷ ରଖାଯାଇଛି।

# ଡ୍ରଗ୍ସ ବୁଡ଼ାଜାହାଜକୁ ଧ୍ୱଂସ କଲା ଆମେରିକା

ୱାସିଂଟନ, ୧୯।୧୦ (ଏଜେନ୍ସି): କ୍ୟାରିବିୟାନ ସାଗରରେ ଡ୍ରଗ୍ସ ଅର୍ଥାତ ନିଶା ଔଷଧ ନେଇ ଯାଉଥିବା ଏକ ଜାହଜ ଉପରେ ଆମେରିକା ଆକ୍ରମଣ କରିଛି। ଏଥିରେ ଦୁଇଜଣ ଡ୍ରଗ୍ସ ଚାଲାଣକରୀ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ଇକ୍ୱେଡର ଓ କଲମ୍ବିଆକୁ ପଠାଇ ଦିଆଯାଇଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଡ୍ରଗ୍ସ ନେଇ ଯାଉଥିବା ଏକ ବଡ଼ ଜାହାଜକୁ ନଷ୍ଟ କରିଦିଆଯାଇଥିବାରୁ

## ୨୫୦୦୦ ଆମେରିକୀୟ ବଞ୍ଚିଗଲେ: ଟ୍ରମ୍ପ

ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଏହି ଜାହଜ ଆମେରିକାକୁ ଯାଉଥିଲା। ଏଥିରେ ଫେଣ୍ଟେନାଇଲ୍ ଓ ଅନ୍ୟ ନିଶାଦ୍ରବ ଥିଲା। ଏହାଦ୍ୱାରା ୨୫୦୦୦ ଆମେରିକୀୟ ନାଗରିକ ବଞ୍ଚି ଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଲାଟିନ ଆମେରିକାରୁ ଆମେରିକାକୁ ଚାଲାଣ ହେଉଥିବା ଡ୍ରଗ୍ସ ଚାଲଣକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନ କ୍ରମାଗତ ଭାବେ ଅଭିଯାନ ଜାରି ରଖିଛି। ତେଣୁ ଏଭଳି ଆକ୍ରମଣ ଏହି ଅଭିଯାନର ଅଂଶ ବିଶେଷ ବୋଲି କୁହାଯାଇଛି। ଗତ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ଆକ୍ରମଣରେ ୬ଟି ବୋଟ୍ ନଷ୍ଟ ହୋଇଛି। ଏଗୁଡିକ ମଧ୍ୟରେ ଅଧିକାଂଶ ସ୍ପିଡ୍ ବୋଟ୍ ସାମିଲ ରହିଥିଲା। ଡ୍ରଗ୍ସର ଚୋରା ଚାଲାଣକୁ ରୋକିବା ପାଇଁ ନିର୍ଣ୍ଣାୟକ ଆକ୍ରମଣ କରାଯାଉଛି ବୋଲି



# ଗାଜାରେ ଇସ୍ରାଏଲ୍‌ର ପୁଣି ଏୟାର ଷ୍ଟ୍ରାଇକ୍; ୩୫ ମୃତ

ଗାଜା,୧୯ ।୧୦(ଏଜେନ୍ସି): ଗାଜାରେ ଇସ୍ରାଏଲ ଓ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନେଇ ପୁଣିଥରେ ସଂଶୟ ସୃଷ୍ଟି ହୋଇଛି। ରାଫାରେ ଇସ୍ରାଏଲ ସୈନିକଙ୍କ ଉପରେ ହମାସ ଆକ୍ରମଣ କରିଛି। ଫଳରେ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାର ଷ୍ଟ୍ରାଇକ୍ କରିଛି। ଏ ସଂକ୍ରାନ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ ଓ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ ଜମୀରଙ୍କ ସହ ଖୁବଶୀଘ୍ର ଏକ ଜରୁରୀକାଳୀନ ବୈଠକରେ ମିଳିତ ହେବେ। ରବିବାର ରାଫାରେ ମିଲିଟାରୀ ଇଞ୍ଜିନିୟରିଂ ଗାଡ଼ିଗୁଡିକ ଉପରେ ହମାସ ଆଣ୍ଟି ଟ୍ୟାଙ୍କ ମିସାଇଲ ଦ୍ୱାରା ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ କହିଛି। ଫଳରେ ଇସ୍ରାଏଲ ହମାସ ଅଞ୍ଚଳରେ ଆକାଶରୁ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲ ସୈନିକ ଆହତ ହୋଇଛନ୍ତି। ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ କହିଛି। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୩୫ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି ବୋଲି କୁହାଯାଇଛି।

# ଦିଲ୍ଲୀରେ ପରକୀୟା ପ୍ରୀତି, ଗର୍ଭଧାରଣ ଓ ଡବଲ ମର୍ଡର

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): କେନ୍ଦ୍ରୀୟ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ପରକୀୟା ପ୍ରୀତିକୁ ନେଇ ଦୁଇଜଣ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ପ୍ରେମିକ ଛୁରି ଭୁଶି ହତ୍ୟା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସମ୍ପୃକ୍ତ ହତ୍ୟାକାରୀ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଶାଳିନୀ ନାମକ ଜଣେ ୨୨ ବର୍ଷୀୟା ମହିଳା ସ୍ୱାମୀ ଆକାଶଙ୍କ ସହ ରୁହନ୍ତି। ଆକାଶ ଇ- ରିକ୍ସା ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶାଳିନୀଙ୍କ ଦୁଇଟି ଝିଅ ଅଛନ୍ତି। ୩୪ ବର୍ଷୀୟ ସ୍ଥାନୀୟ ଅପରାଧୀ ଆଶୁ ଉରଫ୍ ଶୈଳେନ୍ଦ୍ରଙ୍କ ସହ ଶାଳିନୀଙ୍କ ଅବୈଧ ସମ୍ପର୍କ ରହିଥିଲା। ଶାଳିନୀ ତାଙ୍କ ପିଲାର ମା ହେବାକୁ ଯାଉଛନ୍ତି ବୋଲି ଆଶୁ ଦାବି କରୁଥିଲେ। କିନ୍ତୁ ସେ ସ୍ୱାମୀଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଆଶୁ ଉତ୍ତେଜିତ ହୋଇ ଶାଳିନୀଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଶାଳିନୀଙ୍କ ସହ ଆକାଶ କୁତୁବ ରୋଡ୍‌ରେ ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ବାଟରେ ଆଶୁ ଅଚାନକ ଆସି ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲେ। କିନ୍ତୁ ଆକାଶ ବର୍ତ୍ତିଯାଇଥିଲେ। ଏହାପରେ ଆଶୁ ଶାଳିନୀଙ୍କୁ ଇ-ରକ୍ସାରେ ବସିଥିବାର ଦେଖି ତାଙ୍କ ଉପରେ ବାରମ୍ବାର ଛୁରୀରେ ଆକ୍ରମଣ କରିଚାଲିଥିଲା। ଏତିକିବେଳେ ଆକାଶ ତାଙ୍କ ପତ୍ନୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଆଶୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ କୌଶଳକ୍ରମେ ଆକାଶ ଛୁରି ଛଡାଇ ଆଶୁଙ୍କୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ୩ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଶାଳିନୀ ଓ ଆଶୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ଆକାଶ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବୋଲି ପୁଲିସ କହିଛି। ପୁଲିସ ଏ ନେଇ ମାମଲା ରୁଜୁ କରିଛି।

# ରାଘବ-ପରିଣିତିଙ୍କ ପୁତ୍ର ସନ୍ତାନ ଲାଭ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଓ ତାଙ୍କ ସ୍ୱାମୀ ଆମ ଆଦମି ପାର୍ଟି (ଆପ୍) ନେତା ରାଘବ ଚଢ଼ା ପ୍ରଥମ ସନ୍ତାନର ବାପା-ମା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ପରିଣିତି ଏକ ଶିଶୁ ପୁତ୍ରର ମା ହୋଇଛନ୍ତି। ଫଳରେ ଦୀପାବଳି ପୂର୍ବରୁ ଦୁଇଜଣଙ୍କ ଖୁସି ଦ୍ୱିଗୁଣିତ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଦୁହେଁ ପୋଷ୍ଟ କରି ସୂଚନା ଦେଇଛନ୍ତି। ରବିବାର ପରିଣିତି ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ଦୁହେଁ ଗର୍ଭଧାରଣ ନେଇ ସୂଚନା ଦେଇଥିଲେ। ଦୁହେଁ ୨୦୨୩ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରର ଲୀଲା ପ୍ୟାଲେସ୍‌ରେ ବିବାହ କରିଥିଲେ। ଦୁହେଁ ଦୀର୍ଘଧରି ପରସ୍ପରକୁ ଡେଟ୍ କରିବା ପରେ ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

# ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଖାରଜ କଲେ କୋର୍ଟ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଏକ ସ୍ଥାନୀୟ କୋର୍ଟ ଖାରଜ କରିଛନ୍ତି। ନୂଆଦିଲ୍ଲୀର କରକରଡୁମା କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଓକିଲ ୫୦୦ ପୃଷ୍ଠାର ଆବେଦନ ଦାଖଲ କରିଥିଲେ। ଏହି ଆବେଦନ ବହୁତ ବଡ଼ ଓ ଏହାକୁ ପଢ଼ିବା ସମୟ ସାପେକ୍ଷ ବୋଲି କୋର୍ଟ କହିଥିଲେ। ଏହି ଦସ୍ତାବିଜ୍‌କୁ ପଢ଼ିବା ଓ ଏହାର ତର୍ଜମା କରିବା ସମ୍ଭବ ନୁହଁ ବୋଲି ଆଡିସନାଲ ସେସନ ଜଜ୍ ରମେଶ କୁମାର କହିଥିଲେ। କୋର୍ଟଙ୍କ ଉପରେ ପୂର୍ବରୁ ବହୁତ ବୋଝ ରହିଛି। ତେଣୁ ଜାମିନ ଆବେଦନର ଦସ୍ତାବିଜକୁ ଆହୁରି ଛୋଟ କରିବାକୁ ଓ ପୁଣିଥରେ ନୂଆ କରି ଆବେଦନ କରିବାକୁ ଜଜ୍ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଲ୍ୟାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

# ଦୀପାବଳି, ଛଟ୍ ପାଇଁ ଅସମ୍ଭାଳ ଟ୍ରାଫିକ୍

## ରେଳ ଷ୍ଟେସନ୍‌ରେ ବିହାର-ୟୁପି ଯାତ୍ରୀଙ୍କ ପ୍ରବଳ ଭିଡ଼



- ସୁରତରେ ୧୫ହଜାର ଯାତ୍ରୀ ସଡ଼କରେ ରାତି କାଟିଲେ
- କର୍ମଭୂମି ଏକ୍ସପ୍ରେସ୍‌ରୁ ଖସି ଦୁଇ ଯାତ୍ରୀ ମୃତ
- ଦିଲ୍ଲୀ ପ୍ଲାଟଫର୍ମରେ ଖଚାଖଚ୍ ଭିଡ଼

ସୁରତ,୧୯।୧୦(ଏଜେନ୍ସି): ଦୀପାବଳି, ଛଟ୍ ପୂଜା ଓ ବିହାର ବିଧାନସଭା ନିର୍ବାଚନ ପାଇଁ ଦେଶରେ ବହୁ ରେଳ ଷ୍ଟେସନରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ବିହାର, ଉତ୍ତରପ୍ରଦେଶ ଖାସ୍ କରି ଉତ୍ତର ଭାରତ ଯିବାକୁ ଥିବା ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଦିଲ୍ଲୀ, ସୁରତ ଓ ସୁରତର ଉଧନା ଷ୍ଟେସନରେ ପ୍ରବଳ ଭିଡ଼ ଯୋଗୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଟ୍ରେନ୍‌ଗୁଡିକର ବଗି ଫୁଲ୍ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟିକେଟ ଥାଇ ମଧ୍ୟ ବହୁ ଯାତ୍ରୀ ସୁରତରେ ଟ୍ରେନ୍ ଚଢ଼ିପାରିନାହାନ୍ତି। ଫଳରେ ଷ୍ଟେସନଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ଲାଇନ୍ ବିଭିନ୍ନ ରେସିଡେନ୍ସିଆଲ ଏରିଆ ପର୍ଯ୍ୟନ୍ତ ଲମ୍ବିଥିବାର ଲକ୍ଷ୍ୟ କରାଯାଇଛି। ୧୨ ଓ ୧୮ ଘଣ୍ଟାଧରି ଲୋକ ଭୋକ ଉପାସରେ ଲାଇନ୍‌ରେ ଠିଆ ହୋଇଛନ୍ତି। କେବଳ ଘରକୁ ଯିବା ଲକ୍ଷ୍ୟରେ ଯାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରତର ଉଧଡ଼ା ଷ୍ଟେସନରେ ଦୁଇକିମି ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଉତ୍ତର ଭାରତକୁ ଯାଉଥିବା ସବୁ ଟ୍ରେନ୍ ଫୁଲ୍ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ୨୧ଟି ସ୍ପେଶାଲ ଟ୍ରେନ୍ ଚାଲୁ କରିଛି।

ନିଜ ଜନ୍ମସ୍ଥାନରେ ଦୀପାବଳୀ ଓ ଛଟ୍ ପୂଜା ପାଳନ କରିବାକୁ ଲୋକେ ଘରକୁ ଫେରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ମୁମ୍ବାଇରୁ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲାର ରାକ୍ସାଉଲ ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍‌ରୁ ୩ଜଣ ଯୁବକ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକ ମୃତ୍ୟୁବରଣ କରିଥିଲେ ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ମୃତକଙ୍କ ପରିଚୟ ପାଇବାକୁ ପ୍ରୟାସ କରୁଛି। ଏହି ଦୁର୍ଘଟଣା ନାସିକ ଷ୍ଟେସନ ନିକଟରେ ଘଟିଥିଲା।

# ଅସ୍ତ୍ରବିରତି ପାଇଁ ପାକ୍-ଆଫଗାନ୍ ତତ୍କାଳ ରାଜି

ଦୋହା, ୧୯।୧୦ (ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଯବନିକା ପଡିଛି। ଦୁଇ ଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏ ନେଇ କାତାର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। କାତାର ଓ ତୁର୍କୀ ମଧ୍ୟସ୍ଥତାରେ ରାଜଧାନୀ ଦୋହାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଦୁଇଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ସୀମାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏଥିସହ ଆଗାମୀ କିଛିଦିନରେ ଦୁଇ ଦେଶ ଫଲୋଅପ୍ ମିଟିଂ ଅର୍ଥାତ

- କାତାର ବିଦେଶ ମନ୍ତ୍ରଣାଳୟର ଘୋଷଣା
- ଦୋହାରେ ଦୁଇ ଦେଶ ମଧ୍ୟରେ ବୈଠକ



କାର୍ଯ୍ୟବାହ ବୈଠକ ପାଇଁ ମଧ୍ୟ ରାଜି ହୋଇଛନ୍ତି ବୋଲି କୁହାଯାଇଛି। ଏହି ବୁଝାମଣାକୁ କାତାର ଏକ ବଡ଼ କୂଟନୈତିକ ସଫଳତା ବୋଲି କହିଛି। ଏହାଦ୍ୱାରା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା କମ୍ ହେବ ଓ ସ୍ଥାୟୀ ଶାନ୍ତିର ମୂଳଦୁଆ ପଡିବ ବୋଲି କାତାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ଶୁକ୍ରବାର ଆଫଗାନିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ଓ ଏଥିରେ ୩ ଜଣ କ୍ରିକେଟରଙ୍କ ସମେତ ୧୭ ଲୋକ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ଅକ୍ଟୋବର ୧୫ରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଘୋଷଣା ହୋଇଥିଲା ଓ ଏହା ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

# ବଙ୍ଗରେ ନକଲି ପାସପୋର୍ଟ ର୍ୟାକେଟର ପର୍ଦ୍ଦାଫାସ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ପଶ୍ଚିମବଙ୍ଗରେ ଏକ ବଡ଼ ନକଲି ପାସ୍‌ପୋର୍ଟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ର୍ୟାକେଟର ପର୍ଦ୍ଦାଫାସ କରିଛି। ଅବୈଧଭାବେ ଭାରତରେ ଥିବା ୪୦୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ନକଲି ଦସ୍ତାବେଜ ତିଆରି କରି ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଏହି ର୍ୟାକେଟରେ ପାକିସ୍ତାନ ନାଗରିକ ଆଜାଦ ମଲିକ ଓ ଇନ୍ଦୁ ଭୂଷଣ ସାମିଲ ରହିଛନ୍ତି। ଏମାନେ ହାୱାଲା ମାଧ୍ୟମରେ ନେଣଦେଣ କରିବା ସହ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ଏ ବାବଦରେ ଇଡି ୨ କୋଟି ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ନେଇ ପର୍ଦ୍ଦାଫାସ କରିଛି। ଏହିକ୍ରମରେ ୪୦୦ ବାଂଲାଦେଶୀଙ୍କୁ ଭରାତୀୟ ନାଗରିକରେ ପରିଣତ କରାଯାଇଛି ଓ ଏମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। କୋଲକାତା ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଇଡି ଏନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପାସ୍‌ପୋର୍ଟ ଦେବା ପୂର୍ବରୁ ଏହି ଅନୁପ୍ରବେଶକାରୀଙ୍କର ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରାଯାଉଥିଲା। ଏହାପରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଉଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମାତ୍ର ୫ ଲକ୍ଷ ଟଙ୍କା ବିନିମୟରେ ନକଲି ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଉଥିଲା ବୋଲି ଇଡି ତରଫରୁ କୁହାଯାଇଛି। ଏହିକ୍ରମରେ ଇଡି ନିକଟରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ନକଲି ପାସ୍‌ପୋର୍ଟ ର୍ୟାକେଟ ଚଳାଉଥିବା ଜଣେ ସଂଦୀଗ୍ଧ ସଂଚାଳକକୁ ଗରିଫ କରିଥିଲା।

# ପଡ଼ିରହିଛି ୯ ଲକ୍ଷ ଏକ୍‌ଜିକ୍ୟୁଟିଭ୍ ପିଟିସନ୍; ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୯ ।୧୦ (ଏଜେନ୍ସି): ସାରା ଦେଶରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ସୁପ୍ରିମକୋର୍ଟ ଏ ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କହିଛି। କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ଦାଖଲ କରାଯାଉଥିବା ପିଟିସନକୁ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ କୁହାଯାଇଥାଏ। ଦେଶରେ ଏଭଳି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ଜେବି ପରଦିୱାଲା ଓ ଜଷ୍ଟିସ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଯଦି କୌଣସି ସିଭିଲ ବିବାଦରେ କୋର୍ଟ ଆଦେଶ ଦେଇଥାନ୍ତି ଓ ହାରିଥିବା ବ୍ୟକ୍ତି ତାହାକୁ ମାନିବାକୁ ମନା କରିଥାନ୍ତି, ସେତେବେଳେ ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ ବିଜେତା ପକ୍ଷ କୋର୍ଟରେ ଏଭଳି ଆବେଦନ ଦାଏର କରିଥାନ୍ତି। ମୋଟ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବାକୁ ଏହି ପ୍ରକ୍ରିୟାର ଅଲମ୍ବନ କରାଯାଇଥାଏ। ଯଦି କୋର୍ଟଙ୍କ ଆଦେଶକୁ ବର୍ଷ ବର୍ଷ ଧରି ଲାଗୁ କରା ନଯାଏ, ତେବେ ଏଭଳି ରାୟ ବା ନିର୍ଦ୍ଦେଶର କୌଣସି ଅର୍ଥନାହିଁ ଓ ଏହା ନ୍ୟାୟ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରୁଛି ବୋଲି ଏହି ଖଣ୍ଡପୀଠ କହିଛନ୍ତି। ଏପର୍ଯ୍ୟନ୍ତ ଦେଶରେ ୮, ୮୨, ୫୭୮ଟି ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ୩.୩୮ ଲକ୍ଷ ମାମଲାର ସମାଧାନ ହୋଇଛି। ସବୁ ଜିଲ୍ଲା କୋର୍ଟଙ୍କୁ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

## ମିଳିଲାନି ଟିକଟ୍

# କାନ୍ଦି କାନ୍ଦି ଗଡ଼ିଲେ ନେତା

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୮ ଦିନ ବାକି ରହିଛି। ସୋମବାର ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କଣ୍ଟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରୁ ନାହିଁ। ଏହାକୁ ନେଇ କଂଗ୍ରେସ ଏବଂ ଆରଜେଡି ଭିତରେ ଟଣା ଓଟରା ଜାରି ରହିଛି। ତେବେ ଦୁଇ ଦଳ ଅଲଗା ଅଲଗା ଭାବେ ପ୍ରାର୍ଥିଙ୍କୁ ଟିକଟ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆରେଜଡି ରବିବାର ସକାଳେ ପ୍ରଥମ ତାଲିକା ଜାରି କରି ୪୮ ଜଣଙ୍କୁ ଟିକଟ ଦେଇଛି। ରାଧୋପୁରରୁ ବିଜେପି ପ୍ରାର୍ଥୀ ସତୀଶ ଯାଦବଙ୍କ ସହ ବିରୋଧୀ ଦଳ ନେତା ତେଜସ୍ୱୀ ମୁକାବିଲା କରିବେ। ୨୦୧୦ ନିର୍ବାଚନରେ ତେଜସ୍ୱୀଙ୍କ ମାଆ ରାବ୍‌ଡ଼ି ଦେବୀଙ୍କୁ ସତୀଶ ହରାଇ ଥିଲେ। ଏହି ତାଲିକାରେ ୨୨ ଯାଦବ, ୩ ମୁସଲିମ ଭୂମିହାର-ବ୍ରାହ୍ମଣ ସମାଜର ୩ ଜଣ ସାମିଲ ଅଛନ୍ତି। ତେବେ ଔରଙ୍ଗାବାଦର ତିନି ବିଧାୟକଙ୍କ ଟିକଟ କଟିଯାଇଥିବାରୁ ତାଙ୍କ ସମର୍ଥକ ହଙ୍ଗାମା କରିଛନ୍ତି। ଅନ୍ୟପଟେ ଟିକଟ ପାଇ ନ ଥିବା ଆରଜେଡି ନେତା ମଦନ ଶାହା ରବିବାର ସକାଳେ ରାବ୍‌ଡି ଦେବୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ ନିଜ କୁର୍ତ୍ତା ଚିରି ରାସ୍ତାରେ ଗଡ଼ି ଗଡ଼ି ଏବଂ କାନ୍ଦି କାନ୍ଦି ନିଜ ଦୁଃଖ କହିଛନ୍ତି। ମଧୁବନ ଟିକଟ ଦେବା ପାଇଁ ସଞ୍ଜୟ ଯାଦବ ତାଙ୍କୁ ୨.୭୦ କୋଟି ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିଛନ୍ତି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗର୍ଭଗୃହରେ ଖସୁଛି ଗୋଡ଼

## ଶୁଣୁନି ଶ୍ରୀମନ୍ଦିର ପ୍ରଶାସନ



■ ପୁରୀ, ୧୯।୧୦ (ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସୁଛି। ଫଳରେ ବିଭିନ୍ନ ସମୟରେ ସେବାୟତମାନେ ପଡ଼ି ଯାଉଛନ୍ତି। ଏନେଇ ମନ୍ଦିର ପ୍ରଶାସନକୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରିଷ୍ଠ ସେବାୟତ**

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ସେବାୟତ ଈପ୍ସିତ ପ୍ରତିହାରୀ। ସେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଭିତରକାଠରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଖସଡ଼ା ଦିନକୁ ଦିନ ବଢ଼ିଚାଲିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ୧୩ତାରିଖରେ ମହାପ୍ରଭୁଙ୍କ ସେବା ଚାଲିଥିଲା। ପହୁଡ଼ ଆଳତି ବେଳେ ଏହି ଖସଡ଼ା ଯୋଗୁଁ ଜଣେ ସେବକଙ୍କ ଗୋଡ଼ ଖସିଯାଇଥିଲା। ସେ କଚାଡ଼ି ହୋଇ ତଳେ ପଡ଼ିଥିଲେ। ତାଙ୍କ ସହ ଧକ୍କା ହେବାରୁ ତାଙ୍କ ହାତରୁ ରୁପା ବଟା ଅନ୍ୟତ୍ର ଯାଇ ପଡ଼ିଥିଲା ବୋଲି କହିଛନ୍ତି ଈପ୍ସିତ। ସିଂହାସନଠାରୁ ଭିତରକାଠ ପର୍ଯ୍ୟନ୍ତ ଖସଡ଼ା ସଫା କରାଯାଉନାହିଁ, ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ତେଣୁ, ଏ ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେ ଅନୁରୋଧ କରିଛନ୍ତି।

**କନ୍ଧମାଳରେ ପୁଣି ଲଜ୍ଜା**

# ଜଙ୍ଗଲରେ ଅଷ୍ଟମ ଛାତ୍ରୀଙ୍କୁ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୧୯।୧୦(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଲଜ୍ଜା। ଚପଲ କିଣିଦେବା ଆଳରେ ଡାକିନେଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ଦାଦା ଶନିବାର ଅପରାହ୍ନରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗୋଟିଏ ପରିବାରର ବାପା ଓ ମା' ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ୧୪ ବର୍ଷର ନାବାଳିକା ତାଙ୍କର ୪ ଛୋଟ ଭାଇଭଉଣୀଙ୍କୁ ନେଇ ଘରେ ରହୁଥିଲେ। ଛୋଟ ଭାଇଭଉଣୀଙ୍କ ଦାୟିତ୍ୱ ନେବା ସହ ନିଜେ ପାଠ ପଢୁଥିଲେ। ସେହି ଗ୍ରାମର ଜଣେ ବିବାହିତ ଯୁବକ ଶୁକ୍ରବାର ମଧ୍ୟାହ୍ନରେ ନାବାଳିକାଙ୍କୁ ତୁମ ବାପା ତୁମ ପାଇଁ ଚପଲ କିଣିବାକୁ ମୋ ଆକାଉଣ୍ଟକୁ ପଇସା ପଠାଇଛନ୍ତି। ଦାରିଙ୍ଗବାଡି ବଜାର ଯାଇ ଚପଲ କିଣିଦେବି ବୋଲି କହିଥିଲେ। ଏଥିରେ ନାବାଳିକାଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଯାଇଥିଲେ। ହେଲେ ଯୁବକଜଣଙ୍କ ଅଧା ରାସ୍ତାରୁ ବଜାର ନେବା ବଦଳରେ ନାବାଳିକାଙ୍କୁ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ, ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ ଘରକୁ ଫେରି ନିଜ ଖୁଡ଼ୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲା।

# ୪୭୧ ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

- **ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବଣ୍ଟନ**
- **୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ**

ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍, ଜୁନିଅର ଇଞ୍ଜିନିୟର୍, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍-ଷ୍ଟପ୍-ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ ଜିଲ୍ଲାର ୪୮ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା; ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୃତ୍ତି ପାଉଥିବା ଛାତ୍ରୀଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା

ଭୁବନେଶ୍ୱର, ୧୯ ।୧୦(ସମିସ): ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏଥିପାଇଁ ଆରମ୍ଭ କରିଛି ପ୍ରକ୍ରିୟା। ଯେଉଁ ଛାତ୍ରୀମାନେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ବୃତ୍ତି ପାଉଛନ୍ତି, ସେମାନଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ ବିଭାଗକୁ ଚିଠି ଲେଖାଯାଇଛି। ଫଳରେ ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷାଲାଭ କରୁଥିବା ୨୧ ବର୍ଷରୁ ଉର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତିର ୧୦ ହଜାର ଛାତ୍ରୀଙ୍କ ସହ ଅନ୍ୟାନ୍ୟ ବର୍ଗର ମୋଟ ୫୦ ହଜାର ଛାତ୍ରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବା ନିଶ୍ଚିତ ହୋଇ ଯାଇଛି। ରାଜ୍ୟରେ ୨୧ରୁ ୬୦ ବର୍ଷର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ଯେଉଁ ଛାତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ଆର୍ଥିକ ସହାୟତା ପାଉଥିବେ ସେମାନଙ୍କୁ ସୁଭଦ୍ରା ଯୋଜନାରୁ ବାଦ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ନିକଟରେ ଅନେକ ଅଭିଯୋଗ ପହଞ୍ଚିଥିବାରୁ ସମ୍ପୃକ୍ତ ଛାତ୍ରୀମାନଙ୍କୁ ଆଉ ସୁଭଦ୍ରା ସହାୟତା ନ ଦେବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଆପାତତଃ ନିଷ୍ପତ୍ତି ନେଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ବର୍ଷକୁ ୧୮ ହଜାରରୁ ଅଧିକ ଟଙ୍କା ଛାତ୍ରବୃତ୍ତି ପାଉଥିବା ୨୧ ବର୍ଷରୁ ଅଧିକ ବୟସର ଛାତ୍ରୀମାନଙ୍କ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଏହି ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ସମୟରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ସହାୟତା ବାବଦରେ ୨ ବର୍ଷରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଜେପି ନିଜ ନିର୍ବାଚନୀ ସଂକଳ୍ପରେ ଉଲ୍ଲେଖ କରିଥିଲା। ଦଳର ନେତାମାନେ ମଧ୍ୟ ଏହା ଘୋଷଣା କରିଥିଲେ; ମାତ୍ର ରାଜ୍ୟରେ କ୍ଷମତାକୁ ଆସିବା ପରେ ସରକାର ଏଥିରେ ବର୍ଗୀକରଣ କରିବା ସହ ବର୍ଷକୁ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ କରି ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି ।

ଏପରିକି ପ୍ରଥମ ପର୍ଯ୍ୟାୟରେ ସୁଭଦ୍ରା ସହାୟତା ପାଇଥିବା ଅନେକ ମହିଳା ଦ୍ୱିତୀୟ ପର୍ଯ୍ୟାୟରେ ଏଥିରୁ ବଞ୍ଚିତ ହୋଇଛନ୍ତି। କିଛି ସ୍ଥାନରେ ରାଜନୈତିକ ଉଦ୍ଦେଶ୍ୟ ରଖି ଅନେକ ମହିଳାଙ୍କୁ ଏଥିରୁ ବାଦ ଦେଇଥିବାବେଳେ ଏବେ ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ଏଥିରୁ ବଞ୍ଚିତ କରିବାକୁ ସରକାର ଯୋଜନା କରିଛନ୍ତି ।

**ବହୁ ଗହୀରକୁ ଲମ୍ବିଛି ସେକ୍ସ ରାକେଟ ଚେର**

# ଘର ତାଲା ଭାଙ୍ଗି ଫୋରେନ୍‌ସିକ୍ ଟିମ୍‌ର ଯାଞ୍ଚ

■ ଭୁବନେଶ୍ୱର,୧୯।୧୦(ସମିସ): ରାଜଧାନୀରେ ଦିନକ ତଳେ ଠାବ ହୋଇଥିବା ସେକ୍ସ ରାକେଟ୍ ସମ୍ପର୍କରେ ତଦନ୍ତକୁ ତ୍ୱରାନ୍ୱିତ କରିଛି ପୁଲିସ। ତାଲା ପଡିଥିବାରୁ ପୁଲିସ ଆଜି ଘର ତାଲା ଭାଙ୍ଗି ଯାଞ୍ଚ ଆରମ୍ଭ କରିଛି। ସେହିପରି ଫୋରେନସିକ୍ ଟିମ୍ ମଧ୍ୟ ଉକ୍ତ ଘରେ ଅନୁସନ୍ଧାନ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଛି। ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଘରର ଠିକଣା ଖୋଜିବା ସହ ବିଭିନ୍ନ ସୂତ୍ରକୁ ପୁଲିସ ଅନୁଧ୍ୟାନ କରିଛି।

ଗତ ୧୬ ତାରିଖ ରାତିରେ ଜଣେ ମହିଳା ଏକ ଅଟୋରେ ଜଣେ ନାବାଳିକାଙ୍କୁ ଆଣି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଜନନେନ୍ଦ୍ରୀୟରୁ ପ୍ରବଳ ରକ୍ତସ୍ରାବ

**ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ**




ହେଉଥିବାରୁ ଗଣଦୁଷ୍କର୍ମ ସନ୍ଦେହରେ ଡ୍ୟୁଟିରେ ଥିବା ଡାକ୍ତର ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ମାତ୍ର ମହିଳାଜଣକ ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡ଼ିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜରୁ ମହିଳାଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡ଼ିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳାଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚାଲିଥିବା ସେକ୍ସ ରାକେଟ୍‌ରେ ଚଢଉ କରିଥିଲା। ଚଢଉରେ ୩ଜଣ ନାବାଳିକା ସହ ୪ଜଣଙ୍କୁ ଗିରଫ କରିଥିଲା ପୁଲିସ।

ଏହି ଘଟଣା ପଛରେ ଆନ୍ତଃରାଜ୍ୟ ସେକ୍ସ ରାକେଟ୍‌ର ସଂପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ପୁଲିସ ସୂଚନା ଦେଇଛି। କେବଳ ଏହି ଗୋଟିଏ ରାକେଟ୍ ନୁହେଁ ରାଜଧାନୀରେ ଏହିଭଳି ଏକାଧିକ ବାହାର ରାଜ୍ୟର ନାବାଳିକାଙ୍କୁ ସେକ୍ସ ରାକେଟରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ମହିଳା କମିଶନ ଶୋଭନା ମହାନ୍ତ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିବା ଘର ଏବଂ ଲକ୍ଷ୍ମୀସାଗର ଥାନା ଯାଇ ଅନୁର୍ଦ୍ଧାନ କରିଛନ୍ତି। ଏହି ଘଟଣାରେ ଅନ୍ୟତମ ଅଂଶୀଦାର କୁହାଯାଉଥିବା ବାରିକ ବାବୁ ଓ ମଞ୍ଜୁ ସେଠୀଙ୍କ ହ୍ୱାଇଁ ଫେରାର ଥିବା କୁହାଯାଉଛି। ତେଣୁ ସେହି ବାରିକ ବାବୁ କିଏ, ତାଙ୍କର ପରିଚୟ କ'ଣ ଓ ସେ କାହା ପାଇଁ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଆମଦାନୀ କରୁଥିଲେ ତାହାର ଅନୁସନ୍ଧାନ ଚାଲିଛି ।

ଅନ୍ୟପଟରେ ଏହି ମାମଲାରେ ପୀଡ଼ିତାଙ୍କୁ ଆଜି ଅପରାହ୍ନରେ ମହିଳା କମିସନର ସଦସ୍ୟ ଉର୍ମିଳା ମହାପାତ୍ର ଭେଟିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁଧାର ଆସିଛି। ହସ୍ପିଟାଲରୁ ସେ କେବେ ଡ଼ିସଚାର୍ଜ ହେବେ ତାହା ଡାକ୍ତର କହିବେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଏହି ଘଟଣା ପଛରେ କେଉଁ ରାକେଟ ରହିଛି ତାହା ନିଶ୍ଚୟ ଜଣାପଡ଼ିବ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ।







# ଜିଲ୍ଲାରେ ୨୪ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ସମ୍ବଲପୁର, ୧୯।୧୦(ସମିସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୪୭୧ଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ସହ ଅନ୍ତ୍ୟୋଦୋୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ୪୮, ୬୯୩ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଲାଗି ପ୍ରଥମ କିସ୍ତି ଅର୍ଥ ରାଶି (ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ଅନ୍ୟ ୨୮ ଟି ଜିଲ୍ଲାରେ) ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମଧ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ସମସ୍ତ ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସିଧା ସଳଖ ପ୍ରସାରଣ ହୋଇଥିଲା। ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୪ଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବାମରା ବ୍ଲକର ବାବୁନିକ୍ତିମାଲ ପଞ୍ଚାୟତ, ଜୋରବଗା ପଞ୍ଚାୟତ, ମହୁଲପାଲି ପଞ୍ଚାୟତ, ଗଡ଼ପୋସ ପଞ୍ଚାୟତ, ଜମନକିରା ବ୍ଲକର ଜମନକିରା ପଞ୍ଚାୟତ, ଟିକ୍ଲିପଡ଼ା ପଞ୍ଚାୟତ, ରେଙ୍ଗାଲି ବ୍ଲକର ଖିଣ୍ଡା ପଞ୍ଚାୟତ, ଲଇଡ଼ା ପଞ୍ଚାୟତ, ଲପଙ୍ଗା ପଞ୍ଚାୟତ, ଧନକଉଡ଼ା ବ୍ଲକର ଶାସନ



ପଞ୍ଚାୟତ, କଳାମାଟି ପଞ୍ଚାୟତ, ରେଢ଼ାଖୋଲ ବ୍ଲକର ବଡ଼ମାଲ ପଞ୍ଚାୟତ, ବନସାଜଲ୍ ପଞ୍ଚାୟତ, ନାକଟିଦେଉଳ ବ୍ଲକର ବାଲାମ ପଞ୍ଚାୟତ, ବାଟଗାଁ ପଞ୍ଚାୟତ, ଗିରିଶଚନ୍ଦ୍ରପୂର ପଞ୍ଚାୟତ, ଝୁଝୁମୁରା ବ୍ଲକର ବାହାମ ପଞ୍ଚାୟତ, ଗୋଡ଼ଲୋଇସିଂ ପଞ୍ଚାୟତ, କୁଚିଣ୍ଡା ବ୍ଲକର ଖଣ୍ଡୋକଟା ପଞ୍ଚାୟତ, ବାଙ୍କେ ପଞ୍ଚାୟତ, କୁନ୍ତରା ପଞ୍ଚାୟତ, କୁସୁମୀ ପଞ୍ଚାୟତ, ଟାଇଁସର ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ହୋଇଛି। ପ୍ରତ୍ୟେକ କାର୍ଯ୍ୟାଳୟର ୩୫ ଲକ୍ଷ ବ୍ୟୟ ଅଟକଳ ରହିଛି।

ଅନ୍ତ୍ୟୋଦୋୟ ଗୃହ ଯୋଜନା ଅଧୀନରେ ବାମରା ବ୍ଲକରେ ୧୩୦, ଧନକଉଡ଼ା ବ୍ଲକରେ ୬୪, ଜମନକିରା ବ୍ଲକର ୨୮୨, ଝୁଝୁମୁରା ବ୍ଲକର ୧୯୨, କୁଚିଣ୍ଡା ବ୍ଲକର ୧୫୯, ମାନେଶ୍ୱର ବ୍ଲକର ୧୨୪, ନାକଟିଦେଉଳ ବ୍ଲକର ୨୦୭, ରେଢ଼ାଖୋଲ ବ୍ଲକର ୨୭୭, ରେଙ୍ଗାଲି ବ୍ଲକର ୧୫୭ ଜନ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଅର୍ଥ ୪୦ହଜାର ରାଶି ପ୍ରଦାନ କରାଯାଇଛି।

**ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ୍ କିସ୍ତି ପାଇଲେ ୧୫୯୨ ହିତାଧିକାରୀ**

ସଙ୍କୀର୍ତ୍ତନ କିଷାନ (କୁସୁମୀ ସରପଞ୍ଚ), ଆଭାସୀ ମାଧ୍ୟମରେ କୁଚିଣ୍ଡାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାଷୀ ମାଧମରେ ଯୋଗ ଦେଇଥିଲେ।

# ସମ୍ବଲପୁରରେ ଧଳାଜହର ବେପାର

**ସମ୍ବଲପୁର, ୧୯।୧୦(ସମିସ):** ସମ୍ବଲପୁର ସହରରେ ବ୍ରାଉନସୁଗର ବେପାର ବଢ଼ିବାରେ ଲାଗିଛି। ପୁଲିସ ପକ୍ଷରୁ ଚଢଉ କରି ବିଭିନ୍ନ ସ୍ଥାନରୁ ଜବତ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ



**୧୨ ଗ୍ରାମ ଜବତ, ୩ ଗିରଫ**

ଭାବେ କାରବାର ରୋକିବାରେ ବିଫଳ ସାଜିଛି। ଟାଉନ ଥାନା ପୁଲିସ ବ୍ରାଉନସୁଗର କାରବାରରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ମୋତିଝରଣର ମେହବୁବ ଆଲମ(୩୯) ଓ ଏମଡି ଇମରାନ ଅଲି(୩୨) ଏବଂ କ୍ଷେତରାଜପୁର ଥାନ ବଙ୍ଗାଳପଡ଼ାର ବିଷ୍ଣୁ ମଣ୍ଡେକର(୨୯)। ସେମାନଙ୍କ ନିକଟରୁ ୧୨.୫ ଗ୍ରାମ ଧଳା ଜହର, ୪ଟି ମୋବାଇଲ ଓ ୬ ହଜାର ଟଙ୍କା ଜବତ କରିଛି। ଫାଟକ ମାଳିପଡ଼ା ନିକଟରେ କାରବାର ହେଉଥିବା ନେଇ ପୁଲିସ ଖବର ପାଇ ଚଢଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲଣ କରିଛି। ସୂଚନା ଅନୁସାରେ ସହରରେ ଦିନକୁ ଦିନ କୋରେକ୍ସ ଓ ଧଳା ଜହର ବେପାର ବଢ଼ିବାରେ ଲାଗିଛି। ବିଶେଷ ଭାବେ କୌଣସି ପର୍ବ ସମୟ ଆସିଲେ ପୁଲିସ ଓ ଅବକାରୀ ବିଭାଗ ଚଢଉ କରିଥାଏ। କିନ୍ତୁ ପର୍ବ ପରେ ପୁଣି ବେପାର ଚାଲିଥାଏ।

## ବିଦ୍ୟୁତ୍ ଆଘାତରେ ଯୁବକ ଆହତ

**କୁଚିଣ୍ଡା, ୧୯ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ବିଜୁ ପଟ୍ଟନାୟକ ଛକ ନିକଟରେ ଉଚ୍ଚ କ୍ଷମତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବଡ଼ ଡୁମେରମୁଣ୍ଡା ଗ୍ରାମର ଗଣେଶ ରୋହିଦାସଙ୍କ ପୁଅ ଅନିଲ ରୋହିଦାସ ଶନିବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ଧନଞ୍ଜୟ ଠାକୁରଙ୍କ ଘର ଛାତରେ ଦୀପାବଳୀ ପାଇଁ ଲାଇଟ୍ ଲଗାଉଥିବା ବେଳେ ଛାତରେ ଯାଇଥିବା ଉଚ୍ଚ କ୍ଷମତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ତାଙ୍କ ଛାତି ଓ ପେଟ ସମେତ ଶରୀରର ବିଭିନ୍ନ ସ୍ଥାନ ପୋଡ଼ି ଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଚାକିରି ବିକ୍ରି ନେଇ ସ୍ୱଷ୍ଟୋକ୍ତି ଜାରି କଲା ଏସ୍ଏମସି

**ସମ୍ବଲପୁର, ୧୯।୧୦(ସମିସ):** ଟଙ୍କା ଦେଲେ ଚାକିରି ମିଳୁଛି। ତାହା ପୁଣି ଏସଏମସିରେ ସଫେଇ କର୍ମଚାରୀ। ଜଣକ ପିଛା ୧୨ ହଜାର ଟଙ୍କା ନେଇ ଏକ ସଂସ୍ଥା ଚାକିରି ଦେଉଛି। ଏ ନେଇ ଖବର ବ୍ୟାପିବା ପରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଷ୍ଟୋକ୍ତି ଜାରି କରିଛି। ଏଭଳି ଠକାମୀର ଶିକାର ନ ହେବାକୁ ଏସ୍ଏମସି ବାରଣ କରିଛି। ଏସ୍ଏମସି ପକ୍ଷରୁ କୁହାଯାଇଛି, କିଛି ଅନଧିକୃତ ବ୍ୟକ୍ତି ନା ଗୋଷ୍ଠୀ ସମ୍ବଲପୁର ମହାନଗର ନିଗମ ନାମରେ ଭୁଲ ଧାରଣ ସୃଷ୍ଟି କରି ଲୋକମାନଙ୍କୁ ଠକୁଛି। ସଫାଇ, ପରିଚ୍ଛନତା ଓ ଅନ୍ୟାନ ଶୌଚାଳୟ ସମ୍ବନ୍ଧିତ କାର୍ଯ୍ୟରେ ନିଯୁକ୍ତି ଦେବା ନାମରେ ଜଣକ ପିଛା ୧୨ ହଜାର ଟଙ୍କା ନେଉଛି। ତେଣୁ ଏପରି କୌଣସି ନିଯୁକ୍ତ ଏସ୍ଏମସି ପକ୍ଷରୁ ହେଉନଥିବା ସ୍ୱଷ୍ଟୋକ୍ତି ପ୍ରକାଶ ପାଇଛି। ଲୋକଙ୍କ ପାଖରୁ ଟଙ୍କା ସଂଗ୍ରହ କରି ନିଯୁକ୍ତି କରିବା ପାଇଁ କାହାକୁ ଅନୁମତି ଦିଆଯାଇନାହିଁ। ଏସ୍ଏମସିରେ ସମସ୍ତ ନିଯୁକ୍ତି ବା ଠିକା କାର୍ଯ୍ୟ ଅଧିକାରୀଙ୍କ ନୋଟିସ, ଏସ୍ଏମସି ୱେବସାଇଟ, ସୂଚନାପଟ କିମ୍ବା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥାଏ। ଯଦି ବା କେହି ନିଯୁକ୍ତି ବାବଦକୁ ଟଙ୍କା ମାଗୁଥାଏ ତାହାଲେ ଦିଅନ୍ତୁ ନାହି ବୋଲି ପ୍ରକାଶ ପାଇଛି। ଯଦି କେହି ଏଭଳି ଠକାମୀର ଶିକର ହୋଇଥିବେ ତାହାଲେ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଘଣ୍ଟେଶ୍ୱରୀରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା




**ସମ୍ବଲପୁର, ୧୯।୧୦(ସମିସ):** ସମ୍ବଲପୁର ରୋଟାରି କ୍ଲବ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାପତି ରୋଟାରୀୟନ ରଶ୍ମି ରଞ୍ଜନ ମହାପାତ୍ର, ସମ୍ପାଦକ ଦେବାଶିଷ ରାୟେଗୁରୁ, ଆରକେ ଦାସ, ସୁଧୀର ପଣ୍ଡା, ବେଣୁଧର ତ୍ରିପାଠୀ, ସୁବ୍ରତ ନାଏକ, ତୃଷାରକାନ୍ତି ପ୍ରଧାନ, ଅଂଶୁମାନ ମିଶ୍ର, ଅନିମା ପାଢ଼ୀ, ରବି ପଣ୍ଡାଙ୍କ ସହ ଘଣ୍ଟେଶ୍ୱରୀ ମନ୍ଦିର କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଭାବରେ ବେଶ ପ୍ରସିଦ୍ଧ ମାଁ ଘଣ୍ଟେଶ୍ୱରୀ ମନ୍ଦିରରେ ବର୍ଷ ସାରା ହଜାର ହଜାର ଲୋକଙ୍କ ଭିଡ଼ ଜମିଥାଏ। ଲୋକେ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ସୁବିଧାରେ ପାଇ ଉପକୃତ ହୋଇ ପାରିବେ ସେନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ରୋଟାରି ସଭାପତି ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ସମାରୋହ

### ଡା .ରାଜାରାମଙ୍କୁ ଜାତୀୟ ସମ୍ମାନ

**ସମ୍ବଲପୁର, ୧୯।୧୦(ସମିସ):** ସ୍ୱାସ୍ଥ୍ୟ ସେବା ସହିତ ସମାଜ ସେବାରେ ସକାରାତ୍ମକ ମନୋଭାବ ପାଇଁ ସମ୍ବଲପୁର ଜିଲ୍ଲା ପଡ଼ିଆବାହଲର ଆୟୁର୍ବେଦ ଡାକ୍ତର ରାଜାରାମ ଷଡ଼ଙ୍ଗୀଙ୍କୁ ଆଜି ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଜାତୀୟଧନ୍ୱନ୍ତରୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସ୍ଥାନୀୟ ଶ୍ରୀରାମ ଚନ୍ଦ୍ର ଭବନ, ଟାଉନହଲ ଠାରେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ରାଜ୍ୟ ସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ରରେ ଜଷ୍ଟିସ୍ ଡ. ବିଦ୍ୟୁତ୍ରଞ୍ଜନ ଷଡ଼ଙ୍ଗୀ, ଆଧାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ୍ ସିଂହ ପ୍ରଦାନ କରିଥିଲେ। ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଅବସର ପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକାରୀ ରାଜକିଶୋର ସ୍ୱାଇଁ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଆଡ୍ଭୋକେଟ୍ ଅଜିତ କୁମାର ମହାପାତ୍ର ଓ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣା ଉପସ୍ଥିତ ଥିଲେ।

## ୨୬ରେ ମିସ୍ ଟିନ୍ ଓ ମାଷ୍ଟର ଟିନ୍ ଅଡିସନ୍




**ସମ୍ବଲପୁର, ୧୯।୧୦ (ସମିସ):** ଲିଟିଲ୍ ମିସ୍ ଲିଟିଲ୍ ମାଷ୍ଟର୍ ଅଡିସନ୍ କାର୍ଯ୍ୟକ୍ରମ ଜଗନ୍ନାଥ କଲୋନୀସ୍ଥିତ ହମ୍ପଟି ଡମ୍ପଟି ସ୍କୁଲରେ ଅନୁଷ୍ଠିତ ହୋଇଛି। ଅଡିସନ୍‌ରେ ସମ୍ବଲପୁର ସହିତ ବିଭିନ୍ନ ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ (୬ରୁ ୧୩ ବର୍ଷ) ବୟସ ବର୍ଗରେ ଯୋଗ ଦେଇଥିଲେ।ବିଚାରକ ଭାବେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଅସିମ ପ୍ରଧାନ, ମିସେସ୍ ଓଡ଼ିଶା ୨୦୨୧-୨୨ର ରାଣୀ ଦାସ ଓ ପ୍ରସିଦ୍ଧ ଡିଜାଇନର୍ ହେମନ୍ତ ପ୍ରଧାନ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଆୟୋଜନ ସମିତି ପକ୍ଷରୁ ଚେୟାରମ୍ୟାନ୍ ଭକ୍ତପ୍ରସାଦ ନନ୍ଦ, ସୁଶାନ୍ତ ଗୁରୁ, ସଂଯୋଜକ ମହମ୍ମଦ ପରୱେଜ୍ ଅଲି ଖାନ୍ ଓ ତ୍ରିଲୋଚନ ତ୍ରିପାଠୀ, ଶଙ୍କର ବେହେରା, ଭୋଳାଶଙ୍କର ମହନ୍ତମ, ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, ପାୟଲ୍ ଭୋଇ, ବିପ୍ଳବ ଡନସେନା, ଉମେଶ ମାଝି, ଗୁରୁକୃଷ୍ଣ ବାଘ, ସରୋଜ ମିଶ୍ର, ଚନ୍ଦ୍ରକାନ୍ତ ଭୋଇ, ତର୍ପଣ ପ୍ରଧାନ, ସୋମନାଥ ଜାଲ ଓ ଧରଣୀଧର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ମିସ୍ ଟିନ୍ ଓ ମାଷ୍ଟର୍ ଟିନ୍ ଅଡିସନ୍ ୨୬ ଅକ୍ଟୋବରରେ ଆୟୋଜିତ ହେବାକୁ ଯାଉଛି।

## ଭୀମଭୋଇ କଲେଜରେ ଇତିହାସ ବିଭାଗର ନବୀନବରଣ ଉତ୍ସବ

**ରେଢ଼ାଖୋଲ, ୧୯ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନବୀନବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ଼ଃ. ଅମୂଲ୍ୟ କୃଷ୍ଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ।ସେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଇତିହାସର ମହତ୍ତ୍ୱ ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ।ବିଭାଗୀୟ ମୁଖ୍ୟ ଶ୍ରୀମତୀ ସୁଧାମୟୀ ଦାସ ନବୀନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ



କରିବା ସହ ସେମାନଙ୍କୁ ଅଧ୍ୟୟନରେ ଅଧିକ ଯତ୍ନବାନ ହେବା ପାଇଁ ପ୍ରେରଣା ଦେଇଥିଲେ।ବିଭାଗର ନୂତନ ଅଧାପିକା ବିଶ୍ୱ କଳ୍ପିତା ସାହୁ ମଧ ଛାତ୍ରଛାତ୍ରୀଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଦୁଇଟି ପର୍ଯ୍ୟାୟରେ ବିଭକ୍ତ ହୋଇଥିଲା।ପ୍ରଥମ ପର୍ଯ୍ୟାୟରେ ନବୀନ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ତିନି ବର୍ଷର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫାଇନାଲ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସୁଚାରୁ ରୂପେ ପରିଚାଳନା କରିଥିଲେ।

**ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ ତୃତୀୟ ଦିବସ**

## ସେମିଫାଇନାଲରେ କେବିଏଫ୍‌ସି ଭୋଇପାଲି

**କୁଚିଣ୍ଡା, ୧୯ ।୧୦(ସମିସ):** କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ଯୁବକ ସଂଘ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଚାଲିଥିବା ୧୨ତମ ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ୍




ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ମଧ ୩ଟି ମ୍ୟାଚ୍ ଖେଳ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଖେଳ ଝାଡେଶ୍ୱର ଏଫସି ଝାରସୁଗୁଡ଼ା ଓ କେବିଏଫସି ଭୋଇପାଳି ସୁନ୍ଦରଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ୧-୦ କେବିଏଫସି ଭୋଇପାଳି ସୁନ୍ଦରଗଡ଼ ବିଜେତା ହୋଇଥିଲା। ଦ୍ୱିତୀୟ ମ୍ୟାଚର ଖେଳ ଉମେଶ ବ୍ରଦର୍ସ ରାଉଲକେଲା ଓ ଆୟୁଷ ଏକାଦଶ ମଧରେ ହୋଇଥିବା ବେଳେ ୨-୦ ଗୋଲରେ ଉମେଶ ବ୍ରଦର୍ସ ରାଉଲକେଲା ବିଜେତା ହୋଇଥିଲା। ସେହିପରି ତୃତୀୟ ମ୍ୟାଚ୍‌ରେ କେବିଏଫସି ଭୋଇପାଳି ସୁନ୍ଦରଗଡ଼ ଓଉମେଶ ବ୍ରଦର୍ସ ରାଉଲକେଲା ପରସ୍ପରକୁ ଭେଟିଥିଲେ। ୪-୩ ଗୋଲରେ କେବିଏଫସି ଭୋଇପାଳି ସୁନ୍ଦରଗଡ଼ ଉମେଶ ବ୍ରଦର୍ସ ରାଉଲକେଲାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏଡିଏମଓ ସୁବୋଧ ନାୟକ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ପିଡବ୍ଲୁଡ଼ି ଜେଇ ଟିକନ୍ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭବେ ଶିବଶଙ୍କର ପଣ୍ଡା, ପଞ୍ଚାନନ ପାତ୍ର, ସଲିଲ ବେହେରା, ସୁଜିତ ରାଜହଂସ, ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ଉପସଭାପତି ଗୌତମ ମିଶ୍ର, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳନା ହୋଇଥିଲା।

## ଛଟ ପୂଜାର ବିଭିନ୍ନ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ସମ୍ବଲପୁର, ୧୯।୧୦(ସମିସ):** ଆସନ୍ତା ଛଠ ପୂଜାକୁ ଧୁମଧାମ, ଭକ୍ତିଭାବ ଓ ସୁଚାରୁ ଭାବେ ପାଳନ କରିବା ପାଇଁ ସମ୍ବଲପୁରର ବିଭିନ୍ନ ଛଠ ପୂଜା କମିଟି ତରଫରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛି। ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱ ନେଇଥିଲେ। ଛଠ ପୂଜା ସମୟରେ ସହର ଓ ପରିସରର ବିଭିନ୍ନ ଘାଟ ଗୁଡ଼ିକରେ ହେଉଥିବା ଆବଶ୍ୟକୀୟ ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଭାବରେ ନୂତନ ଘାଟ ନିର୍ମାଣ, ପଥ ମରାମତି, ନାଳା ପରିଶୋଧନ, ସ୍ୱଚ୍ଛତା କାର୍ଯ୍ୟ ସମ୍ପର୍କରେ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିଲମ୍ବର ସିକନ୍ଦର, ସନ୍ତୋଷ କୁମାର ସାହୁ, ମୁନ୍ନା ତିୱାରି, ଜୋଜୁ ତିୱାରି, ସୁଧୀର ପାଲିୱାଲ, ସୁନିଲ ଝା, ମନଦୀପ ସାହୁ ଓ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ନିଜ ଅଞ୍ଚଳର ଘାଟ ଓ ସମ୍ପର୍କିତ ଅବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ପ୍ରସ୍ତାବ ଓ ଆବଶ୍ୟକତା ସହିତ ସହମତ ଜଣାଇ, ସମୟ ସୀମା ମଧ୍ୟରେ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରି ଭକ୍ତମାନଙ୍କ ପାଇଁ ସୁବିଧାଜନକ ପରିବେଶ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ଥାନୀୟ ପ୍ରଶାସନ, ପୁଲିସ ବିଭାଗ ଓ ନଗରନିଗମ ଅଧିକାରୀମାନଙ୍କୁ ଯାତାୟାତ, ସୁରକ୍ଷା ଓ ପରିଚ୍ଛନ୍ନତା ବିଭାଗରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି।




## ରକ୍ଷଣାବେକ୍ଷଣା ଅଭାବରୁ ନଷ୍ଟ ହେଲାଣି ସମଲେଇ ପ୍ରକଳ୍ପ

**ସମ୍ବଲପୁର, ୧୯।୧୦(ସମିସ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ସମଲେଇ ମନ୍ଦିରର ବିକାଶ କରାଯାଇ ସମଲେଶ୍ୱର ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ହେଲେ ଏହାର ରକ୍ଷଣା ବେକ୍ଷଣା ଅଭାବରେ କିଛି ପାଚେରୀ ଭାଙ୍ଗି ନଷ୍ଟ ହେଲାଣି। ଏଥି ପ୍ରତି ଜିଲ୍ଲାପ୍ରଶାସନ କିମ୍ବା ମନ୍ଦିର ପ୍ରଶାସନର ଟିକେ ହେଲ ଦୃଷ୍ଟି ନାହିଁ। ମନ୍ଦିର ପିରସରରେ ଥିବା ରାସ୍ତାକୁ ଲାଗି ପାଚେରୀର କିଛି ସ୍ଥାନ ଭାଙ୍ଗି ଯାଇଛି। ନୂତନ ସରକାର କ୍ଷମତାକୁ ଆସିବା ପରେ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମରାମତି କାର୍ଯ୍ୟକୁ ଦୃଷ୍ଟି ଦେଉନଥିବା ସ୍ପଷ୍ଟ ଜଣାପଡୁଛି। ସୂଚନା ଅନୁସାରେ ସମଲେଶ୍ୱର ମନ୍ଦିର ଓଡ଼ିଶାର ଏକ ବିଶେଷ ପର୍ଯ୍ୟଟନ କ୍ଷେତ୍ର। ଏହାକୁ ଦୃଷ୍ଟି ରଖି ପୂର୍ବ ସରକାର ମନ୍ଦିର ବିକାଶ କରିଥିଲା। ବିରାଟ ଏକ ସ୍ଥାନକୁ ବିକାଶ କରି ମନ୍ଦିର ପରିସରରେ ଅନେକ କାରୁ କାର୍ଯ୍ୟ କରିଥିଲା। ହେଲେ ନୂତନ ସରକାର କ୍ଷମତାକୁ ଆସିବା ପରେ ଏହାକୁ ଧ୍ୟାନ ଦେଉନାହିଁ। ମନ୍ଦିର ପରିସରରେ କେବଳ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କିନ୍ତୁ ବାସ୍ତବରେ ରକ୍ଷଣା ବେକ୍ଷଣା ଅଭାବ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମନ୍ଦିର ପରିସରରେ ସ୍ୱତନ୍ତ୍ର ପଥରରେ ପାଦଚଲା ନିର୍ମାଣ କରାଯାଇଛି। ପାର୍କ କଡ଼ରେ ଥିବା ପାଦ ଚଲାରେ ଛୋଟ ପାଚେରୀ ମଧ ଦିଆଯାଇଛି। କିନ୍ତୁ ଏବେ ଏହି ପାଚେରୀ ଭାଙ୍ଗିବାକୁ ବସିଲାଣି। କିଛି କିଛି ସ୍ଥାନରେ ପାଚେରୀ ଭାଙ୍ଗି ଘାସ ଉପରେ ସିମେଣ୍ଟ କାଛ ପଡ଼ିଛି। ପାଚେରୀରେ ଗ୍ରାନାଇଟ ଲଗାଇଯାଇଛି। କିନ୍ତୁ ଏବେ ତାହା ଭାଙ୍ଗି ଯାଇଛି। ମନ୍ଦିର ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେବା ସହ ଶୀଘ୍ର ମରାମତି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।



## ଆରଜିଭିଏମ୍‌ରେ ଦୀପାବଳୀ ପାଇଁ ପ୍ରତିଯୋଗିତା



**ସମ୍ବଲପୁର, ୧୯।୧୦ (ସମିସ):** ସ୍ଥାନୀୟ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର(ଆରଜିଭିଏମ)ରେ ଦୀପାବଳୀ ଅବସରରେ ବିଭିନ୍ନ ପ୍ରତିଯୋଗତି ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ରଙ୍ଗୋଲି, ମାଟିପାତ୍ର ତୋରଣ ଆଦି ପ୍ରସ୍ତୁତ କରିଥିଲେ। ଭାରତୀୟ କଳା ଏବଂ ପରମ୍ପରାକୁ ଦୃଷ୍ଟିରେ ରଖି ରଙ୍ଗୋଲି ଆଙ୍କିଥିଲେ।ବିଚାରକ ଭାବେ ଶୁଭା ଦେବନାଥ ଏ ଧୃତି ବୋରକକୋଟି ହଜାରିକ ଉପସ୍ଥିତ ଥିଲେ। ସ୍କୁଲ ପ୍ରିନ୍ସପାଲ ଶାଲୁ ଚାନ୍ଦେଲ ମଧ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପ୍ରଶଂସା କରିଥିଲେ।

## ମାଣ୍ଡୋସିଲ ଭାଗବତ କଥାମୃତ ସମ୍ପନ୍ନ

**ପାଇକମାଲ, ୧୯।୧୦(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଗାଁବାସୀଙ୍କ ତରଫରୁ ଭାଗବତ କଥାମୃତ ଶନିବାର ପୂର୍ଣ୍ଣାହୁତି ହୋଇଛି। କର୍ତ୍ତା ଭାବେ ଶରତ ଚନ୍ଦ୍ର ହଂସ ଓ ଲିଲା ହଂସ ଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ଲୋକେଶ୍ୱର ସାବତ ଓ ଟିକେଶ୍ୱର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନା କରୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ସହ ରୁକ୍ମିଣୀ ବିବାହ ହୋଇଥିଲା। ଶନିବାର ପୂର୍ଣ୍ଣହୁତି ହୋଇ ସମ୍ପନ୍ନ ହୋଇଥିଲା। ସମସ୍ତ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ଦିଆଯାଇଥିଲା।

## ବନଦୁର୍ଗା ମନ୍ଦିର ସାପ୍ତାହିକ ଭାଗବତ ପାରାୟଣ ଓ ପ୍ରବଚନ

**ପଦ୍ମପୁର, ୧୯।୧୦(ସମିସ):** ବନଦୁର୍ଗା ଓ ଲକ୍ଷ୍ମୀନାରାୟଣ ମନ୍ଦିରର ଆୟୋଜନରେ ସାପ୍ତାହିକ ଭାଗବତ ପାରାୟଣ ଓ ପ୍ରବଚନ ପ୍ରତ୍ୟହ ସନ୍ଧ୍ୟା ୬ ଘଟିକାରୁ ୯ ଘଟିକା ପର୍ଯ୍ୟନ୍ତ ୧୫ ଅକ୍ଟୋବରରୁ ଆରମ୍ଭ ହୋଇ ୨୧ ଅକ୍ଟୋବରରେ ସମାପନ ହେବ। ଅଧିକରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇ ହରିକଥା ଶ୍ରବଣ କରିବାକୁ ଆୟୋଜନ ସମିତି ତରଫରୁ ନିବେଦନ କରାଯାଇଛି।

## ସମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ

**ବରଗଡ଼, ୧୯।୧୦(ସମିସ):** ତଳିପଡ଼ା ସ୍ଥିତ ସମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଜିଲ୍ଲା ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବିମଳ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ବିତରଣ କରିଛନ୍ତି। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଗ୍ରିବର୍ ବିଶି, ସଦାନନ୍ଦ ମହାପାତ୍ର, ବାଲ୍ମିକୀ ଷଡଙ୍ଗୀ, ବିଶ୍ୱନାଥ ସାହୁ, ସୁଦାମ ମହାପାତ୍ର ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀ ସଭା ପରିଚାଳନା କରିଥିବା ବେଳେ ସହାୟକ ଶିକ୍ଷକ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୪୩ ୟୁନିଟ୍ ସଂଗ୍ରହ

**ଥୁଆପାଲି, ୧୯ ।୧୦(ସମିସ):** ବରଗଡ଼ ଜିଲ୍ଲାର ରକ୍ତ ଅଭାବ କିଛି ପରିମାଣରେ ପୂରଣ କରିବା ପାଇଁ ଭେଡେନ ବ୍ଲକ ତାଲମେଣ୍ଡା ପଞ୍ଚାୟତ ବହଲପାଲି ଗ୍ରାମ ଠାରେ ବିଜୟ କ୍ଲବ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବହଲ ପାଲି ସ୍କୁଲର ପ୍ରଧାନଶିକ୍ଷକ ବାଲକୃଷ୍ଣ ପଣ୍ଡା ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବରେ ନିଷ୍ଠା ପରିବାରର ଉପଦେଷ୍ଟା କ୍ଷୀରୋଦ୍ର ସାହୁ ଓ ସଭାପତି ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ଥିଲେ। ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୪୩ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ବିଜୟ କ୍ଲବର ସଭାପତି ମାନଭଞ୍ଜନ ସାହୁ ସମ୍ପାଦକ ସୁବ୍ରତ ପଧାନ, ଉମାକାନ୍ତ ସାହୁ, ସୁଧୀର ପଧାନ, ଯୋଗେଶ୍ୱର ରଥ ବିଜୟ କ୍ଲବର ସ୍ୱେଚ୍ଛାସେବୀ ଓ ନିଷ୍ଠା ପରିବାର ର ସଦସ୍ୟ ମାନେ ସୁପରିଚାଳନା କରିଥିଲେ। ରକ୍ତ ଦାନ ଶିବିର ଆୟୋଜନ ପାଇଁ ବିଜୟ କ୍ଲବ କୁ ନିଷ୍ଠା ପରିବାର ତରଫ ରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦହିଗାଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଦହିତା, ୧୯।୧୦(ସମିସ):** ପଦ୍ମପୁର ଗୋଷ୍ଠୀ ଶିକ୍ଷା ଜିଲ୍ଲା ଅଧୀନରେ ଥିବା ଦହିଗାଁ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଦହିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପ୍ରଧାନଶିକ୍ଷକ ନାରାୟଣ ପାଣ୍ଡେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସନାତନ ଭୋଇ, ସମ୍ମାନିତ ଅତିଥି ଭାବେ ଦହିଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭୋଜମତି ଭୋଇ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନକର୍ମୀ ରାଜ ସାହୁ ସୁରଭିର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। ରୂପଧର ନାୟକ ଓ ରଘୁନାଥ ପୁରୀ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ସିଆରସିସି ରାଜ ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବମୋଟ ୧୧ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମକୁନ୍ଦ ଭୋଇ, ମଞ୍ଜୁଲତା ସାହୁ, ସୁବର୍ଣ୍ଣ ରଏ, ସୁସ୍ମିତା ଭୋଇ, କ୍ଷୀରୋଦନି ଭୋଇ, ସମ୍ପଦ ମେହେର, ରତିରଞ୍ଜନ ବରିହା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମାୟାଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁରରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ପଦ୍ମପୁର, ୧୯।୧୦(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଇଓ ଲୋକନାଥ ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଡିଆଇଇଟି ପକ୍ଷରୁ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ଗଗନ ବେହେରା, ରିମାରାଣୀ ଭୋଇ ଯୋଗ ଦେଇ ସାଧନା କର୍ମୀ ଭାବେ ପ୍ରଶିକ୍ଷଣ ଦେଇଥିଲେ। ବିଇଓ ଲୋକନାଥ ଭୋଇ, ଏବିଇଓ ଜୟ ସାହୁ, ଏବିଇଓ ରାମସିଂ ଭୋଇ ଉପସ୍ଥିତ ଥିଲେ। ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ଶ୍ରେଣୀ ପରିଚାଳନା ଭାଷା ଓ ସଂଖ୍ୟାଜ୍ଞାନ, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟ୍ରର, ବିଦ୍ୟାଳୟ ସ୍ତରୀୟ ପ୍ରୋତ୍ସାହନ ଅଭିଯାନ ପଢ଼ିବା ଗଢ଼ିବା ଓଡ଼ିଶା, ବର୍ଣ୍ଣାଳି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସିଆରସିସି ସୁରେଶ ଚୌହାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଗାଇସିଲେଟ, ପାଇକମାଲ, ଝାରବନ୍ଧ ଓ ରାଜବୋଡାସମ୍ବର ବ୍ଲକର ୫୦ ଜଣ ସିଆରସିସି ମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ଧନ୍ୟବାଦ ଦେଇଥିଲେ।

### ଧନଲକ୍ଷ୍ମୀ ପୂଜାର କଳସ ଶୋଭାଯାତ୍ରା

# ମା'ଙ୍କ ଆଗମନରେ ଉତ୍ସବମୁଖର ଗୋବିନ୍ଦପାଲି

**ବରଗଡ଼, ୧୯ ।୧୦(ସମିସ)**

ରବିବାର ଦିନଠାରୁ ଧୁମ୍‌ଧାମ୍‌ରେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଛି ବରଗଡ଼ ଗୋବିନ୍ଦପାଲିସ୍ଥିତ ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା। ଏହି କଳସ ଶୋଭାଯାତ୍ରାରେ ଗୋବିନ୍ଦପାଲି, ମାଷ୍ଟରଟିକ୍ରା, ସୁବାସ ନଗର, ଗଙ୍ଗାଧର ନଗର, ରେଳଷ୍ଟେସନ ପଡ଼ା ତଥା ଆଖପାଖ ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ। ରୀତିବିଧିରେ ଗୋବିନ୍ଦପାଲି ସ୍ଥିତ କୁମ୍ଭାରବନ୍ଧଠାରେ ପୂଜା ଅର୍ଚ୍ଚନା ପରେ ଘଣ୍ଟପାର୍ଟି, ଦୁଲଦୁଲି ବଜା ତଥା ସଂକୀର୍ତ୍ତନ୍ୟଦ୍ୱାରା ଗୋବିନ୍ଦପାଲି ପରିକ୍ରମା ସହ ଏକ ବିଶାଳ ଶୋଭାଯାତ୍ରାରେ କଳସରେ ପୂଜା ପାଇଁ ପାଣି ମଣ୍ଡପକୁ ଅଣାଯାଇଛି। ଏହି କଳସ ପାଣିରେ ଆସନ୍ତାକାଲି ମା' ଧନଲକ୍ଷ୍ମୀଙ୍କର ମହାସ୍ନାନ କରାଯିବାପରେ ଆରମ୍ଭ ହେବ ଷୋଡ଼ଶ ଉପଚାର ପୂଜା। ଚଳିତବର୍ଷ ସରିତା ମହାପାତ୍ର ଓ ଜାପାନ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀ,



ଚିତ୍ତରଞ୍ଜନ ଦାଶ ଓ ଆଲୋକ ଷଡ଼ଙ୍ଗୀଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ। ଏହାସହିତ ଧବଳେଶ୍ୱର ବାବା ମନ୍ଦିରର ପୂଜକ ସୋନୁ ମହାପାତ୍ର ଓ କୁଳମଣି ମହାପାତ୍ର ଏହି ପୂଜାକାର୍ଯ୍ୟରେ ସହଯୋଗ କରିଥାନ୍ତି। ଏହାଦ୍ୱାରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଚଳିତବର୍ଷ ସଭାପତି ଭାବେ ତ୍ରିବିକ୍ରମ ମହାପାତ୍ର, ସମ୍ପାଦକ- ଦିବ୍ୟକିଶୋର ପ୍ରଧାନ, ସହ-ସମ୍ପାଦକ- କେଦାର ସାହୁ, କୋଷାଧ୍ୟକ୍ଷ- ସଂକୀର୍ତ୍ତନ ଜାଲ, ସ୍ୱାମୀ ବିବେକାନନ୍ଦ ସ୍ମାରକ କ୍ଲବର ସଭାପତି ରବୀନ୍ଦ୍ର ସାହୁ, ହରିହର ମହାକୁର, ବିଜୟ ଭୋଇ, ଅକ୍ଷୟ ଭୋଇ, ଗୋବିନ୍ଦ ସାହୁ, ପୁରୁଷୋତ୍ତମ ବିଶି, ହୃଷିକେଶ ବାରିକ, ସଞ୍ଜୀବ ପଣ୍ଡା, ବୀରବର ଶତପଥୀ, ସୁଶାନ୍ତ ଦାଶ, ରାକେଶ ପଟ୍ଟନାୟକ, ଅମୀୟ ଭୋଇ, ସୁନିଲ ସାହୁ ଆଦି ଉପଦେଷ୍ଟା ମଣ୍ଡଳୀ ପୂଜାକୁ ଅଧିକରୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଆର୍ଶୀବାଦ ପାଇପାରିବେ ତଥା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସୁରୁଖୁରରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିବା ବେଳେ ଚଳିତ ବର୍ଷ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ, କୃଷ୍ଣଗୁରୁ, ଦଣ୍ଡନୃତ୍ୟ, ସଂକୀର୍ତ୍ତନ, ନୃତ୍ୟ ପ୍ରତିଯୋଗିତା ଆଦି ପରିବେଷଣ କରାଯିବାକୁ ସ୍ଥିର ହୋଇଛି।

## ମାନକ କ୍ଲବ୍‌ର ସଦସ୍ୟଙ୍କ ଶପଥ ପାଠ

**ଅମ୍ବାଭୋନା, ୧୯।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟର ସମସ୍ତ ମାନକ କ୍ଲବ୍‌ର ସଦସ୍ୟ ଭାରତୀୟ ମାନକ ବ୍ୟୁରୋ ଦ୍ୱାରା 'ଜନ ହିତରେ ଜାରି' ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମାନକ କ୍ଲବ୍‌ର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ବିଦ୍ୟାଳୟର ମାନକ କ୍ଲବ୍‌ର ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। କ୍ଲବ୍‌ର ସଦସ୍ୟଗଣ ନିଜେ ଓ ନିଜ ପରିବାରର ସମସ୍ତ ସଦସ୍ୟ ଯେପରି ଦୈନନ୍ଦିନ ଜୀବନରେ ମାନକର ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବା, ନିଜେ ଗୁଣାତ୍ମକ ଉତ୍ପାଦ ଏବଂ ସେବା ଦାବି କରିବା ସହ ଦେଶର ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବା ତଥା ଭାରତୀୟ ମାନକ ବ୍ୟୁରୋ ମାଧ୍ୟମରେ ଦେଶରେ ଚାଲିଥିବା ଗୁଣାତ୍ମକ ମିଶନରେ ଅଂଶଗ୍ରହଣ କରିବା ସହିତ ସର୍ବଦା ମାନକ ପ୍ରତି ପ୍ରତିବଦ୍ଧ ରହିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବୋଧରାମ ବିଶ୍ୱାଳ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଶ୍ରୀପତି ସାହୁ, ଶିକ୍ଷୟିତ୍ରୀ ଅନୀତା ପଧାନ ସହଯୋଗ କରିଥିଲେ।

## ଶିକ୍ଷା ଓ ସେବା ପାଇଁ ଆପ୍ରାଇଜ ଗ୍ରୁପ୍ ସମ୍ମାନିତ



**ବରଗଡ଼, ୧୯ ।୧୦(ସମିସ):** ପଶ୍ଚିମ ଓଡ଼ିଶାର ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପର ଗୁରୁକୁଳ ପଠପଢ଼ା ଓ ବିଭିନ୍ନ ପ୍ରକାର ସଚେତନତା ସହିତ ସାମାଜିକ କାର୍ଯ୍ୟକ୍ରମ ପାଇଁ ଆଜି ଜଗତସିଂହପୁର ଜିଲ୍ଲାର କଲ୍ୟାଣ ମଣ୍ଡପ ଠାରେ ଇଂ ଜଗଦିଶ ଚନ୍ଦ୍ର ବେହେରାଙ୍କ ସେବା କାର୍ଯ୍ୟ ପାଇଁ ମା ଶାରଳା ସେବାଟ୍ରଷ୍ଟ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ସମ୍ମାନ ପତ୍ରକୁ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠା ଗୀତା ବାରିକ ଗ୍ରୁପକୁ ପ୍ରଶଂଶା କରିବା ସହିତ ଆପ୍ରାଇଜ ଗ୍ରୁପର ଉନ୍ନତି କାମନା କରିଥିଲେ। ପ୍ରକାଶ ଥାଉକି କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ସାମାଜିକ ଅନୁଷ୍ଠାନ ଯୋଗଦାନ କରି ପ୍ରଶଂସାର ପାତ୍ର ହେବା ସହିତ ମିଳିମିଶି ସେବା କାର୍ଯ୍ୟକଲେ ରାଷ୍ଟ୍ର ଗଠନ ହେବ ବୋଲି ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ସଭାପତିମାନେ ମତବ୍ୟକ୍ତ କରିଥିଲେ।

## ରକ୍ତଦାନ ଶିବିର; ୪୩ ୟୁନିଟ୍ ସଂଗ୍ରହ

**ବରଗଡ଼, ୧୯ ।୧୦(ସମିସ):** ଉତ୍କଟ ରକ୍ତ ଅଭାବକୁ କିଛି କାଂଶରେ ଦୂର କରିବା ପାଇଁ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଧୀନ ବହଲପାଲି ଗ୍ରାମର ବିଜୟ କ୍ଲବ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବହଲ ପାଲି ସ୍କୁଲର ପ୍ରଧାନ ଶିକ୍ଷକ ବାଲକୃଷ୍ଣ ପଣ୍ଡା ଯୋଗ ଦେଇ ଥିବାବେଳେ ନିମନ୍ତ୍ରିତ ଅତିଥି ଭାବରେ ନିଷ୍ଠା ପରିବାରର ଉପଦେଷ୍ଟା କ୍ଷୀରୋଦ୍ର ସାହୁ ଓ ସଭାପତି ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ଥିଲେ। ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ମୋଟ ୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିର କୁ ବିଜୟ କ୍ଲବ ର ସଭାପତି ମାନଭଞ୍ଜନ ସାହୁ ସମ୍ପାଦକ ସୁବ୍ରତ ପଧାନ, ଉମାକାନ୍ତ ସାହୁ, ସୁଧୀର ପଧାନ, ଯୋଗେଶ୍ୱର ରଥ ବିଜୟ କ୍ଲବର ସ୍ୱେଚ୍ଛାସେବୀ ଓ ନିଷ୍ଠା ପରିବାର ର ସଦସ୍ୟ ମାନେ ସୁପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ବିଜୟ କ୍ଲବ କୁ ନିଷ୍ଠା ପରିବାର ତରଫରୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଜୋନାଲସ୍ତରୀୟ କଳା ଉତ୍ସବ

**ବରଗଡ଼, ୧୯।୧୦(ସମିସ):** ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର କୃତି ପ୍ରତିଯୋଗୀ ମାନଙ୍କୁ ନେଇ ଜୋନାଲ ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବିଡିଓ ବ୍ରେସିଅସ ଡୁଙ୍ଗ ଡୁଙ୍ଗ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ, ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ, ନାଟ୍ୟ ନିର୍ଦ୍ଦେଶକ ସଞ୍ଜୟ ବେହେରା, ସନ୍ତୋଷ ପଣ୍ଡା, ସଙ୍ଗୀତଜ୍ଞ ଗୋପାଳ ପ୍ରସାଦ ମିଶ୍ର, ଗୁରୁ ପ୍ରମୋଦ ଦାଶ, ଚିତ୍ରଶିଳ୍ପୀ ମନୋଜ ଜେନା, ଆଶୁତୋଷ ଛତର, ଶିକ୍ଷକ ଅରବିନ୍ଦ ଗୁପ୍ତା, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ପ୍ରତିଯୋଗୀ ମାନଙ୍କ କଳାକୁ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷୟିତ୍ରୀ ଜୟ ଲକ୍ଷ୍ମୀ ସାହୁ ଓ ଗୋବିନ୍ଦ ସେଟ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସର୍ବ ଭାରତୀୟ କଳା ସଂସ୍କୃତି ଫେଡେରେଶନର ଅଧ୍ୟକ୍ଷ ଚୈତନ୍ୟ ପାଇକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜନ ଜାତି ସଂଯୋଜକ ମିଥୁନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନା ହୋଇଥିବା ବେଳେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଓ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୋନାଲ ସ୍ତରୀୟ ଏହି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ମଙ୍ଗୁଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୋଶଳ ରାଇଜ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ବରଗଡ଼, ୧୯ ।୧୦(ସମିସ):** ଯୁବକ ସଂଘ ଠାରେ ଅଜିତ ଶତପଥୀଙ୍କର ସଭାପତିତ୍ୱରେ କୋଶଲ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରଥମ ବୈଠକ ବସିଥିଲା। ବୈଠକରେ କୋଶଲାଞ୍ଚଳର କୋଶଲ ବାଦୀ, ସାମାଜିକ, ଜାତି, ଚାଷୀ ଛାତ୍ର, ମହିଳା, ଯୁବ ସଙ୍ଗଠନମାନଙ୍କର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ବୈଠକରେ କୋଶଲ ପିତାମହ ବାଳ ଗୋପାଳ ମିଶ୍ର ଯୋଗ ଦେଇ ସରକାରଙ୍କ ଆଞ୍ଚଳିକ ବିଷମତା ବିରୋଧରେ ଏକାଠି ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପ୍ରମୋଦ ମିଶ୍ର ସ୍ୱାସ୍ଥ୍ୟ ଗତ କାରଣ ରୁ ଆସି ପାରି ନ ଥିବାରୁ ପଠେଇ ଥିବା ବାର୍ତ୍ତା ସର୍ବ ସମ୍ମୁଖ ରେ ପଠନ କରାଗଲା। ବୈଠକରେ ପାଖା ପାଖି ୩୩ ଟା ସଂଗଠନ କୋଶଲ ସମନ୍ୱୟ ସମିତି, କୋଶଲ ସେନା, କୋଶଲ ମୁକ୍ତି ମୋର୍ଚ୍ଚା, କୋଶଲ କ୍ରାନ୍ତି ସେନା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବା ସଂଘ, ବଗେଇ ବିରା ମିଲିଟାରୀ ଏକାଡେମୀ, ଦୃଷ୍ଟି ସେବା ସଂଗଠନ, ସମ୍ବିଧାନ ସୁରକ୍ଷା ମଞ୍ଚ, ଆଦିବାସୀ ସଂଘ, ସହଁରା ସମାଜ, ଅଭିଭାବକ ମହାସଂଘ, ମାହେଶ୍ୱରୀ ସେନା, ଅଟୋ ରିକ୍ସା ମାଲିକ ସଂଘ, ଯାଦବ ସମାଜ, ଅଲ ଓଡ଼ିଶା ଆଶା ସଂଘ, ଏକଲବ୍ୟ ଯୁବ ମୋର୍ଚ୍ଚା, ଲକ୍ଷେ ଘର ଗଣ୍ଡା ସମାଜ, ସାହୁ ସମାଜ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ, କୋଶଲ ସମାଜ, ଜୟ ଭାରତୀ ଶ୍ରମିକ ସଂଗଠନ, ନାଗାର୍ଜୁନ ବୁଦ୍ଧ ବିହାର କମିଟି, ଆମେ ଡୁମାଲ୍, ଭୀମ ଆର୍ମୀ, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଷ୍ଟୁଡେଣ୍ଟ ୟୁନିଅନ ଅଫ୍ କୋଶଲ, ଗନ୍ଧ ମାର୍ଦ୍ଦନ ଯୁବ ପରିଷଦ ଅନୁଷ୍ଠାନ ମାନଙ୍କର ନେତୃ ମଣ୍ଡଳୀ ମାନଙ୍କ ସର୍ବସମ୍ମତିକ୍ରମେ ଚାରି ଜଣିଆ ଉପଦେଷ୍ଟା ମଣ୍ଡଳୀ, ବାଳ ଗୋପାଳ ମିଶ୍ର, ପ୍ରମୋଦ ମିଶ୍ର, ଅଜିତ ଶତପଥୀ, ନରେନ୍ଦ୍ର ହୋତା ଗଠନ କରି ସାତଟି ପ୍ରସ୍ତାବ ପାରିତ କରାଗଲା। ପ୍ରତେକ ସଂଗଠନର ଜଣ ଜଣକୁ ନେଇ କୋଶଲ ସେନାପତି ଦାୟିତ୍ୱ ଦେବା ସହିତ ବିଧି ବଦ୍ଧ ଭାବେ କୋଶଲ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା। କୋଶଲ ବିଷୟରେ ମତାମତ କିମ୍ବା ପ୍ରେସ୍ ବାର୍ତ୍ତା କେବଳ ଉଭୟ କମିଟି ର ସହମତି ରେ ପ୍ରବକ୍ତା କେବଳ ପ୍ରେସ୍ ବାର୍ତ୍ତା ସୋସିଆଲ୍ ମିଡିଆରେ ପୋଷ୍ଟ କରିପାରିବେ। ଆସନ୍ତା ଡିସେମ୍ବର ମାସରେ ସଂଗଠନର ବୃହତ୍ କାର୍ଯ୍ୟକ୍ରମ ଭାବେ ମହା ବନ୍ଦ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକକୁ ଜଗନ ମେହେର ପରିଚାଳନା କରୁଥିବା ବେଳେ ବୀର୍ବଳ ମହାକୁର୍ ସଞ୍ଚାଳନ କରୁଥିବାବେଳେ ସୁନ୍ଦର୍ ଗଡ୍‌ରୁ ଦିଲ୍ଲୀପ ପଣ୍ଡା ସମ୍ବଲପୁରରୁ ବିରେନ୍ଦ୍ର ପାଣିଗ୍ରାହୀ ବଲାଙ୍ଗିରରୁ ଜନ୍‌ସନ୍ ନାଗ ସୋନପୁରରୁ ସରୋଜ ପଧାନ, ଝାରସୁଗୁଡ଼ାରୁ ଗଣେଶ ମଟାରି, ବରଗଡ଼ରୁ ସୁଦାମ ଚରଣ ପାତ୍ର, ଅଶୋକ ଛତର, ଅବିନାଶ ବିଶି ଏବଂ ମହିଳା ମାନଙ୍କ ମଧ୍ୟରେ ସୁନିତା ବାଗ, ବାସନ୍ତୀ ମେହେର୍, ରୀତା ବେହେରାଙ୍କ ସମେତ ଶହ ଶହ କୋଶଲ କର୍ମୀ ଯୋଗ ଦେଇଥିଲେ। ସୁଶୀଲ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପାଇକମାଲ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

**ପାଇକମାଲ, ୧୯।୧୦ (ସମିସ):** ପାଇକମାଲ ବ୍ଲକ ଠାରେ ପ୍ରଥମ ଥର ପାଇଁ ଟାଉନ୍ କ୍ଲବ୍ ତରଫରୁ ପାଇକମାଲ ବ୍ଲକ ନୃସିଂନାଥରେ ବିକେଏସଏସ ଉପ ସଭାପତି ତଥା ବରିଷ୍ଠ ଗବେଷକ ଡ.ଲଳିତ ଜଗତଙ୍କ ସଭାପତିତ୍ୱରେ ଲୋକ ମହୋତ୍ସବର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଟାଉନ୍ କ୍ଲବ୍ ପଦ୍ମପୁର ତରଫରୁ ପଦ୍ମପୁର ଲୋକ ମହୋତ୍ସବ କମିଟି ବୋଡାସମ୍ବର କଳାକାରଙ୍କୁ ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ପଦ୍ମପୁର ଲୋକ ମହୋତ୍ସବ କମିଟିର ଆବାହକ ଅଶୋକ ମିଶ୍ର, ଟାଉନ୍ କ୍ଲବ୍ ସମ୍ପାଦକ କୁନାଲ ପାଣିଗ୍ରାହୀ, ଉପସଭାପତି ନରେଶ ସାହୁ, ଦିନେଶ ବାରିକ, ଅଖିଳ ପଟ୍ଟନାୟକ, ଗବେଷକ କେଶରଞ୍ଜନ ପ୍ରଧାନ, ସୁରେନ୍ଦ୍ର ସାହୁ ଓ ରମେଶ ଗୁର୍ଲା, ନାଟ୍ୟକାର ଅଶୋକ ବହିଦାର, ସାମ୍ବାଦିକ ଗୋପବନ୍ଧୁ ଶିକା, ବିଜୟ ସାହୁ ପ୍ରମୁଖଙ୍କ ସମେତ ବ୍ଲକର ୨୨ଟି ପଞ୍ଚାୟତର କଳାକାର ଉପସ୍ଥିତ ଥିଲେ। ଆବାହକ ଅଶୋକ ମିଶ୍ର ଆସନ୍ତା ନଭେମ୍ବର ୨୨ ତାରିଖରେ ଲୋକ ମହୋତ୍ସବ ହେବ ବୋଲି ଜଣାଇଥିଲେ। ଏହାପରେ ୯ ଜଣିଆ କମିଟି ଗଠନ କରାଯାଇଥିଲା। କଳାକାର ମହାସଂଘ ସଭାପତି ତଥା ସର୍ଟ ଫିଲ୍ମ ନିର୍ଦ୍ଦେଶକ ପ୍ରେମସାଗର ଫୌଜଦାର ସଭାପତି, ବିକେଏସଏସ ଉପସଭାପତି ଡ.ଲଳିତ ଜଗତ, ଟାଇଲ ଚନ୍ଦ୍ର ଭୋଇ, ଶୁକଦେବ ବେରିଆ, ଗଣେଶ ସୁନା, କପୁରଚନ ଛତର, ସନାତନ ଦୀପ, ଲାଲ ସିଂ ବରିହା, ତାରଚନ୍ଦ ସୁନା, ସୁଶାନ୍ତ ନାଗ, ଯୋଗୀନ୍ଦ୍ର ଭୋଇ, ଦୁର୍ଲଭ ହରିପାଲ, ଫୁଲସିଂ ସୁନା, ବିଭୀଷଣ ସାହୁ, ଶାନ୍ତିଲାଲ ପ୍ରଧାନ, ସୁରେନ୍ଦ୍ର ପାତ୍ର, ଲୁକୁ ବାଗ, ଦିଆରୀ ତାଣ୍ଡି, ହରିହର ଭୋଇ, ଆଶାରାଣୀ ସୁନା, ଗଣେଶ କୁମ୍ଭାର, ଦୋଳମଣୀ କୁମ୍ଭାର ଉପସ୍ଥିତ ଥିଲେ। ଶେଷରେ ସୁରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ 'ମୁନି ଅଭିଯାନ' ସଚେତନତା

**ବରପାଲି, ୧୯ ।୧୦ (ସମିସ)**

ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ମମତା ପ୍ରକଳ୍ପ ଜାଗୃତି ଏର୍‌ଆଇଏମ୍‌ଏସ୍ ପକ୍ଷରୁ 'ମୁନି ଅଭିଯାନ' ସଚେତନତା ଆରମ୍ଭ ହୋଇଛି। ବରପାଲି ସହ ସୋହେଲା




ବ୍ଲକର ୨୫ଟି ଗ୍ରାମରେ ଅଭିଯାନର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଗର୍ଭବତୀ, ପ୍ରସୂତୀ ଏବଂ କିଶୋରୀ ବାଳିକାଙ୍କୁ ଉପଯୁକ୍ତ ପୋଷଣ ବିଷୟ ଉପରେ ସାମ୍ୟକ୍ ଧାରଣା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଷଣ ବଗିଚା ଉପରେ ୨୦ ଟି ଗ୍ରାମର ଲୋକଙ୍କୁ ଚିହ୍ନଟ କରାଯିବା ସହିତ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା। ମମତା ସଂସ୍ଥା ଜେନେରାଲ ମ୍ୟାନେଜର ମି. ରୋହିତଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଆଜିର ଦିନରେ ଆମେ କେମିତି ଭାବରେ ଜୈବିକ ଉପାୟରେ ପନିପରିବା ଜମିରେ ଉତ୍ପାଦନ କରାଯିବା ଶୈଳି, ରାସାୟନିକ ସାରକୁ ବର୍ଜନ କରିବା, ରାସାୟନିକ ସାର ବ୍ୟବହୃତ ପନି ପରିବା ଖାଇଲେ ଆମ ଶରୀର ଓ ସ୍ୱାସ୍ଥ୍ୟର ଅବନତି ସମ୍ବନ୍ଧିତ ହୃଦ୍‌ଘାତ, ସୁଗର, ରକ୍ତଚାପ ରୋଗର ଉତ୍ପତ୍ତି ଉପରେ ବୁଝାଇଥିଲେ। ରାସାୟନିକ ସାର ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ସହ ଜୈବିକ ଖତକୁ ଗୁରୁତ୍ୱ ଦେବାକୁ ପ୍ରବର୍ତ୍ତାଇଥିଲେ। ସେହିପରି ଜୈବିକ ଖତ ତିଆରି ସମ୍ପର୍କରେ ତାଲିମ ମଧ୍ୟ ଦିଆଯାଇଥିଲା। ଏହି ଅବସରରେ ୨୦ ପ୍ରକାର ମଞ୍ଜି ଦିଆଯିବା ସହିତ ନିଜ ବାଡ଼ିରେ ଲଗାଇବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ସେହିପରି ତାଲିମ ଦେବା ଅବସରରେ ପଥ ପ୍ରାନ୍ତ ନାଟକ ମାଧ୍ୟମ ରେ ମଧ୍ୟ ଲୋକ ମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ କୁ ମମତା ର ଜିଲ୍ଲା ସଂଯୋଜକ ଅଦିତି ଜାନାଙ୍କ ସହିତ ମମତାର ସମସ୍ତ ବିଏସ ଯଶୋବନ୍ତ ପୂଜାରୀ, ସୋମ୍ୟ ବାରିକ ଓ କ୍ଷୀରସିନ୍ଧୁ ଭୋଇ, କ୍ଷୀରୋଦ୍ରୀ ପଧାନ, ମହାଦେବ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ଆଲୋକ ମେହେର, ମୁକେଶ ଚୌହାନ, ଘନଶ୍ୟାମ ଭୋଇ, ଜୀବର୍ଦ୍ଧନ ସାହା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।






# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।
- ସିଭି ରମଣ

ସକାଳ THE SAKALA

## ଆତସ ଆତଙ୍କ

ଆମର ଏହି ଅଗ୍ରଲେଖ ପାଠ କରିବା ବେଳକୁ ପାଠକମାନେ ଦୀପାବଳୀ ପାଳନର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଥିବେ ଏବଂ ପସନ୍ଦ ମୁତାବକ ବାଣ କିଣିସାରିଥିବେ। ତଥାପି ସଚେତନଧର୍ମୀ ଗଣମାଧ୍ୟମର ଦାୟିତ୍ୱ ଭାବେ ଆମେ ସେ ବିଷୟରେ କିଛି ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ବାଣ(ଆତସବାଜି)ର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ଆଉ ଲୋକମାନଙ୍କର ଅଜ୍ଞତା ବିଶେଷ ନାହିଁ। ତଥାପି କେବଳ ବାଣ ଫୁଟାଇବାର ପ୍ରତିଯୋଗୀ-ମାନସିକତା ଯୋଗୁଁ ଦେଶରେ ବର୍ଷକୁ ବର୍ଷ ବାଣ ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ବଢ଼ିବାରେ ଲାଗିଛି। ତତ୍କାଳ ପ୍ରଭାବରେ ବାୟୁମଣ୍ଡଳ ବିଷାକ୍ତ ଧୂଆଁ ଓ ଶବ୍ଦରେ ପରିପୂର୍ଣ୍ଣ ହୋଇପଡୁଛି। ବିଶେଷକରି ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତି ଉତ୍କଟ ସ୍ତରକୁ ଚାଲିଯାଉଛି। ଲୋକଙ୍କୁ ଏହି ବିଷମୟ ଆନନ୍ଦ ଉପଲବ୍ଧିରୁ ନିବୃତ କରିବା ପାଇଁ ବ୍ୟାପକ ସଚେତନ କରାଯାଉଥିଲେ ହେଁ ଫଳପ୍ରଦ ହେଉନାହିଁ। ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରି ଦିଲ୍ଲୀ ଅଞ୍ଚଳରେ ବାଣ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏବଂ ଚଳିତ ବର୍ଷ ଦେଶର ସବୁ ଅଞ୍ଚଳରେ ଲାଗୁ କରାଯିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଲୋକଙ୍କ ବାଣ ଫୁଟା ଜିଦ୍ ଆଗରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିରୂପାୟ ଓ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି। ତେଣୁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଗ୍ରୀନ୍ କ୍ରାକର ବା ସବୁଜ ବାଣର ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାତ୍ର କିଛି ଘଣ୍ଟା ପାଇଁ ବିକ୍ରି କରିବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ସବୁଜ ବାଣ ନାମରେ ବିକ୍ରି ହେଉଥିବା ଆତସ କେତେ ସବୁଜ ବା ପରିବେଶ ଅନୁକୂଳ ତାହା ପ୍ରମାଣ କରିବାର ଉପାୟ ନାହିଁ। କାରଣ ଆମ ମାନବ ସମ୍ବଳ ଏତେ କମ୍ ଏବଂ ବ୍ୟବସ୍ଥା ଏତେ ଦୁର୍ବଳ ଯେ ଖୋଲା ବଜାରରେ ବିକ୍ରି ହେଉଥିବା ସବୁଜ ବାଣ ର ଖୋଳପା ଭିତରେ ପାରମ୍ପରିକ ବାଣ ବିକ୍ରି ହେଉଥିବା ମଧ୍ୟ ଅସମ୍ଭବ ନୁହେଁ। ଏହାଛଡ଼ା ଖାଣ୍ଟି ସବୁଜ ବାଣ ଯେ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ତାହା ମଧ୍ୟ ନିଶ୍ଚିତ ନୁହେଁ। ନିକଟରେ ଆପୋଲୋ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନଧର୍ମୀ ବାର୍ତ୍ତାଟିଏ ଦେଇ କହିଛନ୍ତି ଯେ ସବୁଜ ବାଣ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ। ପାରମ୍ପରିକ ବାଣଠାରୁ ଏହା କେବଳ ୩୦% ପ୍ରଦୂଷଣ ହ୍ରାସ କରିପାରେ। ତେଣୁ ସବୁଜ ବାଣ ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ।

ଏଠାରେ ପ୍ରଶ୍ନ ଉଠୁଛି ପରିବେଶକୁ ନିଜ ହାତରେ ଜାଣିଶୁଣି ବିଷାକ୍ତ କରି ଉତ୍ସବ ପାଳନ କ'ଣ ନିହାତି ଜରୁରୀ। ମାତ୍ର ଦୁଇ/ତିନି ଦଶନ୍ଧି ଭିତରେ ଦେଶର ସାମାଜିକ-ଅର୍ଥନୈତିକ ଚିତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପୂର୍ବାପେକ୍ଷା ଯାନବାହନ ଓ ଜୀବାଶ୍ମ ଇନ୍ଧନ ଦହନ ମାତ୍ରା ଏତେ ବଢ଼ିଯାଇଛି ଯେ ବାୟୁର ସ୍ୱାଭାବିକ ମାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏବେ ସମୟ ଆସିଛି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିବାର। କିନ୍ତୁ ଆମେ ତା'ର ବିପରୀତ ଆଚରଣ କରୁଛୁ। ପରମ୍ପରା ଓ ପର୍ବ ନାମରେ ପାଳନ ହୋଇଆସୁଥିବା ବାଣଫୁଟା ଅଭ୍ୟାସକୁ ଯଥାଶୀଘ୍ର ତ୍ୟାଗ ନ କଲେ ଆଗକୁ ପରିସ୍ଥିତି ଭୟାବହ ହୋଇପାରେ। ଏ ଦିଗରେ ସରକାରୀ ତତ୍ପରତା ସହିତ ଲୋକ ସଚେତନତା ମଧ୍ୟ ଅନେକ ମହତ୍ତ୍ୱ ରଖେ।



ପ୍ରଥମ କଥା ହେଲା ନିର୍ଦ୍ଦେଶନାମା ଆସିବାର ଯଥେଷ୍ଟ ଆଗରୁ ବିଭିନ୍ନ ପ୍ରଦୂଷଣସୃଷ୍ଟିକାରୀ ବାଣ ସବୁ ବଜାରକୁ କିମ୍ବା ଗ୍ରାହକଙ୍କ ହାତକୁ ଯଥେଷ୍ଟ ଆଗରୁ ଏଥର ଚାଲିଯାଉଛି। ଦ୍ୱିତୀୟ କଥା ହେଲା ବାଣ ଫୁଟାକୁ ନିୟନ୍ତ୍ରଣ କରିବା ଏବଂ ସବୁଜ ଓ ପ୍ରଦୂଷିତ ଆତସବାଜି ମଧ୍ୟରେ ଥିବା ପାର୍ଥକ୍ୟ ଦେଖିବାକୁ ସରକାର କିମ୍ବା ପୁଲିସ ପ୍ରଶାସନ ପାଖରେ ଯଥେଷ୍ଟ ଲୋକଶକ୍ତି ତଥା ସାଧନ ନାହିଁ। ତେଣୁ ଅଦାଲତ ଅଥବା ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି। ତେଣୁ ବାଣ ଯେପରି ଫୁଟୁଥିଲା, ତା'ଠାରୁ ଅଧିକ ଫୁଟୁଛି ଏବଂ ତତ୍‌ଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାଣଫୁଟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଉତ୍ପାଦନର ଉତ୍ସକୁ ଜଗିବାକୁ ପଡ଼ିବ। ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ବାଣ ବ୍ୟବହାର କମି ପାରନ୍ତା। କିନ୍ତୁ ସଚେତନ ଓ କଟକଣା ଦାୟିତ୍ୱରେ ଥିବା ପକ୍ଷ ଯଦି ବାଣ କିଣା ଓ ବାଣ ଫୁଟାକୁ ଆନନ୍ଦ ନାମରେ ଅଗ୍ରାଧିକାର ଦେବ ତେବେ ବାଣଫୁଟା କମିବ କେମିତି?

ଏକଦା ଆନନ୍ଦର ଉତ୍ସ ଆତସ ଏବେ ଆତଙ୍କର ରୂପ ନେବାରେ ଲାଗିଛି। ବେଳ ହୁଁ ସଚେତନ ନ ହେଲେ ଏହି ଅଦୃଶ୍ୟ ଆତଙ୍କ ଆମ ପରିବେଶ ସହିତ ଉତ୍ତରପିଢ଼ିଙ୍କୁ ପଙ୍ଗୁ କରିଦେବା ଅସମ୍ଭବ ନୁହେଁ। 'ରୋଗୀଣା ଭାରତ'ର ଅପବାଦ ଅର୍ଜନ କରିବା ପୂର୍ବରୁ ଏବେଠାରୁ ପ୍ରତିକାର ଓ ପ୍ରତିରୋଧ ଆରମ୍ଭ ହେବା ଆବଶ୍ୟକ। ନ ହେଲେ ଉତ୍ତରପିଢ଼ି ଆମକୁ କ୍ଷମା ଦେବ ନାହିଁ। ଏ ଦାୟିତ୍ୱ ଏବେ ଅଭିଭାବକଙ୍କର।

# ଗଣତନ୍ତ୍ରର ବିବର୍ତ୍ତନଧାରା

**ଡ. ବିମଳ ଷଡ଼ଙ୍ଗୀ**

ଭେନେଜୁଏଲାର ବିରୋଧୀଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୫ମସିହାର ଶାନ୍ତି ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ଅତ୍ୟନ୍ତ ଖୁସିର ଖବର। ମାତ୍ର ଭେନେଜୁଏଲାରେ ପୂର୍ବ ପ୍ରଚଳିତ ଗଣତନ୍ତ୍ରର ବିଲୟ ପ୍ରକ୍ରିୟା ମଧ୍ୟ ପ୍ରଣିଧାନଯୋଗ୍ୟ। ଭେନେଜୁଏଲା ଏକଦା ଲାଟିନ୍ ଆମେରିକାର ସବୁଠାରୁ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ଥିଲା, ଯାହାର ଶାସନ ବ୍ୟବସ୍ଥା ଗଣତନ୍ତ୍ରରୁ ଏକଚ୍ଛତ୍ରବାଦୀକୁ ପରିବର୍ତ୍ତନ ଅପ୍ରତ୍ୟାଶିତ ନଥିଲା। ଏହା ଏକ ଧୀର ଲୁକ୍କାୟିତ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ତଥାକଥିତ ନେତାମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଅର୍ଥାତ ନେତାମାନେ ଯେତେବେଳେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭିତରୁ ଫାଙ୍କା କରି ସ୍ୱେଚ୍ଛାଚାରୀ ପଦକ୍ଷେପକୁ ଯଥାର୍ଥ ଦର୍ଶାନ୍ତି, ପ୍ରତାରଣା ପୂର୍ଣ୍ଣ ଭାଷଣବାଜି ଓ ନୀଚକାର୍ଯ୍ୟ ସାହାରାରେ ନିଜ ସପକ୍ଷରେ ଜନସମର୍ଥନର ଫଳାଫଳକୁ ଅକ୍ତିଆର କରନ୍ତି ଏବଂ ଆଇନକୁ ରାଜନୀତିକରଣ, ଭିନ୍ନମତକୁ ଦମନ, ସଂସ୍ଥାଗତ ବ୍ୟବସ୍ଥାକୁ ଭାଙ୍ଗିବା ଆଦି କାର୍ଯ୍ୟରେ ଲିପ୍ତ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଥାଏ।

ପ୍ରତ୍ୟେକ ଦେଶର ସମ୍ବିଧାନର ନିୟମ ଅନୁସାରେ କିଛି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ଜନତାଙ୍କ ଭୋଟ ଆଧାରରେ ଶାସନ କ୍ଷମତାକୁ ଆସି ଜନତାଙ୍କ ପାଖରେ ଉତ୍ତରଦାୟୀ ରହି ଜନତାଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସମସ୍ୟାକୁ ସମାଧାନ କରିବାର ସଂକଳ୍ପ ନେଇଥା'ନ୍ତି। ମାତ୍ର ଗଣତନ୍ତ୍ରର ଯାତ୍ରା ଦାର୍ଶନିକ ବିତର୍କ, ରାଜନୈତିକ ସଂଘର୍ଷ, ଭ୍ରଷ୍ଟାଚାର, ଆତ୍ମକୈନ୍ଦ୍ରିକ ଆଚାର, ହିଂସା, ପରଶ୍ରୀକାତରତା, କ୍ଷମତାର ଅପବ୍ୟବହାର ଆଦି ସାମାଜିକ ପରିବର୍ତ୍ତନରେ ପରିପୂର୍ଣ୍ଣ ହୋଇଚାଲେ। ଗଣତନ୍ତ୍ର ବାସ୍ତବତାରୁ ବହୁଦୂରକୁ ଚାଲିଯାଏ। ଗଣତନ୍ତ୍ରକୁ ଅପବ୍ୟବହାର କରି ବିଜୟୀ ଦଳର ଏକଚ୍ଛତ୍ରବାଦୀ କାର୍ଯ୍ୟକଳାପ ନୂତନ ପିଢ଼ିର ସ୍ଥାୟିତ୍ୱ ପାଇଁ ବିପଦ ଆଣେ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଗଣତନ୍ତ୍ର ତା'ର ଜନ୍ମସ୍ଥାନ ଏଥେନ୍ସରୁ ଯାତ୍ରା ଆରମ୍ଭ କରିଥଲା। ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ବିଂଶ ଶତାବ୍ଦୀରେ ବିଶ୍ୱଯୁଦ୍ଧ ଓ ଉପନିବେଶୀକରଣ ଆନ୍ଦୋଳନ ପରେ ୟୁରୋପ, ଏସିଆ ଓ ଆଫ୍ରିକାରେ ଅନେକ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇଥିଲା। ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ, ମହିଳା ମତଦାନ, ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ୧୯୪୭ ରୁ ୧୯୯୧ ମସିହା ମଧ୍ୟରେ ଗଣତାନ୍ତ୍ରିକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ସାମ୍ୟବାଦୀ ଶାସନ ମଧ୍ୟରେ ଏକ ବିଶ୍ୱ ଏକ ଆଦର୍ଶଗତ ଯୁଦ୍ଧ ଦେଖିଥିଲା। ବିଂଶ ଶତାବ୍ଦୀରେ ଭାରତ ପରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜନ୍ମପରେ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ମାତ୍ର ନିକଟରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ବୁର୍କିନା ଫାସୋ ଆଦି ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅପ୍ରାସଙ୍ଗିକ ରୂପକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ଆଜି ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ କରିଦେଇଛି।

ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାର ବିକୃତ ରୂପ ପାଇଁ ୨୦୨୫ମସିହା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ନେପାଳରେ ଏକ ବିସ୍ଫୋରଣ ସୃଷ୍ଟି କରିଥିଲା। ନେପାଳର ସମ୍ବିଧାନ ମତାମତ ଏବଂ ବିଭିନ୍ନ ସଭାର ସ୍ୱାଧୀନତା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଦେଇଥାଏ। ଜାତିଗତ, ଆଞ୍ଚଳିକ ଓ ପରିଚୟଭିତ୍ତିକ ଆନ୍ଦୋଳନ ଗଣତାନ୍ତ୍ରିକ ଭାବରେ ଉପେକ୍ଷିତ ଗୋଷ୍ଠୀ ଯଥା ମାଧେସୀ, ଥରୁ, ଜନଜାତି, ଦଳିତ ଉପରେ ହେଉଥିବା ଅଶାନ୍ତିର ପ୍ରତିବାଦ ସ୍ୱରୂପ ଆରମ୍ଭ ହୋଇଥିଲା ଏବଂ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା। ମାତ୍ର ଶାସକ ଦଳର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମନମୁଖି ଗିରଫଦାରୀ ଅଗଣତାନ୍ତ୍ରିକ ଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଦମନ ନୁହେଁ, ବରଂ ଆଲୋଚନା ଏବଂ ଆଇନଗତ ପ୍ରତିକାର ସହିତ ପ୍ରତିକ୍ରିୟା ଦେବା ଉଚିତ। ପ୍ରତିବାଦ ଉପରେ କଟକଣା, ରାଜନୈତିକ ଅଚଳାବସ୍ଥା ସମୟରେ ନାଗରିକ ସମାଜ ପ୍ରତିବାଦ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ସ୍ୱାଧୀନତା ଏବଂ ଆଇନର ଶାସନ ଉପରେ ବିବାଦ ସହିତ ଜଡ଼ିତ ଅଶାନ୍ତି, ସାମ୍ବିଧାନିକ ବିଲୟ, ଦୁର୍ନୀତି ମାମଲା, ଗଣତାନ୍ତ୍ରିକ ପ୍ରତିଷ୍ଠାନର ଭଙ୍ଗୁରତାକୁ ସୂଚାଉଥିଲା। ଯେତେବେଳେ ନେତାମାନେ ଜନକଲ୍ୟାଣ ଅପେକ୍ଷା ଦଳୀୟ ଓ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ସେତେବେଳେ ଜନଅସନ୍ତୋଷ ଦେଖାଯାଏ।

ଶ୍ରୀଲଙ୍କାରେ ପୂର୍ବତନ ରାଷ୍ଟ୍ରପତି ରାଜପକ୍ଷେ ପରିବାରର ପ୍ରାଧାନ୍ୟ, ମିଥ୍ୟା ଲୋକବାଦୀ ଭାଷଣବାଜି ମାଧ୍ୟମରେ କ୍ଷମତାର କେନ୍ଦ୍ରୀକରଣ, ରାଷ୍ଟ୍ର ସମ୍ବଳର ଅପବ୍ୟବହାର ଯୋଗୁଁ ଗଣତାନ୍ତ୍ରିକ ସନ୍ତୁଳନର କ୍ଷୟ ହୋଇଥିଲା। ତେଣୁ ଆର୍ଥିକ ଅସ୍ଥିରତା ଏବଂ ଅସମାନତା, ଉଚ୍ଚ ଦାରିଦ୍ର୍ୟ, ବେକାରୀ ଓ ମୁଦ୍ରାସ୍ଫୀତି ଗଣତାନ୍ତ୍ରିକ ସରକାର ଉପରେ ବିଶ୍ୱାସକୁ ହ୍ରାସ କରିଥିଲା। ଫଳରେ ୨୦୨୨ମସିହାରେ ଶ୍ରୀଲଙ୍କାର ଅର୍ଥନୈତିକ ପତନ ଜନବିରୋଧ ସୃଷ୍ଟି କରିଥିଲା, ଯାହା ରାଷ୍ଟ୍ରପତିଙ୍କ ଇସ୍ତଫାର କାରଣ ହୋଇଥିଲା। ଏହା ଗଣତାନ୍ତ୍ରିକ ଅବକ୍ଷୟର ଏକ ସଙ୍କେତ ଭାବରେ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରିଥିଲା।

ବାଂଲାଦେଶରେ ଧର୍ମନିରପେକ୍ଷ ଓ ଇସଲାମିକ ଶକ୍ତି ମଧ୍ୟରେ ଉତ୍ତେଜନା ରାଜନୈତିକ ଅସ୍ଥିରତା ଏବଂ ସଂଖ୍ୟାଲଘୁ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ବାହ୍ୟ ପ୍ରଭାବ ଭାବରେ କିଛି ଶକ୍ତିଶାଳୀ ଦେଶ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ କେତେକ ସମୟରେ ଘରୋଇ ରାଜନୀତିରେ ହସ୍ତକ୍ଷେପ କରିପାରନ୍ତି ବା ଶାସନକୁ ସମର୍ଥନ କରିପାରନ୍ତି କିମ୍ବା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଗଣତନ୍ତ୍ରକୁ ଦୁର୍ବଳ କରିପାରନ୍ତି। ତେଣୁ ଶାସନରେ ରହିବାକୁ ହେଲେ ଦେଶ ଭିତର ସମସ୍ୟା ସହିତ ବାହ୍ୟଶତ୍ରୁଙ୍କ କାର୍ଯ୍ୟକଳାପକୁ ସବୁସମୟରେ ନଜର ରଖିବାକୁ ପଡ଼ିଥାଏ। ସେହିପରି ୧୯୮୪ ମସିହାରେ ସ୍ୱାଧୀନ ରାଷ୍ଟ୍ର ବୁର୍କିନା ଫାସୋ ଏକ ବିକାଶଶୀଳ ଦେଶ ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଦୁର୍ନୀତି, ଅନ୍ୟାୟ, ପ୍ରିୟାପ୍ରୀତି ତୋଷଣ, ବେକାରି, ଖାଦ୍ୟାଭାବ ଆଦି ପ୍ରମୁଖ କାରଣ ସହିତ ମାଲି, ନିଜେର୍, ଗିନି ଭଳି ପଡ଼ୋଶୀ ଦେଶଗୁଡ଼ିକର ସାମରିକ ବିପ୍ଳବ ସେମାନଙ୍କୁ ସାମରିକ ଶାସନ ପ୍ରତି ଆକୃଷ୍ଟ କରିଥିଲା।

ଏସବୁକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ଆଧୁନିକ ଯୁଗରେ ଗଣତନ୍ତ୍ରର ପରିଭାଷାକୁ ପୁନଃ ବ୍ୟାଖ୍ୟା କରାଯିବାର ସମୟ ଆସିଯାଇଛି। ଡିଜିଟାଲ ଯୁଗରେ ପୁରୁଣା ଗଣତନ୍ତ୍ର ପଦ୍ଧତିକୁ ନୂଆ ରୂପରେ କିଛି ଉଦାହରଣ ସହିତ ବିକଶିତ କରାଯାଇପାରେ ଏବଂ ଏକ ମୌଳିକ ଉପାଦାନ ଭାବରେ ଡିଜିଟାଲ ଅଂଶଗ୍ରହଣକୁ ଅନ୍ତର୍ଭୁକ୍ତ କରି ଗଣତନ୍ତ୍ରକୁ ବିକଶିତ କରାଯାଇପାରେ। ଏଷ୍ଟୋନିଆ, ବ୍ରାଜିଲ ନ୍ୟୁୟର୍କ, କାଲିଫର୍ଣ୍ଣିଆ, ନ୍ୟୁଜିଲ୍ୟାଣ୍ଡର 'ନାଗରିକ ସଭା', ଫିନଲ୍ୟାଣ୍ଡର ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ଓ ସମାଲୋଚନାତ୍ମକ ଚିନ୍ତାଧାରା ସହିତ 'ଡିଜିଟାଲ୍ ଗଣତନ୍ତ୍ର' ଆଡ଼କୁ ଅଗ୍ରସର ହେଉଛନ୍ତି, ଯାହା ନାଗରିକମାନଙ୍କୁ ଅନଲାଇନରେ ଭୋଟ ଦେବା ଏବଂ ଇ-ସରକାରୀ ସେବାରେ ଅଂଶଗ୍ରହଣ କରିବାର ଅନୁମତି ଦେଇଛି। କେବଳ ନୀତି ଉପରେ ଭୋଟ ଦେବା ପରିବର୍ତ୍ତେ, ନାଗରିକମାନେ ଅର୍ଥପୂର୍ଣ୍ଣ ଆଲୋଚନା, ବିତର୍କ ଏବଂ ନିଷ୍ପତ୍ତି ଗ୍ରହଣରେ ସାମିଲ ହୋଇପାରୁଛନ୍ତି। ଭବିଷ୍ୟତ ପାଇଁ ଏକ ଶିକ୍ଷିତ ଭୋଟର ଭାବରେ ନିଜର ଅଧିକାର ସର୍ବତ୍ର ସାବ୍ୟସ୍ତ କରିପାରୁଛନ୍ତି। ହାନ ନା ଆରେଣ୍ଟ କହିଥିଲେ ଯେ ଏକ ଗୋଷ୍ଠୀତାନ୍ତ୍ରିକ ଶାସନ ମଣିଷର ବ୍ୟକ୍ତିଗତ ଭାବନା, ମତ ଓ ଶ୍ରଦ୍ଧାକୁ ଧ୍ୱଂସ କରେ। ସେ ବିଶ୍ୱାସ କରୁଥିଲେ ଯେ ମଣିଷ ମଧ୍ୟରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ, ଯାହା ଆବଶ୍ୟକ। ଅର୍ଥାତ ଦୁଇଜଣ ଲୋକ କେବେ ବି ସମାନ ହୋଇପାରିବେ ନାହିଁ। ତାଙ୍କ ମତରେ ଏହି ବିଭିନ୍ନତା ମଧ୍ୟରେ ମତ ଭିନ୍ନତା, ସଂଘର୍ଷ ଓ ଆଲୋଚନା ଦ୍ୱାରା ଲୋକତନ୍ତ୍ର ଶକ୍ତିଶାଳୀ ହୁଏ।

ଗାଲଟୁଙ୍ଗ୍ କହିଥିଲେ ଯେ ହିଂସା କେବଳ ଶାରୀରିକ ନୁହେଁ। ସମାଜ ଓ ରାଜନୈତିକ ପ୍ରଣାଳୀ ମଧ୍ୟରେ ଥିବା ଅନ୍ୟାୟ ବ୍ୟବସ୍ଥା ମଧ୍ୟ ହିଂସା ରୂପ। ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଜାତିବାଦ, ଲିଙ୍ଗ ବେଦଭାବ, ଏମାନେ ଗୁପ୍ତ ହିଂସାର ଆକାର। ବିବିଧତା ହେଉଛି ପାର୍ଥକ୍ୟତାର ଏକ ଉତ୍ସବ ଏବଂ ପାର୍ଥକ୍ୟ ହେଉଛି ଗଣତନ୍ତ୍ରର ଏନଜାଇମ୍। ଗଣତନ୍ତ୍ରକୁ ବହୁସଂଖ୍ୟକବାଦର ଆବଶ୍ୟକତା ନାହିଁ। ଏହାକୁ ବହୁସଂଖ୍ୟକବାଦର ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଅଧିକାଂଶ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ସବୁଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ। ଯେଉଁ ଦେଶରେ ଇଣ୍ଟରନେଟର ସୁବିଧାକୁ ରାଜନୀତିକରଣ କରାଯାଇଛି କିମ୍ବା ଦୁର୍ବଳ କରାଯାଇଛି ସେଠାରେ ନେତାମାନେ କ୍ଷମତାକୁ ଅପବ୍ୟବହାର କରିପାରିବେ ଏବଂ ବିରୋଧୀଙ୍କୁ ନିରବ କରିପାରିବେ, ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିପାରିବେ, ଧର୍ମ ନାମରେ ବିଭେଦ ସୃଷ୍ଟିକରିପାରିବେ, ଦେଶକୁ ଋଣଗ୍ରସ୍ତକରି ନିଜର ବା ନିଜ ଦଳର ପାଣ୍ଠି ବୃଦ୍ଧି କରିପାରିବେ, ନିଜର ପରିବାରକୁ ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ କରି ନିଜର ପ୍ରକୃତ ଦାୟିତ୍ୱ ଏଡ଼ାଇ ପାରିବେ। ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହାସଲ ପାଇଁ ଗଣତନ୍ତ୍ରକୁ କେବଳ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି ଏବଂ ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରନ୍ତି, ସେତେବେଳେ ଗଣତନ୍ତ୍ର ନିଜର ସତ୍ତା ହରାଏ। ଭବିଷ୍ୟତ ଗଣତନ୍ତ୍ରକୁ ନୈତିକତାର ଏକ ନୂତନ ଭାବନା ଏବଂ ବିଜ୍ଞାନ ଅପେକ୍ଷା ଅଧିକ ଉଦ୍ଭାବନଶୀଳ ହେବା ଆବଶ୍ୟକ। ଗଣତନ୍ତ୍ରକୁ ସମୃଦ୍ଧ, ସୁରକ୍ଷିତ ଓ ଶକ୍ତିଶାଳ କରିବା ପାଇଁ ବିଶେଷଜ୍ଞମାନଙ୍କ ଅପେକ୍ଷା ସମସ୍ତ ନାଗରିକ ନୀତି ନିର୍ଦ୍ଧାରଣର ଏକ ଅଂଶ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ବୁଭୁକ୍ଷୁର ମାନସିକତା

**ପ୍ରଶାନ୍ତ ମିଶ୍ର**

ଭୋକ କାହାକୁ ଛାଡ଼େ ନାହିଁ। ଜିତେନ୍ଦ୍ରିୟ ମୁନିଋଷିଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତଙ୍କୁ ଗ୍ରାସ କରେ। ଏପରି କି ଅମୃତ ପିଇଥିବା ଅମରମାନେ ବି ଭୋକର କବଳରୁ ନିଜକୁ ବଞ୍ଚାଇ ପାରନ୍ତି ନାହିଁ। ନଡ଼ିଆ କଦଳୀଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ରକ୍ତ ପର୍ଯ୍ୟନ୍ତ ବହୁଜିନିଷ ଭୋଗ ଲଗାଇ ଭକ୍ତଙ୍କୁ ତେଣୁ ସେମାନଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ପଡ଼େ। ଏହାଛଡ଼ା ଭୋକିଲା ପ୍ରାଣୀ ଆଗରେ ପାରମ୍ପରିକ ରୀତିସମ୍ମତ ଖାଦ୍ୟର କୌଣସି ମହତ୍ତ୍ୱ ରହେ ନାହିଁ। ଯାହା ତା' ଆଖିରେ ପଡ଼େ ସେ ଖାଇଯାଏ। ଭାବେ ତା'କୁ ମିଳିଥିବା ଜିନିଷ ହିଁ ତା'ର ଖାଦ୍ୟ ଏବଂ ସେ ଖାଦ୍ୟ ଉପରେ ତା'ର ପ୍ରଥମ ଅଧିକାର। ସେଇଥିପାଇଁ ବୋଧେ କବି ସଚ୍ଚି ରାଉତରାୟ ଲେଖିଥିଲେ - 'ଖାଦ୍ୟ ଥାଉ ଯେଉଁଠାରେ ତାହା ମୋର, ଯେଣୁ ମୁଁ କ୍ଷୁଧାର୍ତ୍ତ / ଥାଉ ତାହା ପୁଲିସ ଘେରରେ ଅବା କାହା ଗୋଦାମେ ଖମାରେ ତାହା ମୋର ଅଗ୍ର ଦାବି / ମୋ କ୍ଷୁଧାର ଅଂଶ।'

ଶାସ୍ତ୍ର ବି କ୍ଷୁଧାର୍ତ୍ତ ମଣିଷର ଅପାରମ୍ପରିକ ଖାଦ୍ୟ ଭକ୍ଷଣକୁ ସମର୍ଥନ କରେ। କହେ - ଏହା ଆପଦ ଧର୍ମର ରୀତି। ଅର୍ଥାତ ଆପଦ କାଳରେ ମଣିଷ ପ୍ରତିଷ୍ଠିତ ଧର୍ମ ଓ ପରମ୍ପରା ଅନୁଯାୟୀ ବର୍ଜନୀୟ କାର୍ଯ୍ୟ ବି କରିପାରେ। ଜୀବନ ଜଟିଳ। ମଣିଷ ଜୀବନ ଜଟିଳତର। କୌଣସି କଳାଧଳା ଡବାରେ ମଣିଷ ଜୀବନକୁ ରଖି ତା'ର ମୂଲ୍ୟାୟନ ସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଧର୍ମ ପରମ୍ପରା ଆଧାରିତ ମୂଲ୍ୟବୋଧ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ମଣିଷର ସହାୟକ ନ ହେବା ଏକ ସ୍ୱାଭାବିକ କଥା। କେତେକ ସୂତ୍ରରୁ ଜଣାପଡ଼େ ଯେ ବୁଦ୍ଧ ମାଂସାହାରକୁ ଉତ୍ସାହିତ କରୁ ନଥିଲେ। ତେବେ ଭୋକ ମେଣ୍ଟାଇବା ପାଇଁ ଭିକ୍ଷା ରୂପେ ଯାହା ବି ମିଳୁଥିଲା ତା'କୁ ଗ୍ରହଣ କରିବାରେ କୌଣସି ଆପତ୍ତି ନଥିଲା ତାଙ୍କର। ଭିକ୍ଷା ରୂପେ ମିଳିଥିବା ଦୂଷିତ ଘୁଷୁରି ମାଂସରେ ପ୍ରସ୍ତୁତ ଖାଦ୍ୟ ହିଁ ବୁଦ୍ଧଙ୍କ ମୃତ୍ୟୁର କାରଣ ହୋଇଥିଲା।

ମଧ୍ୟଯୁଗୀୟ ୟୁରୋପରେ ଖାଦ୍ୟାଭାବ ବେଳେ ଲୋକମାନେ ଘାସ, ବଣୁଆ ଗୁଳ୍ମ, ଗଛର ବକ୍କଳ ପ୍ରଭୃତି ଖାଉଥିଲେ। ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ମଣିଷକୁ ମୂଷା, ବିଲେଇ ଶିକାର କରି ଏବଂ ଚମଡ଼ା ସିଝାଇ ଖାଇବାକୁ ପଡୁଥିଲା। ୧୯୪୩ର 'ବେଙ୍ଗଲ୍ ଦୁର୍ଭିକ୍ଷ' ବେଳେ ଆଉ ଘଡ଼ିଏ ବଞ୍ଚି ରହିବା ପାଇଁ ଲୋକମାନେ ଅଖାଦ୍ୟ ଖାଉଥିଲେ ବା ଭୋକରେ ଛଟପଟ ହୋଇ ମରୁଥିଲେ। ଆଜି ବି ଭୋକରେ ମଣିଷ ମରୁଛି। ବୈଶ୍ୱିକ କ୍ଷୁଧାସୂଚୀ(ଗ୍ଲୋବାଲ୍ ହଙ୍ଗେର୍ ଇଣ୍ଡେକ୍ସ - ଜିଏଚ୍ଆଇ) ର ଆକଳନ ଅନୁସାରେ ଭାରତ ଗୁରୁତର କ୍ଷୁଧା (ସିରିଅସ୍ ହଙ୍ଗର୍) ଶ୍ରେଣୀଭୁକ୍ତ। ଜନସଂଖ୍ୟାର ଏକ ବୃହତ୍ତର ଅଂଶ କ୍ଷୁଧାପୀଡ଼ିତ ଏ ଦେଶରେ। ୨୦୨୪ରେ ୧୨୭ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତର ସ୍ଥାନ ୨୭.୩ ପଏଣ୍ଟ ସହ ୧୦୫ତମ ସ୍ଥାନରେ ଥିଲା। ୨୦୨୫ରେ ବି ସେଥିରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ। ୧୨୩ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତ ରହିଛି ୧୦୨ତମ ସ୍ଥାନରେ, ସେଇ ଗୁରୁତର କ୍ଷୁଧା ଶ୍ରେଣୀରେ।

ଏକ ରିପୋର୍ଟ ଅନୁଯାୟୀ ଭାରତର ୧୮୯.୨ ନିୟୁତ ଲୋକ ପେଟରେ ଭୋକର ନିଆଁ ନେଇ ରାତିରେ ଶେଯକୁ ଯାଆନ୍ତି। ଏମାନଙ୍କ ଭିତରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ। ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଖାଦ୍ୟର ସୀମିତ ସାନ୍ନିଧ୍ୟ, କୃଷି ଓ ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବେରୋଜଗାରୀ, ଦୁର୍ବଳ ପିଡିଏସ୍ ବ୍ୟବସ୍ଥା, ବିଷମ ସରକାରୀ ସହାୟତା ପ୍ରଭୃତି ଏହାର କାରଣ। ବିଶେଷକରି ଦୁର୍ଗମ ଗ୍ରାମାଞ୍ଚଳ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ସହରୀ ବସ୍ତିମାନଙ୍କରେ ଭୋକର ସମସ୍ୟା ଉତ୍କଟ। ତେବେ ଏକଥା ସତ ଯେ ଭୋକ କୌଣସି ଗ୍ରାମୀଣ କି ଆର୍ଥିକ ସମସ୍ୟା ନୁହେଁ। ଏହା ମଣିଷହିତ ବିରୋଧୀ ଏକ ସଙ୍କଟ ଏବଂ ଏହାର ନିରାକରଣ ଜରୁରୀ।

ଯେଉଁମାନେ ଖାଦ୍ୟାଭାବ କ'ଣ ଜାଣନ୍ତି ନାହିଁ ସେମାନେ ଭିନ୍ନ ଜାତିର ମଣିଷ। ବିଶ୍ୱ ଅସମାନତା ଲ୍ୟାବ ଦ୍ୱାରା ମାର୍ଚ୍ଚ ୨୦୨୪ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶ ସମ୍ପତ୍ତିର ୪୦.୧ ପ୍ରତିଶତ ସେମାନଙ୍କ ପାଖରେ। ଅନ୍ୟ କେତେକ ରିପୋର୍ଟ ମୁତାବକ ଏହା ୬୦ ପ୍ରତିଶତ। ଇଂରାଜୀରେ କହିଲେ ସେମାନେ 'ଅଲଟ୍ରାହାଇ ନେଟ୍ ୱର୍ଥ(ୟୁଏଚ୍ଏନ୍‌ଡବ୍ଲ୍ୟୁ) ଓ ହାଇ ନେଟ୍‌ୱର୍ଥ(ଏଚ୍ଏନ୍‌ଡବ୍ଲ୍ୟୁ) ଶ୍ରେଣୀର ବ୍ୟକ୍ତି। ମତ୍ତର୍ଣ୍ଣ ବୁର୍ଜୁଆ, ରାଜନୀତ. ଅର୍ଥନୀତି, ଶାସନ, ପ୍ରଶାସନ, ସାହିତ୍ୟ, ସଂସ୍କୃତି, ଗଣମାଧ୍ୟମ, ଧର୍ମ ସବୁକିଛି ଉପରେ ସେମାନଙ୍କ ପ୍ରଭାବ ବା ପ୍ରଭାବର ଛାଇ।

କାଶୀନଗର(ଗଜପତି)ମୋ: ୭୮୭୩୫୭୩୫୬୯

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଇନ୍ଦ୍ରମାରିଷ

**ସୌଭାଗ୍ୟସୁନ୍ଦର**

ଇନ୍ଦ୍ରମାରିଷ ହେଉଛି ଭାରତର ମୂଳଜାତ ଏକ କ୍ଷୁଦ୍ର ଉଦ୍ଭିଦ, ଯାହା ବର୍ତ୍ତମାନ ସାରାବିଶ୍ୱରେ ଉଷ୍ମମଣ୍ଡଳୀୟ ଓ ଉପ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ବଗିଚାରେ ଏକ ଉତ୍କୃଷ୍ଟ ଶୋଭା ବର୍ଦ୍ଧକ ହେଜ୍ ବା ବାଡ଼ ଉଦ୍ଭିଦ ଅଟେ। ଗୃହ ଆଭ୍ୟନ୍ତରୀଣ ଉଦ୍ଭିଦ ଭାବରେ ଇନ୍ଦ୍ରମାରିଷ ବାୟୁପ୍ରଦୂଷଣକୁ ଛାଣିବାରେ ସାହାଯ୍ୟ କରେ। ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଅନାବନା ଜମି, ରାସ୍ତା ପାର୍ଶ୍ୱ, ପଥୁରିଆ ପାହାଡ଼, ଜଙ୍ଗଲ ଦାଢ଼. ନଦୀ କୂଳ, କାନ୍ଥ ଫାଟରେ ବଢ଼ିଥାଏ।

ଇନ୍ଦ୍ରମାରିଷ ଏକ ଋତୁଭିତ୍ତିକ ବା ବର୍ଷବ୍ୟାପୀ ଶାଖାଯୁକ୍ତ କ୍ଷୁପ ବା କ୍ଷୁଦ୍ର ଗୁଳ୍ମ। ପ୍ରାୟ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ୁଥିବା ଏହି ଗୁଳ୍ମର କାଣ୍ଡ ରେଖାଯୁକ୍ତ ଓ ନରମ କେଶଯୁକ୍ତ। ପତ୍ରଗୁଡ଼ିକ ଅଣ୍ଡାକାର ଆକାରର ଏବଂ ସବୁଜ, ଲାଲ, ଗୋଲାପୀ, ହଳଦିଆ କିମ୍ବା ତମ୍ବା ରଙ୍ଗର ବିଭିନ୍ନ ବର୍ଣରେ ଆସିଥାଏ। ପତ୍ର ଡେମ୍ଫ ଲମ୍ବା, ପତ୍ରର ଧାର ମୂଳତଃ ୫ ଶିରା ବିଶିଷ୍ଟ ଏବଂ ତୀକ୍ଷ୍ଣ ବା କରତ-ଦନ୍ତି। ଏହାର ଅନନ୍ୟ ବହୁ ରଙ୍ଗୀ ପତ୍ର ପ୍ରଜାପତି ଏବଂ ବିଭିନ୍ନ ପକ୍ଷୀଙ୍କୁ ଆକର୍ଷିତ କରେ, ଯାହା ପରାଗ ସଙ୍ଗମରେ ସାହାଯ୍ୟ କରେ। କକ୍ଷରେ ଅବସ୍ଥିତ ପୁଷ୍ପୋଦ୍‌ଗମ କପ୍ ଆକୃତିର କୁଣ୍ଡଳି ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ। ଅଣ୍ଡିରା ଫୁଲଗୁଡ଼ିକ ଛୋଟ, ଧଳା-ସବୁଜ ରଙ୍ଗର ଗୁଳ୍ମର ଉପର ଭାଗରେ ଏବଂ ମାଈ ଫୁଲଗୁଡ଼ିକ ସବୁଜ ରଙ୍ଗର ତଳ ଭାଗରେ ଅବସ୍ଥିତ। ଫଳ ୩-ଲୋବ ବା ପାଳ ବିଶିଷ୍ଟ।

ଇନ୍ଦ୍ରମାରିଷର ଅନେକ ପାରମ୍ପରିକ ଔଷଧୀୟ ବ୍ୟବହାର ଅଛି। ତାମିଲ ସିଦ୍ଧ ଔଷଧୀୟ ଶାସ୍ତ୍ରରେ ଇନ୍ଦ୍ରମାରିଷ ଉଚ୍ଚ ସ୍ଥାନ ଅଧିକାର କରେ। କାରଣ ଏହା ଶରୀରକୁ ପୁନର୍ଜୀବିତ କରେ ବୋଲି ବିଶ୍ୱାସ କରାଯାଏ। ଭାରତର ପାରମ୍ପରିକ ଔଷଧରେ ଏହାର ପତ୍ରଗୁଡ଼ିକୁ ଜଣ୍ଡିସ୍ ପ୍ରତିକାର ଭାବରେ ବ୍ୟବହୃତ କରାଯାଏ। ଏହାଛଡ଼ା ଆଜମା, ନିମୋନିଆ, କଫ, ଯକୃତ, ବୃକ୍କ, ଅନ୍ତନଳୀ କୃମି, ପେଟ ଯନ୍ତ୍ରଣା ....... ଆଦି ଚିକିତ୍ସାରେ ଏହା ଅନେକ ପ୍ରଭାବଶାଳୀ ଔଷଧୀ। ମାଡାଗାସ୍କର ଓ ମରିସସରେ ଏହାର ପତ୍ରର ଚୂର୍ଣ୍ଣ ଓ ରସକୁ ଲୁଣ ସହିତ ମିଶ୍ରିତ କରି କିମ୍ବା କାଢ଼ା କରି କାଛୁ କୁଣ୍ଡେଇ ଘା' ଏବଂ ଅନ୍ୟାନ୍ୟ ଚର୍ମ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମାଡାଗାସ୍କରରେ ପତ୍ରର ଆବରଣକୁ ଶୁଦ୍ଧକାରୀ ଏବଂ ସିନ୍ଦୂର ଭାବରେ ମଧ୍ୟ ନିଆଯାଏ। ପୂର୍ବଆଫ୍ରିକାରେ ପତ୍ରର ରସକୁ ଆଖି ସଂକ୍ରମଣ ପାଇଁ ବ୍ୟବହାର କରାଯାଏ। ପତ୍ର ପାଉଡରକୁ ମାଗଟ ବା କୀଟ-ଆକ୍ରାନ୍ତ କ୍ଷତ ପାଇଁ ବ୍ୟବହାର କରାଯାଏ। ଏହାର କ୍ୱାଥ ରେଚକ ଅଟେ। ଏଥିରୁ ପ୍ରସ୍ତୁତ ହୋମିଓପାଥି ଔଷଧ ରକ୍ତ କାଶ, ଅର୍ଶ ରୋଗ, ବାୟୁ ଦୋଷ ଚିକିତ୍ସା ପାଇଁ ଉପଯୋଗୀ ଅଟେ। ଆଫ୍ରିକା ଓ ଭାରତରେ ଏହି ଗଛକୁ ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଏ। କିନ୍ତୁ ଏଥିରେ ଅନେକ ଆଲକାଲଏଡ୍ ସହିତ ହାଇଡ୍ରୋସାଇନିକ୍ ଏସିଡ୍ ରହିଥିବାରୁ ଖାଇବା ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଇନ୍ଦ୍ରମାରିଷରେ ଆକାଲିଫିନ୍ ନାମକ ଏକ ସାଇନୋଜେନିକ୍ ଗ୍ଲାଇକୋସାଇଡ୍ (ଏକ ୩-ସାଇନୋପାଇରିଡୋନ୍ ଡେରିଭେଟିଭ୍) ଏବଂ ଫ୍ଲାଭୋନଏଡ୍ସ, ଯେପରିକି କ୍ୟାମ୍ପଫେରୋଲ୍, ଗ୍ଲାଇକୋସାଇଡ୍ ମୌରିଟିଆନିନ୍, କ୍ଲିଟୋରିନ୍, ନିକୋଟିଫ୍ଲୋରିନ୍ ଏବଂ ବାୟୋରୋବିନ୍ ଥାଏ। ଟ୍ୟାନିନ୍, ବିଟା-ସିଟୋଷ୍ଟେରୋଲ୍, ଆକାଲିଫାମାଇଡ୍, ଅରାଣ୍ଟିଆମାଇଡ୍, ସକ୍ସିନିମାଇଡ୍ ଏବଂ ଫ୍ଲିଣ୍ଡର୍ସିନ (ଏକ ପାଇରାନୋକ୍ୱିନୋଲିନୋନ୍ ଆଲକାଲଏଡ୍) ମଧ୍ୟ ଏଥିରୁ ପୃଥକ କରାଯାଇଛି। ଇନ୍ଦ୍ରମାରିଷ ସମେତ ଅନେକ ଉଦ୍ଭିଦର ଉଷ୍ମତା ଦ୍ୱାରା ବିଲେଇମାନେ ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ସେଗୁଡ଼ିକର ଗନ୍ଧ ବାସନା ପ୍ରତିକ୍ରିୟାରେ ଆନନ୍ଦଦାୟକ ଆଚରଣ ପ୍ରଦର୍ଶନ କରନ୍ତି। ବିଲେଇମାନଙ୍କୁ ଆକର୍ଷିତ କରୁଥିବା ଏଥିରେ ରହିଥିବା ରାସାୟନିକ ପଦାର୍ଥ ଗୁଡ଼ିକ ହେଉଛି ଇରିଡୋଇଡ୍ ଯୌଗିକ ଆଇସୋଡାଇଡ୍ରୋନପେଟୋଲାକ୍ଟନ୍ ଏବଂ ଆଇସୋଇରିଡୋମାଇର୍ମେସିନ୍।

ଇନ୍ଦ୍ରମାରିଷ ବିହନ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଏହାକୁ ସର୍ବଦା ଉଜ୍ୱଳ ସୂର୍ଯ୍ୟକିରଣ, ମଧ୍ୟମ ତାପମାତ୍ରା, ପର୍ଯ୍ୟାପ୍ତ ପାଣି ଏବଂ ଆର୍ଦ୍ରତା ଉପଲବ୍ଧତା ବ୍ୟତୀତ ବିଶେଷ ଯତ୍ନର ଆବଶ୍ୟକତା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୀତବାସ ହତ୍ୟାକାଣ୍ଡ

# ଜେରାରେ ସୀମିତ ରହିଯିବ କି ତଦନ୍ତ

- ଦୁଇ ସପ୍ତାହ ପରେ ବି ମୁହଁ ଖୋଲୁନି ପୁଲିସ
- ନିରବତାକୁ ନେଇ ଉଠିଲା ପ୍ରଶ୍ନ?
- ମୁଖ୍ୟ କାର୍ପଟଦାରକୁ ଖସାଇବାକୁ ହେଉଛି କି ଯୋଜନା?

ବ୍ରହ୍ମପୁର, ୧୯।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। ତଥାପି ଏଯାଏ ଅପରାଧୀଙ୍କ ଟେର୍ ପାଉନି ପୁଲିସ। ୬୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସନ୍ଦେହରେ ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିସାରିଲାଣି। କିଛି ଦିନ ତଳେ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ନେଇ ଖୋଦ୍ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କାହାରିକୁ ଗିରଫ କରାନଯିବା କିମ୍ବା କୌଣସି ଠୋସ୍ ପ୍ରମାଣ ନମିଳିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମସ୍ତଙ୍କ ନିରବତା, ସାଧାରଣରେ ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଲାଣି। ଖୋଦ୍ ତଦନ୍ତକାରୀ ପୁଲିସ ଗଣମାଧ୍ୟମକୁ କୌଣସି ସୂଚନା ନଦେଇ ଅନ୍ଧାରରେ ରଖୁଥିବା ବେଳେ ଶାସକ ବିଜେପି ଦଳ ଏବଂ ରାଜ୍ୟର ଆଇନଜୀବୀମାନେ ଚୁପ୍ ରହିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ପୀତବାସ ଖାଲି ଜଣେ ଆଇନଜୀବୀ ନଥିଲେ, ସେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ସର୍ବୋଚ୍ଚ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣେ ସଦସ୍ୟ। ସେହିପରି ବିଜେପିର ଜଣେ ଆଗଧାଡ଼ିର ରାଜନେତା। ଖାଲି ସେତିକି ନୁହେଁ, ଜଣେ ଶ୍ରମିକ ନେତା ସହ ରାଜ୍ୟ କ୍ୟାବିନେଟ୍‌ର ଖଣି ଓ ପରିବହନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ। ପୀତବାସ ମନ୍ତ୍ରୀଙ୍କ କେତେ ଖାସ୍ ଥିଲେ, ତାହା ପୀତବାସଙ୍କ ହତ୍ୟା ଘଟଣା ଦିନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୀର୍ଘ ସମୟର ଉପସ୍ଥିତି ଓ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଭୋଜି ଆୟୋଜନରୁ ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସେହିଭଳି ରାଜ୍ୟ ଆଇନଜୀବୀ ପରିଷଦର ଜଣେ ପ୍ରମୁଖ ସଦସ୍ୟ ଭାବେ ପୀତବାସଙ୍କ ପ୍ରତି ସମଗ୍ର ରାଜ୍ୟର ଆଇନଜୀବୀଙ୍କର ମଧ୍ୟ ସମବେଦନା ରହିଛି।

ଏହି ହତ୍ୟା ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ସୁପ୍ରିମକୋର୍ଟ ଓକିଲ ସଂଘ ଅଧ୍ୟକ୍ଷ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟବ୍ୟାପୀ ଓକିଲଙ୍କ ଦିନିକିଆ କଲମଛାଡ଼ ଆନ୍ଦୋଳନ ସହ ୪୮ ଘଣ୍ଟାର ମହଲତ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏପରିକି, ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ ରହସ୍ୟ ଉନ୍ମୋଚନ କରିବା ଦାବିରେ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପଦଯାତ୍ରା କରି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତିଶେଖରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ତେବେ ହତ୍ୟାକାଣ୍ଡ ପରେ ଉଭୟ ଆଇନଜୀବୀ ଓ ଶାସକ ବିଜେପି ଦଳ ପକ୍ଷରୁ ଯେଉଁଭଳି ଭାବେ ତତ୍ପରତା ପ୍ରକାଶ ପାଇଥିଲା, ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଚୁପ ରହିବା ଏକ ବ୍ୟତିକ୍ରମ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ପୁଲିସର ନିରବତା କେବେ ଭାଙ୍ଗିବ ଓ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହେବ, ତାକୁ ନେଇ ମଧ୍ୟ ସାଧାରଣରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏହି ମାମଲାରେ ପୁଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ତନାଘନା କରିବା ସହ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ୯ ଜଣଙ୍କୁ ଅଟକ ରଖି ମଧ୍ୟ ଜେରା କରୁଛି। ତେବେ ଦୀର୍ଘ ଦୁଇ ସପ୍ତାହ ପରେ ମଧ୍ୟ ପୁଲିସ କୌଣସି ସୂଚନା ଦେବା ତ ଦୂରର କଥା, ଓଲଟି ମୁହଁ ନ ଖୋଲିବା ସମସ୍ତଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଘଟଣାର ମୁଖ୍ୟ କାର୍ପଟଦାର୍‌କୁ ଖସାଇବା କିମ୍ବା ରାଜନୈତିକ ଚାପରେ ପୁଲିସ ଘଟଣାକୁ ଚପାଇବାକୁ ଅଥବା ଭିନ୍ନମୋଡ଼ ଦେବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ କେବଳ କିଛି ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରାଯିବା ଛଡ଼ା ଅନ୍ୟ କିଛି ଅଗ୍ରଗତି ହୋଇନଥିବା ଦର୍ଶାଇ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀଙ୍କ ମଧ୍ୟରେ ତଦନ୍ତକୁ ନେଇ ଅସନ୍ତୋଷ କୁହୁଳୁଛି। ଏଣୁ, ପୁଲିସ ତୁରନ୍ତ ଘଟଣାର ପର୍ଦ୍ଦାଫାସ କରି ରହସ୍ୟ ଉନ୍ମୋଚନ କରିବା ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ହତ୍ୟାକାଣ୍ଡ ଭଳି ଘଟଣାରେ ଯେଭଳି ଜଣେ ନିରୀହ ବ୍ୟକ୍ତିକୁ ନ ଫସାଇ ଘଟଣାର ଉଚିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡିତ କରିବା ଦିଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କମୁଛି ଶିକ୍ଷା ଦିବସ

## ଚଳିତବର୍ଷ ନୂଆଁଖାଇ ଓ ଦୀପାବଳିରେ ୨ଟି ଅତିରିକ୍ତ ଛୁଟି

- ଗ୍ରୀଷ୍ମ ପ୍ରବାହ ପାଇଁ ବର୍ଷକୁ ପ୍ରାୟ ୧୫ଦିନ ପଢ଼ା ବାଧାପ୍ରାପ୍ତ
- ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ପାଇଁ ଚାପଗ୍ରସ୍ତ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୯ ।୧୦(ସମିସ): ଦୀପାବଳି ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଙ୍ଗଳବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିବାରୁ ଉଭୟ ସୋମବାର ଓ ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହା ପୂର୍ବରୁ ନୂଆଁଖାଇ ସମୟରେ ମଧ୍ୟ ସରକାର ଗୋଟିଏ ଦିନ ଅତିରିକ୍ତ ଛୁଟି ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପାଇଁ ବର୍ଷକୁ ବର୍ଷ ଖରାଛୁଟି ବଢ଼ିବାରେ ଲାଗିଛି ଓ ଭିଭିଆଇପିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଏମ୍‌ସି ଅଞ୍ଚଳର ବିଦ୍ୟାଳୟକୁ ଅଧାରେ ବନ୍ଦ କରିଦିଆଯାଉଛି। ଫଳରେ ଶିକ୍ଷା ଦିବସ କମିବା ସହ ଶିକ୍ଷାଦାନ ଓ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ କରାଯାଇଛି। ହେଲେ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଅଧିକ ୩ଦିନ ଛୁଟି କରିଥିଲେ ଜିଲ୍ଲାପାଳ। ଫଳରେ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଏପ୍ରିଲ୍ ୨୧ ତାରିଖରୁ ଅର୍ଥାତ୍ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ଏହା ସହ ବିଭିନ୍ନ ସମୟରେ ପ୍ରବଳ ବର୍ଷା ବା ପବନ ଭୟ ଯୋଗୁଁ ସରକାର ସ୍କୁଲ କଲେଜ ଛୁଟି ଘୋଷଣା କରୁଛନ୍ତି।

ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ପାଇଁ କାର୍ଯ୍ୟଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ପାଠପଢ଼ା ହେଉଥିବାରୁ ତାହା ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ କରିବ। ଛୁଟି ଦିନକୁ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ଛୁଟି ହେଉଥିବାରୁ ପାଠପଢ଼ା ପ୍ରତି 'ବେଢି ଉପରେ କରୋଡ଼ା' ସଦୃଶ ହେଉଛି। ଏଣୁ ପାଠପଢ଼ାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ଅତିରିକ୍ତ ଛୁଟି ବଦଳରେ ଅଧିକ ଶିକ୍ଷା ଦିବସ ସୃଷ୍ଟି କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

# ବିଜେପି ସମାବେଶର ବଳକା ଖାଦ୍ୟ ଖାଇ ୧୩ ଗୋରୁ ମୃତ

## କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ

ନୂଆପଡା,୧୯ ।୧୦(ସମିସ):ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ନୂଆପଡା ଜିଲ୍ଲା ସଦର ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପଦାରେ ପଡିଛି। ସ୍ଥାନୀୟ ଖରିଆରରୋଡ଼ ଗୋତମ ଛକସ୍ଥିତ ଏୟାର ସ୍ଟ୍ରିପ୍ ପଡ଼ିଆ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ସମାବେଶ ଶେଷ ନିକଟସ୍ଥ ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦ରୁ ୨୫ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା ହେଲେ ମାତ୍ର ୮ରୁ ୧୦ ହଜାର ଲୋକ ଆସିଥିଲେ। ତେବେ ନିର୍ଦ୍ଧାରିତ ଲୋକଙ୍କ ପାଇଁ ସ୍ଥାନୀୟ ଏକ ପଡିଆରେ ଖାଦ୍ୟ ପେୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ସ୍ୱଚ୍ଛତା ଡିଣ୍ଡିମ ପିଟୁଛନ୍ତି ସରକାର



ହେବା ଫିଙ୍ଗିଦିଆଯାଇଥିବା ବଳକା ଖାଦ୍ୟ ଖାଇ ୧୩ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଗୁରୁତର ରହିଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଖୋଦ ସରକାରୀ ଦଳର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଗରିବ ଓ କ୍ଷୁଦ୍ର ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଗୋରୁ ମୃତ୍ୟୁବରଣ କରିଥିବାରୁ କ୍ଷତିପୂରଣ ସହାୟତା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ ଗତ ୧୬ତାରିଖ ଦିନ ଏୟାର ଷ୍ଟ୍ରିପ୍ କମ ଲୋକ ଆସିଥିବା ହେତୁ ବଳକା ଖାଦ୍ୟ ସବୁ ପଡି ରହିଥିଲା। ଏହାକୁ କୌଣସି ସୁରକ୍ଷିତ ଜାଗାରେ ପିଙ୍ଗଯାଇନଥିବାରୁ ଗୋତମାଗାଁର ଚାଷୀମାନଙ୍କ ଗୋରୁ ଚରିବାକୁ ଯାଇ ସେହି ବଳକା ତଥା ପଚାସଢା ଖାଦ୍ୟକୁ ଖାଇଥିଲା। ଶନିବାର ସକାଳୁ କିଛି ଗାଈ ଅସୁସ୍ଥ ହୋଇଥିବା ଖବର ଆସିଥିଲା। ଏହି ଖବର ପାଇ ନୂଆପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଟିମ୍ ଗାଁରେ ପହଞ୍ଚି ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତିରେ ୧୩ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଚାଷୀ ଦେବକାନ୍ତ ରଥ,ସୂର୍ଯ୍ୟକାନ୍ତ ସାହୁ,ପ୍ରଦୀପ କୁମାର ସାହୁ ,ସାହୁଲାଲ ସାହୁ, ବଳ ଶବର ,ହେମନ୍ତ ସାହୁ,ସୁରେନ ସାହୁ,ଚନ୍ଦ୍ରଦେବ ସାହୁ,ଲୋଭୀତ ରାଉତଙ୍କ ମୋଟ ୧୩ ଟି ଦୁଧିଆଳୀ ଓ କିଛି ଗର୍ଭବତୀ ଗାଈଙ୍କ ମୃତ୍ୟୁ ଘଟିଛି। ଗାଁରେ ରାଜସ୍ୱ ବିଭାଗ ସହ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ଚିକିତ୍ସା କାର୍ଯ୍ୟକୁ ତ୍ୱରିତ କରିବା ସହ ମୃତଗୋରୁମାନଙ୍କୁ ବ୍ୟବଚ୍ଛେଦ କରିଛନ୍ତି।ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକୁ ନେବା ଏକ ଉଚ୍ଚସ୍ତରୀୟ ତଦନ୍ତ କରି କ୍ଷତି ପୂରଣ ସହାୟତା ଯୋଗାଇବାକୁ ଦାବି ହେଉଛି।

# ଗୋ-ମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଗୋ-ମୃତ୍ୟୁ ପାଇଁ ଦାୟୀ: ବିଜେଡି

- ବଳକା ଖାଦ୍ୟ ନ ପୋତି ଫୋପାଡ଼ି ଦେବା ବିଜେପିର ଦାୟିତ୍ୱହିନତା
- ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବିଜେପି ହତାଶ

ଭୁବନେଶ୍ୱର, ୧୯।୧୦ (ସମିସ): ଶନିବାର ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ୍ୟ ଲୋକ ନ ହେବାରୁ ହତାଶ ହୋଇ ବିଜେପି ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଫୋପାଡ଼ି ଦେଇଥିଲା। ଏହି ଖାଦ୍ୟ ଖାଇ ୨୦ଟି ଗୋମାତାଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆଣିଛି ବିଜେଡି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳ ଗୋ-ମୃତ୍ୟୁ ପାଇଁ ଦାୟୀ ବୋଲି ବିଜେଡି ପକ୍ଷରୁ ଉର୍ତ୍ସନା କରାଯାଇଛି।

ରବିବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ବିଜେପି ଦଳକୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଲୋକମାନେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଜେପି ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ, ହତାଶ ହୋଇ ବିଜେପି ଦଳ ବଳକା ଖାଦ୍ୟକୁ ପୋତିବା ପରିବର୍ତ୍ତେ ଫୋପାଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପଶୁ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିଣାମସ୍ୱରୂପ, ୨୦ଟି ଅମୂଲ୍ୟ ପ୍ରାଣୀ ସମ୍ପଦ ମୃତ୍ୟୁବରଣ କଲେ। ଏହି ପ୍ରାଣୀ ସମ୍ପଦ ଦ୍ୱାରା ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଚାଲିଯାଇଛି।



ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳର ଅସଲ ସ୍ୱରୂପ ନୂଆପଡ଼ାବାସୀ ଦେଖିଲେ। ଏହି ଅମାନବୀୟ ଘଟଣା ପାଇଁ ଦାୟୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି। ସେ ଆହୁରି କହିଥିଲେ ଯେ ରାଜନୀତି ଭିତରେ ମାନବିକତା ରହିବା ଦରକାର।

ବିଜେପିର ଦାୟିତ୍ୱହୀନତା ଲାଗି ଯେଉଁ ବହୁମୂଲ୍ୟ ପଶୁ ସମ୍ପଦ ହାନି ଘଟିଲା, ତାହା ନୂଆପଡ଼ାବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ତାହାର କେବେ ବି କ୍ଷତିଭରଣା ହୋଇପାରିବ ନାହିଁ। ଭବିଷ୍ୟତରେ ଏହିଭଳି ଅମାନବୀୟ ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ବିଜେପି ଦଳ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ସାହ କମ୍...

ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା। ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ କୁହାଯାଉଛି। ଚଳିତ ବର୍ଷ ଗ୍ରାହକ ବେଶୀ ସୁନା ଏବଂ ରୁପା ମୁଦ୍ରା କିଣିଛନ୍ତି। କାରଣ ଆଗକୁ ମୂଲ୍ୟ ଆହୁରି ବଢ଼ିବ ବୋଲି ବିଶ୍ୱାସ କରୁଛନ୍ତି। ସେଥିପାଇଁ ଏବେ କ୍ରୟ କରି ଲାଭରେ ରହିବାକୁ ଚାହୁଁଛନ୍ତି। ମୁମ୍ବଇର ଜଭେରି ବଜାରରୁ ନେଇ ଦେଶର ଅନେକ ସ୍ଥାନରେ ସୁନା ଏବଂ ରୁପା ମୁଦ୍ରା କିଣିବାକୁ ଶନିବାର ଦିନ ଯାକ ଗହଳି ଲାଗି ରହିଥିଲା।

ସିଏଆଇଟିର ଜାତୀୟ ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି ଯେ କେବଳ ଦିଲ୍ଲୀରେ ୧୦ ହଜାର କୋଟି ଟଙ୍କାର କାରବାର ହୋଇଛି। ତେବେ ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ଉଚ୍ଚା ଦର ଯୋଗୁଁ ସୁନା ବିକ୍ରି ହାର ୧୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଧନତେରାସରେ ପ୍ରାୟ ୩୯ ଟନ୍ ସୁନା ବିକ୍ରି ହୋଇଥିଲା। କିନ୍ତୁ ଚଳିତ ଥର ପ୍ରାୟ ୩୬ ଟନ୍ ସୁନା ବିକ୍ରି ହୋଇଛି। ଜେମ୍ ଆଣ୍ଡ ଜୁଏଲାରୀ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରାଜେଶ ରୋକଡେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ଧନତେରାସରେ ବିକ୍ରି ୧୦-୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ମୋଟ ମୂଲ୍ୟ ଦ୍ରୁତ ବୃଦ୍ଧି ପାଇଛି। ଉଚ୍ଚ ଦର ସତ୍ତ୍ୱେ ସ୍ମାର୍ଟ କ୍ରୟ ଏବଂ ଶୀଘ୍ର ବିବାହ ଖର୍ଚ୍ଚ ପାଇଁ ଗ୍ରାହକଙ୍କ ଆଗ୍ରହ ବଢ଼ିଛି।

### ଜେଲ୍‌ରେ ଆଉ...

ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି କେବଳ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛନ୍ତି। ରବିବାର ଜେରା ହୋଇଥିବା ୬୩ ଜଣଙ୍କ ମଧ୍ୟରେ ସମସ୍ତ ମହିଳା ପରୀକ୍ଷାର୍ଥୀ ସାମିଲ ଥିଲେ। ଏହି ଜାଲିଆତିରେ ସାମିଲ ପାଇଁ ଦଲାଲମାନେ କିପରି ଓ କେଉଁ ଉପାୟରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରିଥିଲେ, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ଓ ଟଙ୍କା ଆଦାୟ କରିଥିଲା, ପରୀକ୍ଷାର୍ଥୀମାନେ କିଭଳି ଟଙ୍କା ଦେଇଥିଲେ; ଆଦି ସଂପର୍କରେ ସେମାନଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପ ସକାଳ ୮ ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଜେଲ ଭିତରେ ୬୩ଜଣ ନିଯୁକ୍ତି ଆଶାୟୀଙ୍କୁ ଜେରା କରିଥିଲେ। ଜେରାରୁ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ନାମାଙ୍କନ ପୂର୍ବରୁ...

ସିଂ ମାଝୀ,ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ବହୁ ଆଦିବାସୀ ନେତା ବିଜେଡିରେ ଯୋଗ ଦେଇଥିଲେ। ପରେ ନୂଆପଡା ଆସି ଶୋଭାଯାତ୍ରାରେ ବାହାରିଥିଲେ ସ୍ନେହାଙ୍ଗିନୀ। ତେଲିପଡାଠାରୁ ବିଶାଳ ଶୋଭାଯାତ୍ରା ମଧ୍ୟାହ୍ନ ୧୨ଟାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଡ ଶୋ'ରେ ପରିକ୍ରମା କରିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସମ୍ବୋଧନ କରି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। ଡବଲ୍ ଇଞ୍ଜିନ ଡବଲ ବିକାଶ ନୁହେଁ, ଡବଲ ବିନାଶ ହେଉଛି ବୋଲି ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ,ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଗତ ୧୬ ମାସର ବିଜେପି ଶାସନରେ ନୂଆପଡ଼ା ପ୍ରତି ହୋଇଥିବା ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଶୋଭାଯାତ୍ରାରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ,ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା,ଅରୁଣ ସାହୁ,ନିରଞ୍ଜନ ପୁଜାରୀ,ଅତନୁ ସବ୍ୟସାଚୀ ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ,ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡେଇ,ସାରଦା ନାୟକ,ଚିନ୍ମୟ ସାହୁ, ଶ୍ରୀମତୀ ଇପସୀତା ସାହୁ,ଦେବୀରଞ୍ଜନ ତ୍ରିପାଠୀ, ପ୍ରଦୀପ ଦିଶାରୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଲେଖାଶ୍ରୀ ସାମନ୍ତସିଂହାର, ଅଧିରାଜ ପାଣିଗ୍ରାହୀ, ରବି ନନ୍ଦ,ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି,ବିଜୟ ନାୟକ,ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ନିହାର ବେହେରା,ସ୍ୱରୂପ ଦାସ, ଦୁଷ୍ମନ୍ତ ନାୟକ,ବ୍ରଜ ପ୍ରଧାନ, ମନୋରମା ମହାନ୍ତି,ତୁଷାରକାନ୍ତି ବେହେରା, ସରୋଜ ମେହେର, ବର୍ଷା ସିଂହ ବରିହା ଓ ସୁଦର୍ଶନ ହରିପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୂଆପଡ଼ାର ଲୋକମାନେ ବିଜେଡି ସହ ଅତୁଟ ଭାବେ ଅଛନ୍ତି ଓ ନୂଆପଡାବାସୀଙ୍କ ଆଶୀର୍ବାଦରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ନେତାମାନେ ଦୃଢୋକ୍ତି କରିଥିଲେ। ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ବକ୍ତବ୍ୟରେ ନୂଆପଡାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ କାର୍ତିକ ଦୀପ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଟିଙ୍କୁ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଅକ୍ଷୟ ନନ୍ଦ ପ୍ରମୁଖ ସାମିଲ ଥିଲେ।

### ଭିଜିବ ଦୀପାବଳି !...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହୋଇପାରେ। ସେଥିପାଇଁ ଅପରପକ୍ଷେ ଦୀପାବଳିରେ ବର୍ଷାକୁ ନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରି କହିଛନ୍ତି ଯେ ୨୦ ଓ ୨୧ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୨୨ ଓ ୨୩ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାକୁ ଥିବାବେଳେ ୨୪ରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇ ୨୧ ବା ୨୨ ତାରିଖ ସୁଦ୍ଧା ଅବପାତ ଏବଂ ୨୪ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ଛୁଇଁବ। ସେତେବେଳକୁ ଏହା ଦୁର୍ବଳ ହୋଇ ଯାଇଥିବ, ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର/ଓଡ଼ିଶା ଉପକୂଳ ଦୂରରେ ରହିବ। ମାତ୍ର ଓଡ଼ିଶାକୁ ପବନର ଭୟ ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେହିପରି କେତେକ ମଡେଲ ବାତୟାର ସମ୍ଭାବନା ଆକଳନ କରୁଥିବା ବେଳେ ଏମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

### ଧାରଣାରେ ପଥର...

ପ୍ରାୟ ୮ ଘଣ୍ଟା ପରେ, ଅପରାହ୍ଣରେ ଏହି ରେଳପଥରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁଁ ବିଶାଖାପାଟଣା କିରୋଣ୍ଡୁଲ ପାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା ଏବଂ କିରୋଣ୍ଡୁଲଠାରୁ ବିଶାଖାପାଟଣା ଯିବାକୁ ଥିବା ପାସେଞ୍ଜର କୋରାପୁଟଠାରୁ ପୁଣି କିରୋଣ୍ଡୁଲ ଫେରି ଯାଇଛି।

ସୂଚନାଥାଉକି, କିରଣ୍ଡୁଲ-କୋତାବାଲସା ରେଳ ଲାଇନ୍ ବହୁ ପୁରୁଣା ବିଜନେସ କରିଡର୍। ୬୦ ଦଶକରେ ନିର୍ମିତ ଏହି ରେଳପଥ ମୁଖ୍ୟତଃ ଛତିଶଗଡ଼ର ବୈଲାଡିଲାଠାରୁ ବିଶାଖାପାଟଣା ଲୁହାପଥର, କୋଇଲା ପରିବହନ ପାଇଁ ନିର୍ମାଣ ହୋଇଥିଲା। ରେଳ ବିଭାଗ ନିମନ୍ତେ ଏହି ରୁଟ୍ ଏକ ବୃହତ୍ ଲାଭଦାୟକ ଲାଇନ୍ ହୋଇଥିବାରୁ ରେଳ ଚଳାଚଳ ବନ୍ଦ ହେଲେ ବଡ଼ଧରଣର କ୍ଷତି ହେବାର ସମ୍ଭାବନା ରହିଛି। ଶନିବାର ଅପରାହ୍ନରେ କୋରାପୁଟ ସହ ଉପକୂଳ ଆନ୍ଧ୍ରରେ ପ୍ରବଳ ବର୍ଷା ହେବା କାରଣରୁ ପାହାଡ଼ରୁ ପଥର ଖସିଥିବା ଆଶଙ୍କା କରାଯାଉଛି।

## ବାପା ଆଖି ଆଗରେ ଝିଅକୁ ଅସଦାଚରଣ

# ଯୁବକଙ୍କୁ ହତ୍ୟା କରି ଅଭିଯୁକ୍ତର ଆତ୍ମସମର୍ପଣ

ପରଜଙ୍ଗ, ୧୯ ।୧୦(ସମିସ): ଆଖି ଆଗରେ ଝିଅକୁ ଅସଦାଚରଣ କୋଉ ବାପ ବା ସହିବ। ମୁଣ୍ଡକୁ ପିତ୍ତ ଚଢ଼ିଗଲା; ବାଡ଼ିରେ ପିଟିପିଟି ଦରମରା କରିବା ସହ ପଥର ଛେଚି ମାରିଦେଲା। ପରେ ଫାଣ୍ଡିକୁ ଯାଇ ପୁଲିସ ନିକଟରେ ନିଜକୁ ସମର୍ପଣ କରିଦେଲା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ୧ନଂ କଲୋନୀର କରୁଣାକର ବେହେରା। ପୁଲିସ କରୁଣାକରର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୁପାକୁ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, କରୁଣାକର ଜେସିବି ମେସିନ ସହାୟକ ଭାବେ କାମ କରନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଏକ ଗାଁରେ ରହି କାମ କରୁଥିଲେ। ଶନିବାର ରାତିରେ କରୁଣାକର ରୁପା ପିଙ୍ଗୁଆଙ୍କ ଝିଅକୁ ଅସଦାଚରଣ କରୁଥିବା ବେଳେ ରୁପା ଏହା ଦେଖି ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ପଥର ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହ ଗାଁ ନିକଟ ଗମ୍ଭାରିଆ ନାଳ ନିକଟରେ ଫିଙ୍ଗିଦେଇ ରୁପା ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

ତେବେ କରୁଣାକରଙ୍କ ବାପା କାଶୀନାଥ ଓ ଅନ୍ୟ ସମ୍ପର୍କୀୟମାନେ ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ରୁପାଙ୍କୁ ପଚରାଉଚରା କରାଯାଉଛି।

# ୪୪ କେଜି ଅଫିମ ଚୋପା ଜବତ, ଜଣେ ଗିରଫ



ବୈଶିଙ୍ଗା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗରଗଡ଼ିଆ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ନିଶା କାରବାରରେ ଜଡ଼ିତ ଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କମଳାକାନ୍ତ ନାୟକ। ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହିତ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଚଢ଼ଉ କରି ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ତେବେ ଗଚ୍ଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭରମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ। ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ପୁଲିସ ହାତରେ ଧରାପଡୁନଥିଲା। ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡକରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକମାନଙ୍କୁ ଚଢାଦରରେ ବିକୁଥିଲା। ପୁଲିସ ୫୨୮ ନଂରେ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।

PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

Notice (For Minor)
By virtue of an affidavit sworn before (Executive Magistrate/Notary Public), Bhubaneswar, Vol-II, SL No. 1900/18.10.2025, I, Mr. Nirmal Sahoo, At- Sobala, PO.- Gogua, PS.- Pattamundai, Dist. Kendrapara, Odisha declare that I have changed the name of my son from old name Suvranshu Shekhar Sahoo to new name Subhransu Sekhar Sahoo. Henceforth he shall be known as new name **Subhransu Sekhar Sahoo** for all purpose.
Nirmal Sahoo

**ଶ୍ୟାମା କାଳୀପୂଜା ଆରମ୍ଭ**

# ମନ ଛୁଇଁଲା ରକ୍ଷ୍ଟାର ରୁକୁ ସୁନାଙ୍କ କାର୍ଯ୍ୟକ୍ରମ




ବରଗଡ଼, ୧୯ ।୧୦(ସମିସ)

ରେଙ୍ଗାଲିକ୍ୟାମ୍ପ କେନାଲ କଲୋନୀରେ ଥିବା ମାଁ ଶ୍ୟାମା କାଳୀ ମନ୍ଦିରରେ ଆଜି ଭବ୍ୟ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଛି ୬୬ ତମ ମାଁ ଶ୍ୟାମା କାଳୀ ପୂଜା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରେଙ୍ଗାଲି କ୍ୟାମ୍ପ ସହ ଦେବୀହାଲ, ରେଙ୍ଗାଲିପାଲି, ଡାଙ୍ଗଟିକ୍ରା ଗ୍ରାମର ଯୁବକମାନେ କେନାଲ କଲୋନୀର କର୍ମଚାରୀମାନଙ୍କ ସହ ମିଶି ଏହି ତିନି ଧରି ହେବାକୁ ଥିବା ଯାତ୍ରାର ଆୟୋଜନର ଅଣ୍ଟା ଭିଡ଼ିଛନ୍ତି। ସେମାନଙ୍କୁ ଦାଶ ପଡ଼ା, ମାଲି ପଡ଼ା, କୁଡ଼ା ପଡ଼ା, ଠେଲା ପଡ଼ାର ଅଧିବାସୀମାନେ ସହଯୋଗର ହାତ ବଢ଼ାଇଛନ୍ତି। ଆଜି ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଯୁବତୀମାନେ ପୂର୍ଣ୍ଣ କଳସ ଆଣି ମାଁ କାଳୀଙ୍କ ମଣ୍ଡପରେ ଘଟ ସ୍ଥାପନା କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, କର୍ତ୍ତା ଦିବ୍ୟ କିଶୋର କୁଁଅର ଶଙ୍କର, ଯାତ୍ରା କମିଟି ସଭାପତି ଅନିଲ ସାହୁ, ଉପ ସଭାପତି ଶମ୍ଭୁ ପ୍ରଧାନ, ଜିତୁ ଭୋଇ, ସମ୍ପାଦକ ଆଦିତ୍ୟ ପ୍ରଧାନ, ସହ ସମ୍ପାଦକ ନରେନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଲକ୍ଷ୍ମଣ କାଠର ଓ ଗୋବର୍ଦ୍ଧନ ଭୋଇଙ୍କ ସମେତ ପୂଜା କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ମିଠାଲାଲ ଓ ଯୋଗୀଙ୍କ ଗଣ୍ଡା ବାଜା, ଡୁଙ୍ଗୁରି ପାଲି ର ଘଣ୍ଟ ବାଦ୍ୟ, ଘେଁସ ର ଆଦିବାସୀ ନାଚ, ଲୁରୁପାଲି ର ଆରାୟ ଦୁଲଦୁଲି ଆଦି ସାଂସ୍କୃତିକ ଦଳ ଶୋଭାଯାତ୍ରା ରେ ସାମିଲ ଥିଲେ। ଅପରାହ୍ନ ରେ ଖଞ୍ଜହତା ଓ କରମଡାଙ୍ଗା ର ଫକିର୍ତନ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁରୀ ରକ୍ଷ୍ଟାର ରୁକୁ ସୁନା ଓ ଜୟଶ୍ରୀ ଷଡ଼ଙ୍ଗୀ ରଙ୍ଗାରଙ୍ଗ ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ସାମିଲ ହୋଇଥିଲେ। ଆଜି କଳସ ସ୍ଥାପନ ପରେ ଆରତୀ ଓ ପୁଷ୍ପାଞ୍ଜଳି ହୋଇଥିଲା।

## ଠକେଇ ଅଭିଯୋଗରେ ନକଲି ସାମ୍ବାଦିକ ଗିରଫ



ପଦ୍ମପୁର, ୧୯ ।୧୦(ସମିସ): ବିଭିନ୍ନ ଆଳ ଦେଖାଇ ଠକିବା, ହତ୍ୟା ଉଦ୍ୟମ କରିବା ସହିତ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ଗର୍ଭପାତ କରିବା ଅଭିଯୋଗରେ ବୁଡେନ ଥାନା ଅନ୍ତର୍ଗତ ଦର୍ଲିଗୁଡ଼ା ଗ୍ରାମର ନକଲି ସାମ୍ବାଦିକ ନିର୍ମଳ ବାରିକ କୁ ପଦ୍ମପୁର ପୁଲିସ ଗିରଫ କରିଛି। ବିବରଣୀରୁ ପ୍ରକାଶ ଯେ ନିର୍ମଳ ବାରିକ ଜଣେ ଉଦ୍ୟ ସାମ୍ବାଦିକର ପରିଚୟ ଦେଇ ଝିଅମାନଙ୍କୁ ବ୍ଲାକମେଲ କରୁଥିଲା। ପାଇକମାଲର ଜଣେ ଯୁବତୀଙ୍କ ଅଭିଯୋଗ ପରେ ପଦ୍ମପୁର ଥାନାରେ ମାମଲା ରୁଜୁହେବା ସହିତ ଆସାମୀ ନିର୍ମଳକୁ ପଦ୍ମପୁର ପୁଲିସ ସମ୍ବଲପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ବିଜେପୁର, ୧୯ ।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାନ ଡାଇସେନ ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ହେଉଛି କଷ୍ଟର ମାଝୀ। ମୃତ୍ୟୁବେଳକୁ ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା। ନିଜ ଚାଷଜମିକୁ ପାଣି ଦେବାକୁ ଯାଇ ସେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ସୋହେଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ବର୍ଗ ବିଜେପୁର ପୁଲିସଙ୍କୁ ଅବଗତ କରାଇଥିଲେ। ମାତ୍ର ବିଜେପୁର ପୁଲିସ ନ ପହଞ୍ଚିବାରୁ ସୋହେଲା ପୁଲିସକୁ ଜଣାଇଥିଲେ। ଫଳରେ ସୋହେଲା ପୁଲିସ ପ୍ରାଥମିକ ତଦନ୍ତକରି ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିବାର ସୂଚନା ମିଳିଛି।

## ସୋହେଲାରେ ଧନ୍ୱନ୍ତରୀ ଦିବସ ପାଳିତ

ସୋହେଲା, ୧୯ ।୧୦(ସମିସ): ସୋହେଲା ଧନ୍ୱନ୍ତରୀ ଭେଷଜ ସମିତି ପକ୍ଷରୁ ଆଜି ଧନ୍ୱନ୍ତରୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଗବାନ ଧନ୍ୱନ୍ତରୀଙ୍କ ପୂଜାର୍ଚ୍ଚନା ପରେ ବୈଦ୍ୟ ତୀର୍ଥବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଶିଶିର କୁମାର ସାହୁ ମୁଖ୍ୟଅତିଥି, ପଣ୍ଡିତପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଭୋଇ, ଗିରିଜେଶ ଖାଡ଼ଙ୍ଗା, ଅଧ୍ୟପକ ଟେକଚାନ୍ଦ ଦୁଆନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଭେଷଜ ସମିତି ପାଇଁ କାର୍ଯ୍ୟ କରୁଥିବା ଅଧ୍ୟାପକ ଟେକଚାନ୍ଦ ଦୁଆନଙ୍କୁ ଧନ୍ୱନ୍ତରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାପତି କୁଲମଣୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରୌପ୍ୟ ଜୟନ୍ତୀ ପାଳନ ପାଇଁ କଳାନିକେତନର ପ୍ରସ୍ତୁତି




ବରଗଡ଼, ୧୯ ।୧୦(ସମିସ): ବରଗଡ଼ ଜିଲ୍ଲାର ଚିତ୍ର ଶିକ୍ଷା ଅନୁଷ୍ଠାନ କଳାନିକେତନ ର ରୌପ୍ୟ ଜୟନ୍ତୀ ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସର୍ଦ୍ଦାର ପ୍ରିତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ସଭାର କାର୍ଯ୍ୟ ସୂଚୀ ଉପସ୍ଥାପନା କରିଥିଲେ। ସଭାରେ ଆସନ୍ତା ଡିସେମ୍ବର ୭ ତାରିଖ ଦିନ ଦଶମ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା, ଜାନୁୟାରୀ ୧୧ ତାରିଖ ରବିବାର ଦିନ ରୌପ୍ୟ ଜୟନ୍ତୀ ଉତ୍ସବ, କଳା ଗୌରବ ସମ୍ମାନ ପ୍ରଦାନ ତଥା ସ୍ମରଣିକା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଉପସଭାପତି ନବକୃଷ୍ଣ ମିଶ୍ର, ବରିଷ୍ଠ ସଦସ୍ୟ ନୀଳାମ୍ବର ମେହେର, ସୁଦନ ସେଠ, ଚିତ୍ର ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର ଓ ଉପାଧ୍ୟକ୍ଷ ରାମକୃଷ୍ଣ ଠାକୁର ଅଂଶଗ୍ରହଣ କରିଥିଲେ। ନୀଳାମ୍ବର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ପହଞ୍ଚିଲାନି ପ୍ରଶାସନ; ପହଞ୍ଚିଲେ ସମାଜସେବୀ

ବରଗଡ଼, ୧୯ ।୧୦(ସମିସ): ବରଗଡ଼ ଜିଲ୍ଲା ଅଧୀନ ବରଗାଁ ଗ୍ରାମର ପାଟ ବାଗ (୬୫) ଦୀର୍ଘ ସାତ ମାସ ହେବ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ପାଟବାଗ କିଛି ବର୍ଷ ପୂର୍ବେ ତାଙ୍କ ସ୍ୱାମୀ ମଧ୍ୟ ରୋଗରେ ପଡ଼ି ମୃତ୍ୟୁବରଣ କରିଥିଲେ। ନିଜେ କୁଲି ମଜୁରୀ କରି ତାଙ୍କ ପରିବାରକୁ ଚଳାଉ ଥିଲେ। କିଡ଼ନୀ ରୋଗରେ ଆକ୍ରାନ୍ତ ହେଲାପରେ ସେ ତାଙ୍କର ଚିକିତ୍ସା



ମଧ୍ୟ କରିପାରୁନାହାନ୍ତି। ତାଙ୍କର ପରିବାର ପ୍ରତି ପୋଷଣ ମଧ୍ୟ କରି ପାରୁନାହାନ୍ତି। ତାଙ୍କର ପରିବାର କହିଲେ ବୃଦ୍ଧ ମା-ବାପା ଆଉ ଝିଅ ତିନୋଟି ଓ ଗୋଟିଏ ଛୋଟ ପୁଅ ଅଛନ୍ତି। ମାନବିକତା ଦୃଷ୍ଟି କୋଣରୁ ଏହି ପରିବାରକୁ ସମସ୍ତ ପ୍ରକାର ସହାୟତା କରିବା ପାଇଁ ସରକାର, ଜିଲ୍ଲା ପ୍ରଶାସନ ତଥା ଜନସାଧାରଣଙ୍କୁ ବିନମ୍ର ନିବେଦନ କରିଥିଲେ। ହେଲେ ସମସ୍ତେ ନୀରବ ରହିଗଲେ। ଖବର ପାଇ ବିଶିଷ୍ଟ ସମାଜସେବୀ ଡାକ୍ତର ସସ୍ମିତା ଦାଶ ଖବର ପାଇବା ପରେ କିଛି ଦିନ ର ରାସନ୍ ସାମଗ୍ରୀ, କିଛି ଔଷଦ ଧରି ପାଟ ବାଗ ଙ୍କ ଘରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ କିଛି ଦିନ ପରେ ପୁଣି ଆସିବି ବୋଲି କହିଥିଲେ।

## ଅପରାଧି ଚିଆଁ ଗିରଫ

● ଦୁଇ ସହଯୋଗୀ ଗିରଫ



ବରଗଡ଼/ବିଜେପୁର, ୧୯ ।୧୦(ସମିସ): ଦୁର୍ଦ୍ଦାନ୍ତ ଅପରାଧି ଚିଆଁ ଓରଫ ବୁଦ୍ଧଦେବ ବିଶ୍ୱାଳକୁ ଗିରଫ ବରଗଡ଼ ପୁଲିସ। ଗଞ୍ଜେଇ ଚାଲାଣ ମାମଲାରେ ଆହୁରି ଦୁଇ ସହଯୋଗୀ ମଧ୍ୟ ଗିରଫ ହୋଇଛନ୍ତି। ବୌଦ୍ଧ ଜିଲ୍ଲାର ତାରାକାନ୍ତ ଭୋଇ ଏବଂ ଛତିଶଗଡ଼ ରାଜ୍ୟର ପାରସ ରାମ ଭାନୁକୁ ବିଜେପୁର ଥାନା ଗୁଡ଼ାପାଲିରୁ ଗିରଫ କରାଯାଇଛି। ୨୯ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ଦୁର୍ଦ୍ଦାନ୍ତ ଅପରାଧି ଚିଆଁ ଓରଫ୍ ବୁଦ୍ଧଦେବ ବିଶ୍ୱାଳ। ଏହାସହ ଏକ ବେଆଇନ ବନ୍ଧୁକ, ୧୨ ଟି ଜୀବନ୍ତ ଗୁଳି, ୨ ମେଗାଜିନ, ୫ ଟି ମୋବାଇଲ ଏବଂ ୨ ଟି ମୋଟର ସାଇକେଲକୁ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନା। ଚିଆଁ ଓରଫ ବୁଦ୍ଧଦେବ ବିଶ୍ୱାଳଙ୍କ ନାମରେ ରହିଛି ଏକାଧିକ ମାମଲା। ୨ଟି ମର୍ଡର, ୬ ଟି ଡକାୟତି ମାମଲା ସହ ଅନେକ ଗୁଡାଏ ମାମଲାରେ ସେ ସାମିଲ ଥିବା କହିଛନ୍ତି ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା। ଗଞ୍ଜେଇ କନ୍ଧମାଳରୁ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଆଧୁନିକ ଯନ୍ତ୍ରପାତି ବ୍ୟବହାର ଯୋଗୁଁ ଚାଷୀଙ୍କ ଉତ୍ପାଦନ ବହୁଗୁଣରେ ବୃଦ୍ଧି ପାଇଛି

ଅତାବିରା, ୧୯ ।୧୦(ସମିସ): ସ୍ଥାନୀୟ ଆନନ୍ଦ କଲ୍ୟାଣ ମଣ୍ଡପରେ କୋଶଳ ଏଗ୍ରୋ ଏଜେନ୍ସିଜ୍ ପକ୍ଷରୁ କୃଷକ, କୃଷି ଓ ଜିଏସ୍‌ଟି ସଚେତନତା ଏବଂ ହାର୍ଭେଟର୍ସ ଗ୍ରାହକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସକର୍ଟ-କୁବୋଟା ପ୍ରଡ଼କ୍ଟ ଡେଭଲମେଣ୍ଟ ଭାରତ ମୁଖ୍ୟ ଜାପାନର ୟୁକି ଜାଚି, କମ୍ପାନୀର ଟ୍ରାକ୍ଟର-ହାର୍ଭେଷ୍ଟର୍ସର ଭାରତ ମୁଖ୍ୟ ରାଜନ ଚୌକ ଯୋଗ ଦେଇ କୃଷି କ୍ଷେତ୍ରରେ ଯନ୍ତ୍ରପତି, ଉନ୍ନତ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ଶସ୍ୟ ଉତ୍ପାଦନ ଦେଖା ଦେଇଥିବା ବୈପ୍ଳବିକ ପରିବର୍ତ୍ତନ ବିକାଶ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପଶ୍ଚିମ ଓଡ଼ିଶାର ଚାଷୀଙ୍କ କୃଷି ପ୍ରଣାଳୀ, ଯନ୍ତ୍ରପାତିର



ବ୍ୟବହାର ଚାଷୀଙ୍କ ଆୟକୁ ବହୁଗୁଣିତ କରି ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିଛି ବୋଲି ମତ ପ୍ରକାଶ କରିଥିଲେ। କୋଶଳ ଏଗ୍ରୋ ଏଜେନ୍ସିଜର ମୁଖ୍ୟ ୱାଇ ରାଜା ବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ରେଡିଟ୍ ସିଏମ୍ ଜିତେନ୍ଦ୍ର ସାହୁ, ବିଶିଷ୍ଟ ଉଦ୍ୟୋଗପତି ଡି ମୁରଳି କ୍ରିଷ୍ଣା, ସୁନ୍ଦରମ୍ ଫାଇନାନ୍ସ, ଚୋଲା ଫାଇନାନ୍ସର ଅଧିକାରୀଗଣ ଯୋଗ ଦେଇଥିଲେ। ଏହି ଅବସରରେ ଗତ ୩ ମାସରେ କିଣିଥିବା ୧୧୫ଜଣ ହାର୍ଭେଷ୍ଟର୍ କ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ୱାଇ କ୍ରିଷ୍ଣା, ବି ସତ୍ୟନାରାୟଣ, ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ। ମଞ୍ଚ ସଂଯୋଜିକା ଶ୍ରୁତିସ୍ୱରୂପା ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କୁବୋଟାର ୪୨ ଏଚପି ଏମ୍ୟୁ ୪୨୦୧ ମୋଡେଲ ଅତିଥିଗଣ ଏଠାରେ ଲୋକାର୍ପିତ କରିଥିଲେ।

**ବଢ଼ିପାଣି ମାଡ଼ିଯାଇ ଧାନଫସଲ ନଷ୍ଟ**

## ସଂଯୁକ୍ତ କୃଷକ ସଂଗଠନର କ୍ଷେତ୍ର ପରିଦର୍ଶନ



ଝାରବନ୍ଧ, ୧୯ ।୧୦(ସମିସ): ସେପ୍ଟେମ୍ବର ମାସ ୨୩ ଏବଂ ୨୪ ତାରିଖର ବର୍ଷାରେ ଯୋଙ୍କ ନଦୀର ବଢ଼ି ପାଣି ମାଡି ଆସି ଧାନ ଫସଲ ହୋଇଥିବା କ୍ଷେତରେ ହାରାହାରି ତିନି ଚାରି ଦିନ ପାଣି ଜମାହୋଇ ରହିବା ଯୋଗୁଁ ବର୍ତ୍ତମାନ ଏକର ଏକର ଧାନ ଫସଲ ଧାନ ପୋଲ ହେଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଝାରବନ୍ଧ ବ୍ଲକର ବଡ଼ଅନକି, ବଲାଙ୍ଗିର, ଘୁଚାପାଳି ଗ୍ରାମରେ ଧାନ ଫସଲ କ୍ଷତି ଖବର ପାଇ ସଂଯୁକ୍ତ କୃଷକ ସଂଗଠନ ର କର୍ମକର୍ତ୍ତା କ୍ଷତି ହେଉଥିବା ଫସଲକୁ ପରିଦର୍ଶନ କରିଛନ୍ତି। ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ଧାନ ଫସଲ କ୍ଷତି ହୋଇଥିବାରୁ ସରକାର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାଷୀ ମହଲ ରେ ଦାବି ହେଉଛି। ପଶ୍ଚିମ ଓଡ଼ିଶାରେ ୨୩ ତାରିଖ ଦିନ ୫୨ ମିଲିମିଟର ବର୍ଷା ଏବଂ ୨୪ ତାରିଖ ଦିନ ୬୫ ମିଲିମିଟର ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ନ କରିବା ଅତ୍ୟନ୍ତ ବିଡମ୍ବନା ର ବିଷୟ ଅଟେ। ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପ୍ରଶାସନ ତଥା ଓଡ଼ିଶା ସରକାର ପଦକ୍ଷେପ ଗ୍ରହଣ କରିବା ନିତାନ୍ତ ଜରୁରୀ ବୋଲି ସଂଯୁକ୍ତ କୃଷକ ସଂଗଠନ ର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ଏହି ପରିଦର୍ଶନ ସମୟରେ ଲିଙ୍ଗରାଜ ପ୍ରଧାନ, ବୈଲୋଚନ ଭୋଇ, ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ପୁଲିସ ପକ୍ଷରୁ ଲାଗିଲା ପୋଷ୍ଟର

ବରଗଡ଼, ୧୯ । ୧୦(ସମିସ): ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଲାଗି ରହିଥିବା ବରଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଓଡ଼ିଶା ପୁଲିସ ପକ୍ଷରୁ 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଉଲ୍ଲେଖ ଥିବା ପୋଷ୍ଟର ଲଗା




ଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ପୁଲିସ ପକ୍ଷରୁ ଲଗା ହୋଇଥିବା ଏହି ପୋଷ୍ଟରରେ ଏକ କୋଟି ଟଙ୍କା ପୁରସ୍କାର ରହିଥିବା କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ, ୫୦ଲକ୍ଷ ଟଙ୍କା ପୁରସ୍କାର ଥିବା ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ନିଖିଲ ଓରଫ ଶିବାଜୀ, ସୁଦର୍ଶନ ଓରଫ ବିକାଶ, ଅଙ୍କିତା ଓରଫ ଇନ୍ଦୁ, ଶୁକ୍ରୁ ଓରଫ କ୍ରିଷ୍ଣା, ନିତୁ ୨୦ଲକ୍ଷ ଟଙ୍କା ପୁରସ୍କାର ରହିଥିବା ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଳା ଓରଫନାଗମଣୀ, ଅନ୍ୱେଷ ଓରଫ ରେଣୁ ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ ଏବଂ ନକୂଲ ଓରଫ ଚନ୍ଦ୍ରା ଏହିପରି ଦଶଜଣ ମାଓବାଦୀଙ୍କ ନାମ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଅନ୍ୟସମସ୍ତ ମାଓବାଦୀ ମାନଙ୍କ ଉପରେ ମଧ୍ୟ ପୁରସ୍କାର ରାଶି ଉପଲବ୍ଧ ରହିଥିବା ଏବଂ ମାଓବାଦୀମାନଙ୍କ ସମ୍ପର୍କରେ ୯୪୩୭୬୪୩୮୩୯ ନମ୍ବରରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଇଥିବା ସୂଚନାଦାତାଙ୍କ ପରିଚୟ ଗୋପନ ରଖି ପୁରସ୍କୃତ କରାଯିବ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହା ମଧ୍ୟରେ ପଡ଼ୋଶୀ ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ସୁରକ୍ଷକର୍ମୀଙ୍କ ଏନକାଉଣ୍ଟରରେ ଅନେକ ବଡ କ୍ୟାଡର ନକ୍ସଲ ମୃତ୍ୟୁବରଣ କରିଥିବାବେଳେ ବହୁ ସଂଖ୍ୟାରେ ମାଓବାଦୀ ସୁରକ୍ଷା କର୍ମୀଙ୍କ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି। ଏଭଳି ପରିସ୍ଥିତିରେ ପଡୋଶୀ ରାଜ୍ୟରେ ହୋଇଥିବା ନକ୍ସଲ ଦମନ କାର୍ଯ୍ୟାନୁଷ୍ଠାନ ପରେ କିଛି ମାଓବାଦୀ ବରଗଡ଼ ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଆତ୍ମଗୋପନ କରିଥିବା ପୁଲିସ ସନ୍ଦେହ କରି ମାଓବାଦୀମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଏଭଳି ବ୍ୟାନର ଲଗାଇ ଥିବା ଜଣାପଡ଼ିଛି।

## ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

ବରଗଡ଼, ୧୯ ।୧୦(ସମିସ): ଗୁରୁ ଭଗବାନ ସାହୁ ସ୍ମୃତିକମିଟି ପକ୍ଷରୁ ଗୁରୁଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଗତକାଲି ସ୍ଥାନୀୟ ଏଇ ମିସନ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରୁ ସ୍ମୃତି କମିଟି ପୁରୋଧା ଉପସଭାପତି ଦଧିବାବନ ଶତପଥୀ ସ୍ୱାଗତ କରିବା ସହ ବିଭିନ୍ନ ଜିଲ୍ଲାରେ ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ ଏବଂ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ନୂଆଁଖାଇ ଭେଟଘାଟର ଭଲ ଆୟୋଜନ ସହ ଗୁରୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟକ୍ରମ କରିଥିବା ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପରିବାର ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ ତପସ୍ୱନୀ ଗୁରୁଙ୍କ ସଭାପତିତ୍ୱରେ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅନୁପସ୍ଥିତିରେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଗତ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବର ଆୟବ୍ୟୟର ବିବରଣୀ ପାଠ କରିବା ସହ ସଭା ସଂଯୋଜନା କରିଥିଲେ।

ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ଆସନ୍ତା ନଭେମ୍ବର ୨୦ ତାରିଖ ଦିନ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ଉଦ୍ଧବଚରଣ ବେହେରା, ବିମଳକୃଷ୍ଣ ମିଶ୍ର, ତୁଳସୀ ଚରଣ ଦାଶ, ମନୋରଞ୍ଜନ ମେହେର, ଡ. ରବି ନାରାୟଣ ସାହୁ, ପଞ୍ଚାନନ ବାରିକ, ଅରୁଣ କୁମାର ସାହୁ, ମୁଗ୍ଧା ଦାଶ, ସଙ୍ଗୀତା ଦୀପ, ସନ୍ତୋଶିନୀ ନାଗ, ମନୋଜ ବାଗ, ମାନସ ରଞ୍ଜନ ଦାଶ ପ୍ରମୁଖ ଯୋଗଦାନ କରି ସଫଳ ଆୟୋଜନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ଶିକ୍ଷକଙ୍କ ପେନ୍‌ସନ୍ ଦାବିରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ପାଇକମାଳ, ୧୯ ।୧୦(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ଓ ଝାରବନ୍ଧ ବ୍ଲକରେ ଥିବା ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସମୂହର ଶିକ୍ଷକ ଓ କର୍ମଚାରୀମାନଙ୍କ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ରାଜକୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉକ୍ତ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟ ଗୁଡିକରେ କାର୍ଯ୍ୟ କରି ଶୂନ୍ୟହସ୍ତରେ ଅବସର ନେଉଥିବାରୁ ତାଙ୍କର ଅବଶିଷ୍ଟ ଦିନ ଗୁଡ଼ିକ ଅତି ଦୟନୀୟ ହୋଇପଡୁଛି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ତାହା ପୂରଣ କରିନାହାନ୍ତି। ତେଣୁ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପଡୋଶୀ ନୂଆପଡ଼ା ଜିଲ୍ଲାର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ନୂଆପଡ଼ାରେ ଏକ ଜନସମାବେଶ କରି ସରକାରଙ୍କ ଶିକ୍ଷା ମାରଣ ନୀତିକୁ ଲୋକଲୋଚନକୁ ଆଣିବା ଓ ଆସନ୍ତା ବିଧାନସଭା ସମୟରେ ରାଜଧାନୀ ରେ ଏକତ୍ରିତ ହୋଇ ବିଶାଳ ରାଲି ସହ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ସଭାରେ ବରଗଡ଼ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ମାନଭଞ୍ଜନ ମହାପାତ୍ର, ବିଶ୍ୱନାଥ ବେହେରା, ମୁକେଶ ପ୍ରଧାନ, ମକରଧ୍ୱଜ ପଟେଲ, ଭୀଷ୍ମଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଦୈତାରି ପ୍ରଧାନ ସମସ୍ତଙ୍କୁ ଏକଜୁଟ ହୋଇ ଆଗାମୀ ଆନ୍ଦୋଳନକୁ ସଫଳ କରିବାକୁ ଅନୁରୋଧ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ବ୍ଲକ୍‌ସ୍ତରୀୟ ସୁରଭି -୨୦୨୫**

## 'ଶିକ୍ଷା ଓ ପ୍ରତିଭା ପରସ୍ପର ପରିପୂରକ'

ବରଗଡ଼, ୧୯ ।୧୦(ସମିସ)




ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବରଗଡ଼ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତି କାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିକ୍ଷୟିତ୍ରୀ ରୀନା ପ୍ରଧାନ, ନମିତା ପଟ୍ଟନାୟକ, ରାଜଶ୍ରୀ ପୁରୋହିତ, ନିଳୀମା ପ୍ରଧାନ, ମୌସୁମୀ ରଥଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୭ ଟି କ୍ଲଷ୍ଟରରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଶିକ୍ଷା ଓ ପ୍ରତିଭା ପରସ୍ପର ପରିପୂରକ ଏଣୁ ଶିକ୍ଷା ସହିତ ପ୍ରତିଭାକୁ ମଧ୍ୟ ପ୍ରୋତ୍ସାହିତ କରାଯିବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଡିଓ ବ୍ରେଣିଅସ ତୁଙ୍ଗ ତୁଙ୍ଗ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ବିଜେପୁର ବିଇଓ ବଲ୍ଲଭ ମେହେର, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ପାଇକମାଲ ବିଇଓ ଅଦନ ସୁନା, ବରପାଲି ବିଇଓ ମୁକୁନ୍ଦ ମାହାରା, ଝାରବନ୍ଧ ବିଇଓ ଶୁଭମ୍ ପତି, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଶିବ ଶଙ୍କର ଦାଶ ବିଶିଷ୍ଟ କଣ୍ଠ ଶିଳ୍ପୀ ମାନସ ଦାସ, ଏବିଇଓ ଦିଲ୍ଲୀପ ମେହେର, ରଞ୍ଜନ ଦଣ୍ଡସେନା, ଘାସିରାମ ଭୋଇ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗରୁ ଅବସରଗ୍ରହଣ କରିଥିବା ଦୁଇ ଜଣ ଶିକ୍ଷକ କପିଳ ବାଗ ଏବଂ ଡୋଳାମଣି ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଣା ପ୍ରତାପ ସ୍କୁଲ ବରଗଡ଼ ଓ ଧାଙ୍ଗେର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ଡ଼ ତପସ୍ୱନୀ ଗୁରୁ, ଗୋପାଳ ମିଶ୍ର, ମୁଗ୍ଧା ଦାଶ, ଅରବିନ୍ଦ ଗୁପ୍ତା ପ୍ରମୁଖ ଯୋଗଦେଇ ଥିବାବେଳେ ବରଗଡ଼ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ତେବେ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଥିବା ସମସ୍ତ ପ୍ରତିଯୋଗୀ ଜିଲ୍ଲାସ୍ତରରେ ଭାଗ ନେବେ ବୋଲି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପରିଚାଳନାରେ ସମସ୍ତ ସିଆରସିସିଙ୍କ ସମେତ ଶିକ୍ଷକ ଚୁଙ୍ଗିଲାଲ ସେଟ୍, ପ୍ରଦୀପ ଶତପଥୀ, ବାବଲୁ ଶତପଥୀ, ଅଭୟ ବେହେରା, ତେଜରାଜ ହୋତା, ସାର୍ତିକ ସାହୁ, ପ୍ରକାଶ ବିର୍ତିଆ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

ନୂଆପଡ଼ା ଉପନିର୍ବାଚନ

# ସ୍ନେହାଙ୍ଗିନୀଙ୍କ ରୋଡ୍ ଶୋ’

**ନୂଆପଡ଼ା, ୧୯ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସହ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଗଲାଣି। ଆଜି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ବିଶାଳ ରୋଡ ଶୋ’ ନୂଆପଡ଼ା ସହରକୁ ଦୁଲୁକାଇ ଦେଇଛି। ନବୀନ ସରକାର ନୂଆପଡ଼ା ଜିଲ୍ଲା ସହ ରାଜ୍ୟର ପ୍ରଗତି ପାଇଁ ବହୁ କାମ କରିଯାଇଛନ୍ତି। ତାଙ୍କର ଅତୁଟ ଭରସା ମୋରି ଉପରେ ଅଛି। ମୋ ଉପରେ ନୂଆପଡ଼ାର ଗୁରୁଦାୟୀତ୍ୱ ଦେଇଛନ୍ତି।ମହିଳାଙ୍କ ଉପରେ ଭରସା ରଖିଛନ୍ତି। ତାକୁ ସ୍ୱପ୍ନକୁ ସାକାର କରିବି।ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ନୂଆପଡ଼ା ମାଟି ପାଇଁ କାମ କରିବି ବୋଲି କହିଛନ୍ତି। ନୂଆପଡ଼ା ମାଟି ପାଇଁ ସ୍ୱର୍ଗତ ଢୋଲକିଆ ବହୁ କାମ କରିଛନ୍ତି। ସେ ଚାରି ଚାରି ଥର ପାଇଁ ବିଜେଡି ତରଫରୁ ବିଜୟୀ ହୋଇ ଜିଲ୍ଲାପାଇଁ କାମ କରିଛନ୍ତି। ବିରୋଧି ବିଜେପି ଢୋଲକିଆଙ୍କ ପୁଅକୁ ହାଇଜ୍ୟାକ୍ କରି ତାରି ପୋଷ୍ଟର ସହ ରାଜେନ୍ଦ୍ରଙ୍କ ମୁହଁକୁ ଲଗାଉଛି ଏହା ନିଶ୍ଚିତ ଭାବେ ଲଜ୍ଜାଜନକ। ମାଁ ବାପାଙ୍କୁ ପ୍ରତାରଣା କରାଯାଉଛି ଏହା ଲଜ୍ଜାକର।

**ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନୂଆପଡ଼ା ମାଟିର ସେବା କରିବି**













## ନେତାଙ୍କୁ ଚୋରି କରି ନେଲା ବିଜେପି: ଅଧିରାଜ

ବିଜେଡି ସୁପ୍ରିମୋ ନବୀନ ଶହ ଶହ ନେତା ତିଆରି କରିଛନ୍ତି। ବିଜେପି ପାଖରେ ନୂଆପଡ଼ା ପାଇଁ ପ୍ରାର୍ଥୀ ନାହିଁ। ବିଜେଡି ନେତା ସ୍ୱର୍ଗତ ଢୋଲକିଆଙ୍କ ପୁଅକୁ ଚୋରି କରି ନେଇ ପ୍ରାର୍ଥୀ କରିଛି। ଏବେବି ରାଜୁ ଭାଇ ବିଜେଡି ସହ ଅଛନ୍ତି ତାଙ୍କର ଅଯୋଗ୍ୟ ପୁଅ ନାହାଁନ୍ତି ବୋଲି ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ କହିଛନ୍ତି।

## ବିଜୁ, ନବୀନ ଓ ରାଜୁଙ୍କ ଜୟଜୟକାର କଲେ ଦେବୀ

ବିଜେଡିର ବିଶାଳ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ବହୁ ପ୍ରଭାବଶାଳୀ ନେତା। ତନ୍ମଧ୍ୟରୁ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ ଏବଂ ରାଜୁ ଭାଇଙ୍କ ଗୁଣଗାନ କରିବା ସହ ଜୟଜୟକାର କରିଥିଲେ। ଏହାକୁ ଦୋହରାଇ ହଜାର ହଜାର ଦଳୀୟ କର୍ମକର୍ତ୍ତା ସ୍ଲୋଗାନ ଦେଇଥିଲେ।





















## ବିଜେପି ଶାସନରେ ଚାଷୀ ସବୁଠୁ ବେଶି ଅବହେଳିତ

**ନୂଆପଡ଼ା, ୧୯ ।୧୦(ସମିସ):** କିଷାନ କଂଗ୍ରେସ ପକ୍ଷରୁ ନୂଆପଡ଼ା ସ୍ଥିତ ଖୁଣ୍ଟିଆ ଭବନରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆପଡ଼ାର ବିଶିଷ୍ଟ କୃଷକ ନେତା ଏବଂ ବିଭିନ୍ନ ଜିଲ୍ଲାରୁ କୃଷକ ସଂଗଠକ ଯୋଗ ଦେଇଥିଲେ। ଉକ୍ତ ସଭାକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ ଦେଶର ଅନ୍ନଦାତାଙ୍କୁ ପ୍ରଣାମ ଜଣେଇ କହିଥିଲେ କି ଯେଉଁ ଦେଶର କୃଷକ ଅତ୍ୟାଚାରିତ, ଦୁର୍ବଳ ଓ ଋଣଗ୍ରସ୍ତ, ସେହି ଦେଶର ଭବିଷ୍ୟତ ଅନ୍ଧକାର। ଦୁଃଖର ବିଷୟ ବିଜେପି ସରକାରକୁ ଆସିଲା ପରେ କୃଷକଙ୍କ ଦୁଃଖ ଉଦବେଗ ଜନକ ଭାବେ ବୃଦ୍ଧିପାଇଛି। ଆତ୍ୟାଚାରିତ ଏବଂ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ସଦ୍ୟ ଉଦାହରଣ ହେଲା ୟୁରିଆ ସାରର କୃତ୍ରିମ ଅଭାବ। ସାମାନ୍ୟ ସାର ଟିକକ ପାଇଁ ରାଜ୍ୟର ଚାଷୀଙ୍କୁ ନିର୍ଯାତନା ଓ ହଟହଟାର ଶିକାର ହେବାକୁ ପଡ଼ିଲା। ଏହା ସମସ୍ତେ ଦେଖିଛନ୍ତି ଏବଂ ରାଜ୍ୟବାସୀ ଭୋଗିଛନ୍ତି। ଚାଷୀ ପାଖରେ ଜମି ଅଛି, କିନ୍ତୁ ଜଳସେଚନର ସୁବିଧା ନାହିଁ। ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାକୁ ବଜାର ନାହିଁ। ୪୦୦ ଟଙ୍କା ସାରକୁ ୧୨୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଜଳସେଚନର ସୁବିଧା ଥିଲେ ଉପଯୁକ୍ତ ସମୟରେ ବିହନର ଅଭାବ ହେଉଛି। ଏଭଳି ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଚାଷୀ ଚାଷ କରୁଛି ଏବଂ ଆମକୁ ଅନ୍ନ ଯୋଗାଣ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି। ରାଜ୍ୟ କିଷାନ୍ କଂଗ୍ରେସ ସଭାପତି ଅଭୟ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ କାର୍ତ୍ତିକ ବରାଳ, ମୃତ୍ୟୁଞ୍ଜୟ ଗୁରୁ, ଅନ୍ନ୍ୟନ ଜେନା, ଉମେଶ ସାହୁ, ଦାଶରଥି ସାହୁ, ସନରାଜ ଗଣ୍ଡ, ପତିତପାବନ ଦାସ, ଦଶରଥ ଦୁର୍ଗା ପ୍ରମୁଖ ବହୁ କର୍ମକର୍ତ୍ତା ଏବଂ କୃଷକ ନେତା ଉପସ୍ଥିତ ଥିଲେ।



## ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ବୈଠକ

**ବୌଦ୍ଧ, ୧୯ ।୧୦ (ସମିସ):** ବୌଦ୍ଧ କର୍ମଚାରୀ ଭବନଠାରେ ଓଡ଼ିଶା ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ, ବୌଦ୍ଧ ଜିଲ୍ଲାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ବନ ସେବା କର୍ମଚାରୀ ସଂଘ ସଭାପତି ଜଗବନ୍ଧୁ ପାତ୍ର, ଶିକ୍ଷକ ସଂଘ ନେତା ଶମ୍ଭୁ ଗିରି, ଶତୃଜିତ ମହାପାତ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ। ନୂତନ ଭାବରେ ଓଡ଼ିଶା ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ବୌଦ୍ଧ ଜିଲ୍ଲାର ଅଧକ୍ଷ ତାପସ ମିଶ୍ର, ସଭାପତି ପ୍ରମୋଦ ପାତ୍ର, ଉପ ସଭାପତି ବିରେନ ଶଙ୍କର ପଣ୍ଡା, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅକ୍ଷୟ ବାଘ, ସହ ସମ୍ପାଦକ ରତି ରଞ୍ଜନ ମହାପାତ୍ର, କୋଷାଧକ ସନ୍ତୋଷ ସାହୁ ଓ ନିରୀକ୍ଷକ ଧନଞ୍ଜୟ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫରଙ୍ଗ ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା

**ଗୋଲାମୁଣ୍ଡା, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ଆଞ୍ଚଳିକ ଯାଦବ ଭବନ, ଅମଠା ଠାରେ ଆଞ୍ଚଳିକ ଯାଦବ ସମିତି ର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା।ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସଭାପତି ଶଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସମ୍ପାଦକ ପରୀକ୍ଷିତ ଖର୍ସେଲ ଓ ବ୍ରହ୍ମାପ୍ରସାଦ କାଣ୍ଡ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା।ସର୍ବସମ୍ମତିକ୍ରମେ ପୁଣିଥରେ ତିଲେଶ୍ୱର ଘିଙ୍କୁ ସଭାପତି, ଉପସଭାପତି ଖଗେଶ୍ୱର ଭାଟି, ସମ୍ପାଦକ ଭବାନି ଶଙ୍କର ହଂସ, ସହ ସମ୍ପାଦକ ମଦନ ଘି ଓ କୋଷାଧକ୍ଷ ଧନଞ୍ଜୟ ଘି ଏବଂ ବରିଷ୍ଠ ଯାଦବମାନଙ୍କୁ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଥିଲା। ସମାଜର ସାମୂହିକ ବିକାଶ ଉପରେ ଆଲୋକପାତ କରାଯାଇଥିଲା।



ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

## ଗୀତା ହେଉଛି ବିଜୟ ଗୀତିର ଆବାହନୀ

**ବୌଦ୍ଧ, ୧୯ ।୧୦(ସମିସ)**

ଗୀତା ସେବି ଅନୁଷ୍ଠାନ ପ୍ରଜ୍ଞାନ ମିଶନର ଆୟୋଜନ କ୍ରମେ ବୌଦ୍ଧ ସହରର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୫ମ ଅଧ୍ୟାୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଧକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଢାମାଳ କଲେଜର ସଂସ୍କୃତ ଅଧ୍ୟାପକ ପୌଲସ୍ତି ପ୍ରଧାନ ଯୋଗ ଦେଇ ଗୀତା ବିଜୟଗୀତିର ଆବାହନୀ ବୋଲି ମତ ରଖିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ୩ୟଠାରୁ +୩ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମତ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ବୌଦ୍ଧ ସହରର ଜେ ଡି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,




ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ଜୀବନ ବିକାଶ ମହାବିଦ୍ୟାଳୟ, ଭୈରବୀ ମହାବିଦ୍ୟାଳୟ, କଣ୍ଢାମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସଂଗ୍ରାମପୁର ଏମ୍ଇ ସ୍କୁଲର ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୀତା ଜ୍ଞାନ ପରୀକ୍ଷା -୨୦୨୫ରେ ରାଜ୍ୟସ୍ତରରେ ଜିଲ୍ଲା ପାଇଁ କୃତିତ୍ୱ ଆଣିଥିବା ବୌଦ୍ଧ ମହିଳା କଲେଜ ଛାତ୍ରୀ ସୁଶ୍ରୀ ମୋନିକା ପ୍ରଧାନ ଓ ମୁଣ୍ଡିପଦର୍ ହାଇସ୍କୁଲ ଛାତ୍ରୀ ସମୀକ୍ଷା ରାଣି ଦାଶଙ୍କୁ ପ୍ରମାଣପତ୍ର, ମେଡାଲ ଓ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ନବୀନ ଚନ୍ଦ୍ର ଶତପଥୀ, ନିରଞ୍ଜନ ସାହୁ, ପୌଲସ୍ତି ପ୍ରଧାନ, ରାଜୀବ କହଁର, ବିଶ୍ୱାମିତ୍ର ମାହାଲା, ଅଭିମନ୍ୟୁ ପ୍ରଧାନ ଓ ରଞ୍ଜନାବାଳା ନାୟକ ପ୍ରମୁଖ ବିଚାରକ ଥିଲେ। ପ୍ରମୁଖ ଗୀତା ସେବୀ ଶ୍ରୀବନ୍ତ ନାୟକ, ଗୁରୁପ୍ରସାଦ ଦାଶ, ନନ୍ଦକିଶୋର ସାହୁ, ସମୀର ସାହୁ, ପ୍ରାଣବନ୍ଧୁ ମହାପାତ୍ର, ଶିବଦତ୍ତ ପଟ୍ଟନାୟକ, କ୍ଷୀରାବ୍ôଧିକୁମାର ତରିଆ, ହେମନ୍ତ ପାଣିଗ୍ରାହୀ, ବିଜୟ ପ୍ରଧାନଙ୍କ ସହଯୋଗରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରିଶେଷରେ ପଣ୍ଡିତ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଭାଗନେଲେ ୩ୟ ଶ୍ରେଣୀଠାରୁ +୩ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରଛାତ୍ରୀ**

## ଲଖନପୁର କୋଇଲା କ୍ଷେତ୍ରରେ ଦୀପୋତ୍ସବ

# ଦୀନବାନ୍ଧବ କ୍ଷେତ୍ରରେ ଜଳିଲା ୧ଲକ୍ଷ ୨୫ ହଜାର ଦୀପ





**ଇବଥର୍ମାଲ, ୧୯ ।୧୦(ସମିସ)**

ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ବନ୍ଧବାହାଲରେ ଆଜି ସାମୂହିକ ଦୀପଦାନ ଉତ୍ସବ ପାଳିତ ହୋଇଛି । ଦୀପାବଳୀ ଅବସରରେ ଏହି ବର୍ଷକୁ ଧରି ଚାରିବର୍ଷ ହେବ ଏକ ମହାନ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଚଳିତ ବର୍ଷ ଅଯୋଧ୍ୟାକୁ ଛାଡିଦେଲେ ସମଗ୍ର ଭାରତ ବର୍ଷରେ ଏଭଳି ଏତେ ଦୀପ ଏକାସାଙ୍ଗରେ ଜଳି ଉତ୍ସବ ପାଳନ କରିବା ଦ୍ୱିତୀୟ ବୋଲି କୁହାଯାଇଛି । ଶାନ୍ତି, ମୈତ୍ରୀ ଓ ଭାଇଚାରାଭାବ ସହ ରାଷ୍ଟ୍ର ଗଠନ ନେଇ ଲଖନପୁର କ୍ଷେତ୍ର ପକ୍ଷରୁ ପ୍ରଥମ ବର୍ଷ ୫, ୧୦୦, ଦ୍ୱିତୀୟ ବର୍ଷ ୫୧, ୦୫୧, ତୃତୀୟ ବର୍ଷ ୧, ୧୧, ୧୧୧, ଚତୁର୍ଥ ବର୍ଷ ୧, ୨୧, ୦୦୦ ଦୀପ ଜଳାଯାଇଥିବା ବେଳେ ଚଳିତ ବର୍ଷ ୧, ୨୫, ୫୨୧ ଦୀପ ପ୍ରଜ୍ୱଳନ କରା ଯାଇଛି । ଏହି କାର୍ଯ୍ୟକୁ ସଫଳ କରିବାକୁ ଆଜକୁ ୫ଦିନ ହେବ ଦୀନବାନ୍ଧବ କ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିରର ସମ୍ମୁଖରେ, ସେଣ୍ଟ୍ରାଲ ପାର୍କରେ ତଥା କଲ୍ୟାଣମଣ୍ଡପ ସମ୍ମୁଖ ରାସ୍ତା ଗୁଡ଼ିକ ଅବରୋଧ କରାଯାଇ ପ୍ରଥମେ ଧୋଇ ଦେବାପରେ ଏମସିଏଲ ଲଖନପୁର କ୍ଷେତ୍ର କର୍ମଚାରୀ, ମହିଳା କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ କଲୋନୀରେ ମହିଳାମାନେ ବିଭିନ୍ନ ରଙ୍ଗୋଲି କରିଥିଲେ । ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓବଦ କିଶୋର ପାଣ୍ଡେ ମୁଖ୍ୟ କର୍ତ୍ତା କାର୍ଯ୍ୟନିର୍ବାହ କରିଥିଲେ । ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଏମସିଏଲ୍ ଡିଟି ସଞ୍ଜୟ କୁମାର ଝା ତଥା ସିଭିଲ ହେଡ୍‌କ୍ୱାଟର ପ୍ରଣବ କୁମାର ପଟେଲ ଠାକୁରଙ୍କୁ ପୂଜାର୍ଚ୍ଚନା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା । ଦୀପଦାନ କରିବାପରେ ସମୂହ ଦୀପଦାନ କରା ଯାଇଥିଲା । ଏହି ଅବସରରେ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ ସିଏମଡି ଅନନ୍ତ ଉଦୟ କାଉଲେ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ । ଲଖନପୁର, ଜିଏମ୍ ମାଇନିଙ୍ଗ ସତ୍ୟଭୂଷଣ ବାରିକ, ସିଡବ୍ଲୁଏସ୍ ଜିଏମ୍ ସମିର କୁମାର ତଥା ଶ୍ରମିକ ସଂଗଠନର ଜେସିସି ମେମ୍ବର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଆଇଏଲବିଏଲ୍ ପକ୍ଷରୁ ୬୭ହଜାର, କୋଲଓ୍ୱାସେରୀ ପକ୍ଷରୁ ୨୪ହଜାର, ଜିଏମ୍ କାର୍ଯ୍ୟାଳୟ ପକ୍ଷରୁ ୨୩ହଜାର, ସିଡବ୍ଲୁଏସ୍ ପକ୍ଷରୁ ୧୧ହଜାର, ମନ୍ଦିର କମିଟି ପକ୍ଷରୁ ୫୨୧ ଦୀପଦାନ କରାଯାଇଥିଲା । ଏଥିପାଇଁ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ, ପାର୍କ, ମନ୍ଦିର ପରିସରରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତାକର୍ଷକ ଝୋଟି, ରଙ୍ଗ ବେରଙ୍ଗ ଆଲୋକ ସଜ୍ଜାକରାଯାଇଥିଲା । ଏଥିରେ ବିଭାଗୀୟ ଅଧିକାରୀ ସମେତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଂଗଠନ ସ୍କୁଲ ଛାତ୍ରଛାତ୍ରୀ, ଓ ମନ୍ଦିର କମିଟି ପକ୍ଷରୁ ଅକ୍ଲାନ୍ତ ପରିଶ୍ରମ କରା ଯାଇଥିଲା । ଉତ୍ସବରେ ବନ୍ଧବାହାଲ ତଥା ଆଖପାଖ ଅଞ୍ଚଳରୁ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ପୌରପରିଷଦସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ପିଏମ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ବେଲପାହାଡ଼ ପୌରପରିଷଦ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରଜ୍ଞାନ ମିଶନ ଜିଲ୍ଲା ମୁଖ୍ୟ ସଂଯୋଜକ ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ. ଅନୁପମା ଦାଶ ମୁଖ୍ୟ ଅତିଥି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ଉଦ୍‌ଘାଟକ, ପ୍ରଜ୍ଞାନ ମିଶନ ସଂଯୋଜକ ଅମ୍ବିକା ପ୍ରସାଦ ଦାଶ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ପୁରୀର ସମ୍ପାଦକ ଚିନ୍ତାମଣି ଦାସ, ଅରୁଣେନ୍ଦୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନ ଗଠନରେ ଗୀତାର ଭୂମିକା ଓ ଆଜିର ପରିସ୍ଥିତିରେ ଗୀତାପାଠର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂଯୋଜକ ଶିବପ୍ରିୟା ମିଶ୍ର ଏ ଅଭିଯାନର ଆଭିମୁଖ୍ୟ ଜ୍ଞାପନ କରିବା ସହ ଅଧିକ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ରଘୁନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ । ବେଲପାହାଡ଼ ପୌରପରିଷଦ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସଂସ୍କୃତ ଶିକ୍ଷକ ପଣ୍ଡିତ ରଘୁନାଥ ଦାଶ, ରାଧାକାନ୍ତ ବାରିକ, ସୁରେନ୍ଦ୍ର ରାଉତ ବିଚାରକର ଦାୟିତ୍ୱ ତୁଲାଇଥିଲେ । ଏହି ପ୍ରତିଯୋଗିତାରେ 'କ' ବିଭାଗରେ ଭାଗ୍ୟଶ୍ରୀ ପ୍ରଧାନ ଓ ଅଭିରାମ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ 'ଖ' ବିଭାଗରେ ଶ୍ରୀଲେଖା ଷଡ଼ଙ୍ଗୀ, ନମନ ବଗାର, ଆଦିତ୍ୟ ଭୋଇ, 'ଗ' ବିଭାଗରେ ସଂକେତ କୁମାର ଦାଶ, ଆଲୋକ କୁମାର ମିଶ୍ର, ଜହ୍ନବୀ ମିତ୍ର ଓ 'ଘ' ବିଭାଗରେ ବିଜୟ ଲକ୍ଷ୍ମୀ ଚକ୍ରବର୍ତ୍ତୀ, ତନିଷା ସେଠ, ସୁସ୍ମିତା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି



**ଦେବଗଡ଼, ୧୯ ।୧୦(ସମିସ):** ରିଆମାଳ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪ଟି ସାମୂହିକ ଏବଂ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ । ଏଥିସହ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ ମଧ୍ୟରେ ଛତାବର କଙ୍କରଖୋଲ ରାସ୍ତା ନିର୍ମାଣରେ ଅନିୟମିତତା କାରଣରୁ ଏବେ ମରଣଯନ୍ତା ପାଲଟିଥିବା ବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ରାସ୍ତା ମରାମତି ପାଇଁ ଅଭିଯୋଗ ହୋଇଥିଲା । ସେହିପରି ବୁଢିଦୋ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ବରପାଲି ରାସ୍ତାର ଉନ୍ନତି କରଣ ପାଇଁ ସ୍ଥାନୀୟ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ପାନୀୟଜଳ ସମସ୍ୟାର ସମାଧାନ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଭୂମିହୀନ ପରିବାରକୁ ଜମି ପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ଆବାସଗୃହ ଯୋଗାଇ ଦେବା ଆଦି ଅଭିଯୋଗ ହୋଇଥିବା ଜଣାପଡ଼ିଛି ।

## ଶିଶୁ ବାଟିକାର ମାତୃ କର୍ମଶାଳା କାର୍ଯ୍ୟକ୍ରମ

**ଝାରସୁଗୁଡା, ୧୯।୧୦(ସମିସ):** ବ୍ରଜରାଜନଗର ଶିଶୁ ବାଟିକାରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସାମ୍ପାଦକ ସାହେବ ରାଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ରନାଥ ଠାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ବିଜୟ ସାହୁ କାର୍ଯ୍ୟକ୍ରମରେ ନିରୀକ୍ଷକ ଦାୟିତ୍ୱ ସମ୍ପାଦନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ବୀଣାପାଣି ପଣ୍ଡା କର୍ମଶାଳାର ବିଷୟ ଶିଶୁ ବାଟିକାର ସ୍ୱରୂପ ଓ ପାଠ୍ୟକ୍ରମ କ୍ରିୟାକଳାପ ବିଷୟକୁ ମା' ମାନଙ୍କୁ କହିଥିଲେ । ଏହାପରେ ବୌଦ୍ଧିକ ଦକ୍ଷତା, ଶାରୀରିକ ଦକ୍ଷତା, ମାନସିକ ଦକ୍ଷତା ଆଦି ବିଭିନ୍ନ କାଳାଂଶ ମା'ମାନେ କରିଥିଲେ । ମା'ମାନଙ୍କ ଅନୁଭବ କଥନ ପରେ ବରିଷ୍ଠା ଆଚାର୍ଯ୍ୟ ମୀରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉଷା ଗୁରୁମା, ପ୍ରେମଲତା ଗୁରୁମା, ସୁନୀତି ଗୁରୁମା, ସରିତା ଗୁରୁମା, ଦିପ୍ତି ଗୁରୁ ମା, ପ୍ରିୟଙ୍କା ଗୁରୁମା, ନିଳିମା ଗୁରୁମା ଓ ସେବକ ଓ ସେବିକା ମାନେ ସହଯୋଗ କରିଥିଲେ ।

ଇବଥର୍ମାଲ: ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବନ୍ଧବାହାଲ ଶିଶୁ ବାଟିକା ବିଭାଗ ପକ୍ଷରୁ ଜଗନ୍ନାଥନଗର ବିଦ୍ୟାଳୟ ଠାରେ ଓଡ଼ିଶା ଶିକ୍ଷା ବିକାଶ ସମିତି ଯୋଜନାନୁସାରେ 'ମାତୃକର୍ମଶାଳା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିଶୁ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର କୁନି ଶିଶୁଙ୍କ ମା' ମାନଙ୍କୁ ନେଇ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମିତି ସଦସ୍ୟା ଗୀତାରାଣୀ ମେହେର ଏହାର ଉଦ୍‌ଘାଟନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଅତିଥିଗଣଙ୍କ ପରିଚୟ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ରୋଜାଲି ହୋତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପଶ୍ଚିମ ସମ୍ଭାଗ, ସମ୍ବଲପୁର ବିଭାଗର ସହ ସମ୍ଭାଗ ନିରୀକ୍ଷକ ପ୍ରଦୁପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ହିନ୍ଦୁ ଘରର ସଙ୍କଳ୍ପନା ଓ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶରେ ମା' ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । କର୍ମଶାଳାରେ ସମୁଦାୟ ୫୬ ଜଣ ମା' ଯୋଗ ଦେଇଥିଲେ । ଶିଶୁ ବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା ଆଧାରରେ ମୋଟ ୫ଟି ବିକାଶ କାଳାଂଶ ତଥା ଆତ୍ମିକ ବିକାଶ, ମାନସିକ ବିକାଶ, ବୌଦ୍ଧିକ ବିକାଶ, ପ୍ରାଣୀକ ବିକାଶ ଓ ଶାରୀରିକ ବିକାଶ ଉପରେ ଯଥାକ୍ରମେ ଗୁରୁଜୀ ସୀମାଞ୍ଚଳ ଜେନା, ପ୍ରଜ୍ଞାପରମିତା ଦାଶ, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଠ୍ ପୂଜା ମେହେର ପ୍ରମୁଖ ଗୁରୁମା ବିସ୍ତୃତ ଆଲୋକପାତ କରିଥିଲେ । ସମାପନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ଆଦିତ୍ୟ ସିଂଦେଓ, ବିଦ୍ୟାଳୟର ସଦସ୍ୟା ମଞ୍ଜୁଲତା ଭୂମିଜ ଓ ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁମା ସତ୍ୟଭାମା ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।





## ସାଗରପାଲି ନଖୁ ବାବା ମଠରେ କଲତା ସମାଜର ବନ୍ଧୁମିଳନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମ ନଖୁବାବା ମଠରେ ଭଅଁରଖୋଲ ଗୁଡ଼ି କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । କୁଲତା ସମାଜକୁ ଉନ୍ନତ, ସଶକ୍ତ, ଶିକ୍ଷା ଯୁକ୍ତ, ସମାଜ ଗଠନ କରିବା ଦିଗରେ ଅତିଥିମାନେ ଅଲୋକପାତ କରିଥିଲେ । ଏହାସହ ବର୍ତ୍ତମାନ ସାମଜିକ ଓ ଆଧୁନିକ ପରିସ୍ଥିତିରେ ଯୁବ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ, ଏକ ସୁସ୍ଥ, ଉନ୍ନତ ସମାଜ ଗଠନ ସକାଶେ ଆହ୍ୱାନ ଆଦି ବିଭିନ୍ନ ବିଷୟ ବସ୍ତୁ ଉପରେ ଉପସ୍ଥିତ ଅଥିତି ମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଲତା ସମାଜ କଦେଲପିଟା ପୀଠ ସଭାପତି କ୍ଷୀରୋଦ ପଧାନ, ସମ୍ପାଦକ ରମେଶ ସା, ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ନିରାକାର ବଢ଼ାଇଙ୍କ ସହ ବରତାପ ଗୁଡ଼ି ପୂର୍ବତନ ସଭାପତି କୁଳମଣି ସାହୁ, ଖଗେଶ୍ୱର ପଧାନ, ତେଜରାମ ପ୍ରଧାନ, ବାଘମୁଣ୍ଡା ଗୁଡ଼ି ସଭାପତି ଏବଂ ସଦସ୍ୟ, ସମରବଗା ଗୁଡ଼ି ସଭାପତି ଅକ୍ଷୟ ପଧାନ ଏବଂ ସଦସ୍ୟ ଉପସ୍ଥିତ ଥିବାବେଳେ କୁଲତା ସମାଜର ବରିଷ୍ଠ ସଦସ୍ୟ ଭାବଗ୍ରାହୀ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାନୁରଖୋଲ ଗୁଡ଼ି ସଭାପତି ଦୋଳଗୋବିନ୍ଦ ବିଶ୍ୱାଳଙ୍କ ସହ ସାଗରପାଲି, ଠେବରା, ଭଅଁରଖୋଲ, ଡୁଡୁଗା, ସାହୁପଡ଼ା, ଖଲିଆପାଲି ଆଦି ଗ୍ରାମର କୁଲତା ସମାଜର ଶତାଧିକ ମହିଳା ପୁରୁଷ, ଯୁବକ, ଯୁବତୀ ଯୋଗଦେଇଥିଲେ ।

## ଜୋନାଲସ୍ତରୀୟ କରାଟେ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି ନ୍ୟାସନାଲ୍ ସ୍ପୋର୍ଟସ୍, ଓଡ଼ିଶା କ୍ଲଷ୍ଟର ଏବଂ ଜୋନାଲସ୍ତରୀୟ କରାଟେ ଓ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହ ଅନ୍ତର୍ଗତ ୪୨ଟି ବିଦ୍ୟାଳୟ ତଥା କ୍ଲଷ୍ଟର-୧, ୨ ଓ ୩ରୁ ଦୁଇ ଶହରୁ ଉହରୁ ମାର୍ଶାଲ୍ ଆର୍ଟ ଖେଳାଳିମାନେ ନିଜ ଶକ୍ତି, ଶିଷ୍ଟାଚାର ଓ କ୍ରୀଡା ଆତ୍ମାକୁ ପ୍ରଦର୍ଶନ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାରୀରିକ ଫିଟନେସ୍, ସ୍ୱୟଂରକ୍ଷା ଦକ୍ଷତା ଏବଂ ମାନସିକ ସବଳତା ମନୋଭାବକୁ ପ୍ରୋତ୍ସାହନ ଦେବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ । ଡିଏଭି କଲେଜ ମ୍ୟାନେଜିଂ କମିଟି ଓ ଡିଏଭି ସ୍ପୋର୍ଟସ୍ ଅଧୀନରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଜାତୀୟସ୍ତରର ଚାମ୍ପିଅନସିପ୍ ପାଇଁ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ସୂତ୍ରରୁ ପ୍ରକାଶ ।

## 'ଗୋହିରା ଉତ୍ସବ' ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼, ୧୯ ।୧୦(ସମିସ):** ଗୋହିରା ଆଞ୍ଚଳିକ ଉନ୍ନୟନ ସମିତିର ପକ୍ଷରୁ ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ତରଣୀ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାୟ ଷାଠିଏ ଜଣ ସଭ୍ୟଙ୍କ ଉପସ୍ଥିତିରେ ଦିଲ୍ଲୀପ କୁମାର ନାୟକ 'ଗୋହିରା ମହୋତ୍ସବ' ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଦେବଗଡ଼ ନେହେରୁ ଯୁବକ ସଂଘ ସଂଯୋଜକ ପ୍ରଦୀପ ବିଶ୍ୱାଳ ଗୋହିରା ଉତ୍ସବ ପାଳନ ଅବସରରେ ଗଠନ ମୂଳକ ପରାମର୍ଶ ଦେଇଥିଲେ । ଏହାକୁ ସମିତିର ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ଉପେନ୍ଦ୍ର ନାୟକ, ସହ ସମ୍ପାଦକ ମହେଶ୍ୱର ପ୍ରଧାନ ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କ ଦ୍ୱାରା ବୈଠକରେ ଆୟବ୍ୟୟର ହିସାବ ପ୍ରଦାନ କରାଯାଇଥିଲା । ସମିତିର ସଭ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ଉଦିତ କୁମାର ନାୟକ, ଶିକ୍ଷକ ସୁନୀଲ କୁମାର ସାହୁ, ସମାଜସେବୀ ଅଚ୍ୟୁତାନନ୍ଦ ନାୟକ, ସୁରେଶ ଚନ୍ଦ୍ର ପାତ୍ର, ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ସିନୁ ପ୍ରଧାନ, ମିତ୍ରଭାନୁ ବେହେରା, ଅଜୟ ସାହୁ ଓ ଆଠଟି ପଞ୍ଚାୟତର ସଭ୍ୟ ପ୍ରମୁଖ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସଭ୍ୟ ଲକ୍ଷଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଓପିଏସ୍‌ସିରେ କୃତୀଙ୍କୁ ଲକ୍ଷେଘର ସମାଜ ବିକାଶ ପରିଷଦ ପକ୍ଷରୁ ସମ୍ମାନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସମରବଗା ପଞ୍ଚାୟତ ଦୁଆନମୁଣ୍ଡା ଗାଁ ଲକ୍ଷେଘର ସମାଜର ଝିଅ ଅନୁପମା ଗର୍ଡ଼ିଆ ଓପିଏସସି ପରିକ୍ଷାରେ ୨୮୦ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ରବିବାର ପୂର୍ବାହ୍ନରେ ଲକ୍ଷେଘର ସମାଜର ପ୍ରତିନିଧି ମଣ୍ଡଳ ତାଙ୍କ ଘରେ ଯାଇ ଅନୁପମାଙ୍କୁ ଭେଟି ସମ୍ମାନିତ କରିଛନ୍ତି । ଲକ୍ଷେଘର ସମାଜ ବିକାଶ ପରିଷଦ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ସଭାପତି ପ୍ରେମସାଗର, ଉପସଭାପତି ଗୌରାଙ୍ଗ ଜଗତ, ଉପଦେଷ୍ଟା ଭୋପାଲ ଚନ୍ଦ୍ର ଜୟପୁରିଆ, ସନାତନ ମହାନନ୍ଦ ସମ୍ପାଦକ ଗଙ୍ଗାଧର କଣ୍ଡା, କୋଷାଧ୍ୟକ୍ଷ ମୁରଲୀ ଛଛାନ ପ୍ରମୁଖ ସମ୍ମାନିତ କରିଥିଲେ ।



## ତ୍ରିଦିବସୀୟ ଫୁଟବଲ; ଏନ୍‌ଟିପିସି ଦର୍ଲିପାଲି ଚାମ୍ପିଅନ



**ଇବଥର୍ମାଲ, ୧୯ ।୧୦(ସମିସ):** ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ତଲିବାହାଲସ୍ଥିତ ଗ୍ରୀନୱାଲ୍ଡ ଆସୋସିଏସନ୍ ତରଫରୁ ୩୫ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ତଲିବାହାଲ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୬ ଟି ଦଳ ଭାଗ ନେଇଥିଲେ । ପ୍ରଥମ ସେମିଫାଇନାଲ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ଓ ଷ୍ଟାନଲି ସ୍ପୋର୍ଟସ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଟିପିସି ଦଳ ବିଜୟୀ ହୋଇ ଫାଇନାଲକୁ ଯାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲ ବିବିୱାଇ ଏସ୍ ସମ୍ବଲପୁର ଓ ସଞ୍ଜୀବ ଏକାଦଶ ଗୋପାଳପୁର ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିବିୱାଇ ଏସ୍ ସମ୍ବଲପୁର ବିଜୟୀ ସୋଇ ଫାଇନାଲ ଖେଳିଥିଲା । ଏହି ଖେଳରେ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ୪-୧ ଗୋଲରେ ବିବିୱାଇଏସ୍ ସମ୍ବଲପୁର ଠାରୁ ବିଜୟୀ ହୋଇଥିଲା । ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ପୁରସ୍କାର ରାଶି ସହ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା । ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପବିତ୍ର ଓରାମ ଏନ୍‌ଟିପିସି ଦର୍ଲିପାଲିଙ୍କୁ ପୁରସ୍କୃତ କରା ଯାଇଥିଲା । ଆଜିର ଏହି ଫାଇନାଲ ଖେଳର ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବରେ ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୋପାଳ ପାଢ଼ୀ, ମିତ୍ରଭାନୁ ପାଢ଼ୀ, ଗଙ୍ଗାଧର ସା, କାମଦେବ ପାଢ଼ୀ, ହରିଲାଲ ସା, ଗିରିଶ ଜୟପୁରିଆ, ପୁରନ୍ଦର ଭୋଇ, ନନ୍ଦଲାଲ ସେନାପତି, ଉମାକାନ୍ତ ପଣ୍ଡା, ଦାମୋଦର ବଢ଼େଇ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ଖେଳକୁ ରେଫରୀ ନବୀନ ଦେଓ, ମିଥୁନ ବଡକ, ଅରୁଣ ମିର୍ଦ୍ଧା ଖେଳେଇ ଥିଲେ । କ୍ଲବ ସଦସ୍ୟ ଅନନ୍ତ କାଲୋ, ହେମନ୍ତ ଧୁରୁଆ, ହିମାଂଶୁ ଦେହେରୀ, ଆଲୋକ ସେନାପତି, ମନୋଜ ଓରାମ, ବେଦବ୍ୟାସ ମାଁ, ଦିପତେଶ ମାଁ ସହଯୋଗ କରିଥିଲେ । ଶ୍ରୀପତି ଓରାମ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା



**ଦେବଗଡ଼, ୧୯ ।୧୦(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ତେଜିବାରେ ରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏକ ଅଣ ରାଜନୈତିକ ସଂଗଠନ ଭାବେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଦାବି ହୋଇଆସୁଛି । ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଜିଲ୍ଲାବାସୀଙ୍କ ଦାବିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ଜନ ଆନ୍ଦୋଳନର ରୂପ ନେବାକୁ ବସିଛି । ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବିକ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ଆରମ୍ଭ ହୋଇଛି । ଏହି କ୍ରମରେ ଆଜି ଅପରାହ୍ନରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉଁନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ମଞ୍ଚର ଶତାଧିକ ସଦସ୍ୟ ପ୍ରଧାନପାଟେଶ୍ୱରୀ ମନ୍ଦିରରେ ମଥା ଟେକି ଏକ ବାଇକ ରାଲିରେ ନଗର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବା ପରେ ଗୋପବନ୍ଧୁ ଛକ ଠାରେ ଆୟୋଜିତ ଖୋଲାମଞ୍ଚ ଆଲୋଚନା ସ୍ଥଳିରେ ପହଁଚିଥିଲେ । ସେଠାରେ ଅନୁଷ୍ଠିତ ଖୋଲା ମଞ୍ଚ ଆଲୋଚନାରେ ଶତାଧିକ ଜନ ସାଧାରଣ ସହ ବିଭିନ୍ନ ଅନୁଷ୍ଠାନର ନେତୃବୃନ୍ଦ ନିଜ ନିଜ ମତପ୍ରକାଶ କରିବା ସହ ମଞ୍ଚର ଦାବିକୁ ଯଥାର୍ଥ ବୋଲି ଅବିହିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନ ଯୋଗାଇବା ପର୍ଯ୍ୟନ୍ତ ପ୍ରତିଦିନ ଆନ୍ଦୋଳନକୁ ଭିନ୍ନଭିନ୍ନ ଢଙ୍ଗରେ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ଖୋଲାମଞ୍ଚରେ ବହୁ ବରିଷ୍ଠ ନାଗରିକ, ଡ୍ରାଇଭର ମହାସଂଘ, ଆମ୍ବେଦକର ଯୁବ ସଂଘ, ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

**ମେଷ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବୃଷ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସହକର୍ମୀଙ୍କ ଘରକୁ ବୁଲିବାକୁ ଯିବେ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ନାଚ, ଗୀତରେ ସଫଳତା ମିଳିବ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସକ୍ରିୟ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ମକର:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ବ୍ୟସ୍ତତା ଭିତରେ ଦିନଟି କଟିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୪୦- ନେଦରଲ୍ୟାଣ୍ଡରେ ରାସନ୍‌ରେ ପନିର ମିଳିବା ଆରମ୍ଭ ହେଲା।
- ୧୯୬୨- ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୩-ସିଡ୍‌ନୀ ଅପେରା ହାଉସ୍‌କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୯୧- ଉତ୍ତରକାଶୀରେ ୬.୮ ତୀବ୍ରତାର ଭୂମିକମ୍ପ ଆସିବାରୁ ୨୦୦୦ ଲୋକଙ୍କ ପ୍ରାଣହାନି।

## ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଓ ରକୁଲପ୍ରୀତ ସିଂହଙ୍କ ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ୨୦୧୯ରେ ଆସିଥିଲା। ଏବେ ଅଜୟ ଏହାର ସିକ୍ୱେଲ୍ ଆଣୁଛନ୍ତି। ଇତିମଧ୍ୟରେ 'ଦେ ଦେ ପ୍ୟାର୍ ଦେ ୨'ର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଫିଲ୍ମରେ କମେଡି ସହ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଟ୍ରେଲରରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଜାଭେଦ ଜାଫରି, ମିଜାନ ଜାଫରି, ଗୌତମୀ କପୁର, ଇଶିତା ଦତ୍ତା, ସଞ୍ଜୀବ ସେଠ୍ ପ୍ରମୁଖଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟି-ସିରିଜ୍ ଓ ଲବ୍ ଫିଲ୍ମସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଅଂଶୁଲ ଶର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅଜୟ ଓ ରକୁଲଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଉପରେ ଫିଲ୍ମଟି ଆଧାରିତ। ଏଥିରେ ଆର୍. ମାଧବନ୍, ରକୁଲଙ୍କ ପିତା ଭୂମିକାରେ ନଜର ଆସିବେ। ଏହା ନଭେମ୍ବର ୧୪ରେ ପରଦାକୁ ଆସିବ। 'ଦେ ଦେ ପ୍ୟାର୍ ଦେ' ଫିଲ୍ମରେ ଅଜୟ ଓ ରକୁଲଙ୍କ ସହ ତବୁ, ଜିମି ସେରଗିଲ୍, ଆଲୋକ ନାଥ, କୁମୁଦ ମିଶ୍ର ଦେଖାଯାଇଥିଲେ। ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା। ତେବେ 'ଦେ ଦେ ପ୍ୟାର୍ ଦେ ୨' ଦର୍ଶକଙ୍କ କେତେ ମନୋରଞ୍ଜନ କରୁଛି ତାହା ଦେଖିବାକୁ ବାକି ରହିଲା।





## ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗର ଗମ୍ଭୀରତା ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ଅକ୍ଟୋବରକୁ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ଭାବେ ପାଳନ କରାଯାଉଛି। 'ଅଷ୍ଟିଓ' ଅର୍ଥ 'ହାଡ଼', ଏବଂ 'ପୋରୋସିସ୍' ଅର୍ଥ 'ଛିଦ୍ରପୂର୍ଣ୍ଣ'। ଏହି ରୋଗ ହାଡ଼କୁ ଫମ୍ପା କରିଦିଏ। ଏହା ମହିଳା, ବୟସ୍କ ଏବଂ ହରମୋନ୍ ଅସନ୍ତୁଳନ ଥିବା ଲୋକଙ୍କ ମଧ୍ୟରେ ଅଧିକ ଦେଖାଯାଏ। ଏକ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହେଉଛନ୍ତି। ୧୯୯୬ ଅକ୍ଟୋବର ୨୦ ତାରିଖରେ ବ୍ରିଟେନର ନ୍ୟାସନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ସମର୍ଥନ ମଧ୍ୟ କରାଯାଇଥିଲା। ପରେ ୧୯୯୭ରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ଏହି ଦିବସକୁ ପାଳନ କରାଯାଉଛି। ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ। ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି। ଯଦିଓ ଏହାକୁ ବୃଦ୍ଧାବସ୍ଥାର ରୋଗ କୁହାଯାଏ, କିନ୍ତୁ ଚିନ୍ତାର ବିଷୟ ଯେ, ଗତ କିଛି ବର୍ଷ ମଧ୍ୟରେ ଯୁବାବସ୍ଥାରେ ମଧ୍ୟ ଏହି ରୋଗ ଦେଖାଦେଉଛି। ନିଷ୍କ୍ରିୟ ଜୀବନଶୈଳୀ, ମଦ୍ୟପାନ, ଧୂମପାନ, ଜେନେଟିକ୍, ମଧୁମେହ, ମେଦବହୁଳତା, ଆର୍ଥ୍ରାଇଟିସ୍, କର୍କଟ ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ ମେନୋପୋଜ ମଧ୍ୟ ଏହି ରୋଗର କାରଣ ହୋଇପାରେ। ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ଅଷ୍ଟିଓପୋରୋସିସ୍ ସମସ୍ୟାକୁ ଦୂରେଇ ଦେବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ସାମିଲ କରାଯିବା ଜରୁରୀ। ଏହାସହ ନିୟମିତ ହାଡ଼ର ଘନତା ପରୀକ୍ଷା କରିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ।

## ଦୀର୍ଘାୟୁ ହେବାର ରହସ୍ୟ ଦହି

ଆମେରିକାରେ ଜନ୍ମଗ୍ରହଣ କରିଥିବା ସ୍ପେନର ମହିଳା ମାରିୟା ବ୍ରେନେସ ମୋରେରାଙ୍କର ଗତବର୍ଷ ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୧୧୭ ବର୍ଷ ବୟସ ହୋଇଥିଲା। ଅବଶ୍ୟ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ବିଶ୍ୱର ସବୁଠୁ ବୟସ୍କା ଜୀବିତ ମହିଳା ହେବାର ରେକର୍ଡ କରିଥିଲେ। ସେପ୍ଟେମ୍ବର ୨୪ରେ ସେଲ୍ ରିପୋର୍ଟର ମେଡିକାଲ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ, ଗବେଷକମାନେ ବ୍ରେନେସଙ୍କ ଦୀର୍ଘ ଜୀବନ ରହସ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ତାଙ୍କର ରକ୍ତ, ଲାଳ, ମଳ, ମୂତ୍ର ଏବଂ ଜିନ୍‌ର ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବ୍ରେନେସ ଧୂମପାନ କି ନିଶାଦ୍ରବ୍ୟ ସେବନ କରୁ ନ ଥିଲେ। ଯଥାସମ୍ଭବ ସେ ନିତିଦିନର କାମ ନିଜେ କରୁଥିଲେ। ସେ ଗାଁରେ ରହିବା ସହ ହାଲୁକା ବ୍ୟାୟାମ କରୁଥିଲେ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳର ଲୋକଙ୍କ ଭଳି ଖାଦ୍ୟ ଖାଉଥିଲେ। ତାଙ୍କ ଖାଦ୍ୟରେ ସେ ଅଲିଭ୍ ତେଲର ବ୍ୟବହାର କରୁଥିଲେ। ତେବେ ତାଙ୍କ ଜୀବନଶୈଳୀରେ ଗୋଟିଏ ସ୍ୱତନ୍ତ୍ର କଥା ଥିଲା। ସେ ଦିନକୁ ତିନି ଥର ଦହି ଖାଉଥିଲେ। ସେହିଭଳି ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡା. ଜୋସେଫ ସହଲାବ ଏକ ପୋଷ୍ଟରେ ଦୀର୍ଘ ଜୀବନ ଲାଗି ଦହିକୁ ଭଲ ସପ୍ଲିମେଣ୍ଟ ବୋଲି କାହିଁକି କୁହାଯାଉଛି, ସେ ସମ୍ପର୍କରେ କହିଛନ୍ତି। ଦହି କୋଲନ କ୍ୟାନସର ଆଶଙ୍କାକୁ କମ୍ କରିବା ସହ ଏହା ପାକସ୍ଥଳୀକୁ ସୁସ୍ଥ ରଖିଥାଏ। ସେହିପରି ଦହି ସବୁଠୁ ଉତ୍ତମ ଖାଦ୍ୟପଦାର୍ଥର ଅନ୍ୟତମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଦହି ପ୍ରୋବାୟୋଟିକ୍‌ର ମଧ୍ୟ ଏକ ଉତ୍ତମ ଉତ୍ସ। ଏଥିରେ କ୍ୟାଲସିୟମ୍ ଏବଂ ଫସ୍‌ଫରସ୍ ଭରପୂର ଥିବାରୁ ଏହା ହାଡ଼ ଓ ଦାନ୍ତକୁ ମଜଭୁତ କରେ। ଏପରିକି ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି।



## ଆଲୋକର ପର୍ବ ଦୀପାବଳି



**ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିରେ ପୂରା ପରିବେଶ ବଦଳିଯାଏ। କାର୍ତ୍ତିକ ମାସ ଅମାବାସ୍ୟାରେ ଏହି ପର୍ବ ପାଳନ କରାଯାଏ। ଦୀପାବଳି ଅମାବାସ୍ୟାକୁ ପଦ୍ମ ଅମାବାସ୍ୟା ମଧ୍ୟ କୁହାଯାଏ। ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜାଳି ମନେ ପକାଯାଏ। ତା'ସହ ଏହି ଦିନ ମା'କାଳୀଙ୍କୁ ଆରାଧନା କରାଯାଏ। ଘରେ ଘରେ ଦୀପ ଜଳେ, ବାଣ ଫୁଟେ, ଶ୍ରାଦ୍ଧ ପଢ଼େ ଏବଂ ପିଠାପଣା ହୁଏ।**



ଶାସ୍ତ୍ରୀୟମତ ତଥା ଲୋକକଥାରେ ବିଭିନ୍ନ କାରଣକୁ ନେଇ ଦୀପାବଳି ପର୍ବ ପାଳନ କରିବାର ନିୟମ ଅଛି। ପୌରାଣିକ ମତରେ, ଏହି ଦିନ ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପକୁ ବଧ କରିଥିବାରୁ ଏହି ପର୍ବ ପାଳନ କରାଯାଏ। କେବଳ ସେତିକି ନୁହେଁ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଖୁସିରେ ବିଭିନ୍ନ ପ୍ରକାର ଦୀପ ଜାଳିଥିଲେ। ଏହିଦିନକୁ ସ୍ମରଣୀୟ କରିବା ପାଇଁ ଦୀପାବଳି ପାଳନ କରାଯାଏ। ଅନ୍ୟପଟେ ଦୀପାବଳିର ଦିନକ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାର ପରଦିନକୁ ଦୀପାବଳି ଭାବେ ପାଳନ କରାଯାଏ। ତେବେ ରାକ୍ଷସମାନଙ୍କୁ ବଧ କରିବା ପରେ ମହା କାଳୀଙ୍କ କ୍ରୋଧ ଯେତେବେଳେ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରିଥିଲେ। ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇପଡ଼ିଥିଲେ। ଏହାପରେ ମହାକାଳୀ ଶାନ୍ତ ହୋଇଥିଲେ। ଏହାସହ କାଳୀଙ୍କ ଶାନ୍ତ ରୂପ ମା' ଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ ମା' କାଳୀଙ୍କ ଉଗ୍ର ରୂପର ଉପାସନା କରାଯାଏ।

ଅନ୍ୟପକ୍ଷରେ ଏହିଦିନ ଓଡ଼ିଶାରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯିବା ପରେ କାଉଁରିଆ କାଠି ଜଳାଯାଏ। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ।

କାଉଁରିଆ କାଠି ଜାଳିବା ବେଳେ କୁହାଯାଏ, "ବଡବଡୁଆ ହୋ! ଅନ୍ଧାରରେ ଆସ ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ। ପୁରୁଷୋତ୍ତମରେ ମହାପ୍ରସାଦ ଖାଇ। ବାଇଶି ପାହଚରେ ଗଡ଼ଗଡ଼ଉ ଥାଅ।"

## ସମ୍ପ୍ରୀତି

## ଯମ ଦ୍ୱିତୀୟା



ଦୀପାବଳିର ଦୁଇ ଦିନ ପରେ ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ଯମ ଦ୍ୱିତୀୟା ବା ଭାତୃ ଦ୍ୱିତୀୟା। ଏହି ଦିନ ମୃତ୍ୟୁର ଦେବତା ଯମରାଜଙ୍କୁ ମଧ୍ୟ ପୂଜା କରାଯାଏ। ଏହା ହେଉଛି ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ପର୍ବ। କୁହାଯାଏ, ଏହିଦିନ ଭଉଣୀ ଘରେ ଭାଇ ଭୋଜନ କରିବା ଦ୍ୱାରା ଭାଇ ଦୀର୍ଘାୟୁ ହୋଇଥାଏ। ସୂର୍ଯ୍ୟ ଦେବ ଏବଂ ଦେବୀ ସଂଜ୍ଞାଙ୍କ ପୁତ୍ର ଯମ ଏବଂ ପୁତ୍ରୀ ଯମୀ ଏହିଦିନ ଜନ୍ମଗ୍ରହଣ କରିଥିଲେ। ତେଣୁ ଏହିଦିନକୁ ଯମଦ୍ୱିତୀୟା ଭାବରେ ପାଳନ କରାଯାଏ। ସେହିପରି ଅନ୍ୟ ଏକ ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯମୁନା ଯମରାଜଙ୍କୁ ନିଜ ଘରକୁ ଆମନ୍ତ୍ରିତ କରିଥିଲେ। ଅତିଥି ସତ୍କାର କରିବା ସହ ଭୋଜନ କରାଇ ଥିଲେ। ଏହି କାରଣରୁ ଏହାକୁ ଯମ ଦ୍ୱିତୀୟା ବୋଲି କୁହାଯାଏ। ସେହିପରି ଏଥିରେ ଯମରାଜ ପ୍ରସନ୍ନ ହୋଇ ଭଉଣୀକୁ ବର ଦେଇଥିଲେ, ଏହିଦିନ ସଂସାରର ଯେଉଁ ଭଉଣୀମାନେ ତାଙ୍କ ଭାଇଙ୍କୁ ଟୀକା ଲଗାଇ ପୂଜା କରିବେ, ସେହି ଭାଇମାନଙ୍କର ଆୟୁ ବୃଦ୍ଧି ହେବା ସହିତ ତାଙ୍କ ଜୀବନରୁ ସମସ୍ତ ପ୍ରକାରର କଷ୍ଟ, ବାଧା ବିଘ୍ନ ଦୂର ହୋଇଯିବ ଏବଂ ଯମଲୋକର ପୀଡା ଆଉ ତାଙ୍କୁ ଲାଗିବ ନାହିଁ।

ଅନ୍ୟପଟେ ଏହିଦିନ ଭଉଣୀ ଭାଇର ଦୀର୍ଘାୟୁ କାମନା କରି ଯମରାଜଙ୍କ ପାଖେ ପ୍ରାର୍ଥନା କରନ୍ତି। ଏହି ପର୍ବରେ ଭଉଣୀମାନେ ଭାଇ ମଥାରେ ତିଳକ ଲଗାଇ ବନ୍ଦାପନା କରି ଭାଇ ମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି। ଭାଇମାନେ ଭଉଣୀଙ୍କୁ ସ୍ନେହ ପ୍ରେମର ନିଦର୍ଶନ ସ୍ୱରୂପ ଉପହାରମାନ ଦେଇଥାନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଯମ ଦ୍ୱିତୀୟା ଯାତ୍ରା ଅନ୍ୟତମ। ଏହିଦିନ ଶ୍ରୀଲିଙ୍ଗରାଜ ପ୍ରଭୁ ଯମେଶ୍ୱର ଏବଂ ତାଙ୍କର ଭଉଣୀ କାମାକ୍ଷୀଙ୍କୁ ଭେଟ କରିବାକୁ ଯାଇଥାନ୍ତି। ସେହିପରି ଶ୍ରୀକ୍ଷେତ୍ରରେ ଯମେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଇଁ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଏହି ପର୍ବ ଅକ୍ଟୋବର ୨୩ ତାରିଖରେ ପାଳନ କରାଯିବ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ପ୍ରକାଶିତ ଉପାଖ୍ୟାନ ତତ୍ତ୍ୱର ଅବଶିଷ୍ଟ ଅଂଶ ଏଥର ପ୍ରଦାନ କରାଯାଇଛି।)

ବିବାହ ପରେ ପୁରଞ୍ଜନ ପୂରଞ୍ଜନୀଙ୍କ ପ୍ରତି ଏତେ ପରିମାଣରେ ମୋହିତ ହୋଇଗଲା ଯେ, ପୂରଞ୍ଜନୀ ଯାହା କହିଲା, ପୁରଞ୍ଜନ ସେଇଆ କଲା। ଅର୍ଥାତ ମଣିଷର ମତି / ଅବିଦ୍ୟା ମଣିଷକୁ ଯୋଉ ଆଡକୁ ଟାଣେ ମଣିଷ ସେଇ ଆଡକୁ ଗତି କରେ।

ଏହିପରି ପୁରଞ୍ଜନ (ଜୀବତ୍ମା) ଢେର ଦିନ ପୂରଞ୍ଜନୀ (ମତି / ବୁଦ୍ଧି / ଅବିଦ୍ୟା) ସହିତ ଖୁବ ଆନନ୍ଦରେ ଦିନ କାଟିଲା। କିଛି ଦିନ ପରେ ଜରା (ବାର୍ଦ୍ଧକ୍ୟ) ନାମକ ଏକ ଅସୁନ୍ଦର ନାରୀର ପୁରଞ୍ଜନ (ଜୀବାତ୍ମା) ଉପରେ ନଜର ପଡିଲା। ଜରା (ବାର୍ଦ୍ଧକ୍ୟ) ତା'ର ବନ୍ଧୁ ଚଣ୍ଡବେଗ (କାଳଚକ୍ର) ସାହାଯ୍ୟରେ ପୁରଞ୍ଜନ ଉପରେ ଆକ୍ରମଣ କଲା। ଏହି ଆକ୍ରମଣରେ ଚଣ୍ଡବେଗ (କାଳଚକ୍ର)ର ସୈନ୍ୟ ବାହିନୀ (ତିନି ଶହ ପାଞ୍ଚଷଠି ଦିନ ଏବଂ ତିନି ଶହ ପାଞ୍ଚଷଠି ରାତ୍ରୀ) ସାହାଯ୍ୟ କଲେ। ଅର୍ଥାତ ଜୀବତ୍ମା କାଳ ଚକ୍ରର ଦିନ ରାତି ପ୍ରଭାବରେ କ୍ରମେ ବାର୍ଦ୍ଧକ୍ୟରେ ପହଁଞ୍ଚିଲା। ବାର୍ଦ୍ଧକ୍ୟର ଆକ୍ରମଣରେ ଜୀବତ୍ମାର ପ୍ରଥମେ କର୍ମେନ୍ଦ୍ରିୟ ଓ ପରେ ପରେ ଜ୍ଞାନେନ୍ଦ୍ରିୟମାନେ କାର୍ଯ୍ୟ କରିବା ବନ୍ଦ କରିଦେଲେ। ଏହି ଭଳି ଜରାର ଆକ୍ରମଣରେ ପୂରଞ୍ଜନୀର ଦଶ ସୈନିକ ମରିଗଲେ। ପାଞ୍ଚ ଫେଣା ବିଶିଷ୍ଟ ସାପ ମଧ୍ୟ ପ୍ରାଣ ହରାଇଲା। ଶେଷରେ ଜୀବାତ୍ମା ପୂରଞ୍ଜନର ମୃତ୍ୟୁ ହେଲା।

ପୂରଞ୍ଜନ ମୃତ୍ୟୁ ସମୟରେ ପୂରଞ୍ଜନୀକୁ ଝୁରି ଝୁରି ମୃତ୍ୟୁବରଣ କରିଥିବାରୁ ପର ଜନ୍ମରେ ବିଧରଭ ଦେଶର ରାଜ କନ୍ୟା ଭାବରେ ଜନ୍ମ ନେଲା ଓ ତାର ନାମ ବୈଦେହୀ ହେଲା। ବୈଦେହୀ ମଳୟ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ। ସମୟ ଅନୁକ୍ରମେ ଶିକାର ଖେଳୁ ଖେଳୁ ମଳୟଧ୍ୱଜଙ୍କର ମୃତ୍ୟୁ ହେଲା ଏବଂ ତତ୍କାଳୀନ ପରମ୍ପରା ଅନୁଯାୟୀ ବୈଦେହୀ ସତୀ ହେବା ପାଇଁ ପ୍ରସ୍ତୁତ ହେବା ସମୟରେ ଅଭିଜ୍ଞାତ ପହଞ୍ଚି ପୁରଞ୍ଜନ ଙ୍କୁ ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ମନେ ପକାଇ ଦେଲେ ଓ ପୁନର୍ବାର ତାଙ୍କ ସାଙ୍ଗରେ ପୂର୍ବ ଅବସ୍ଥାକୁ ଫେରି ଯିବାକୁ କହିଲେ।

ଏହି ଉପାଖ୍ୟାନର ସାର ମର୍ମ ହେଲା, ଯେ ପର୍ଯ୍ୟନ୍ତ ଜୀବତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରୁଥିବ ,ସେ ପର୍ଯ୍ୟନ୍ତ ଜୀବତ୍ମା ଶାନ୍ତି ଲାଭ କରୁଥିବ। ପରମାତ୍ମାଙ୍କୁ ଭୁଲି ମାୟା ସଂସାରରେ ନିର୍ଲିପ୍ତ ହେଲେ କଷ୍ଟ ଭୋଗିବ। ନାରଦ ମୁନୀଙ୍କର ଏହି ଉପାଖ୍ୟାନ ପ୍ରାଚୀନବରହୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ନିଜର ଆଚରଣରେ ପରିବର୍ତ୍ତନ କରିଥିଲେ।

କେଶୁରା
ମୋ: ୮୨୪୯୨୧୩୦୪୦

## ମା' କାଳୀଙ୍କ ପ୍ରିୟ ଭୋଗ



**କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ପାଳନ କରାଯାଏ। ରାତିରେ ମା' କାଳୀଙ୍କ ପୂଜା କରାଯାଏ ଏବଂ ଭୋଗ ଅର୍ପଣ କରାଯାଏ। ମା' କାଳୀଙ୍କୁ ଉଭୟ ଆମିଷ ଓ ନିରାମିଷ ଭୋଗ ଲାଗି କରାଯାଏ। ତେବେ ମା' କାଳୀଙ୍କ ପ୍ରିୟ ଭୋଗ କ'ଣ, ସେ ସମ୍ପର୍କରେ ଜାଣିବା।**

- ମା'କାଳୀଙ୍କୁ ଭୋଗରେ ଗୁଡ଼ ଅର୍ପଣ କରିବା ଦ୍ୱାର ଜୀବନ ସମସ୍ତ କଷ୍ଟ ଦୂର ହୋଇଥାଏ। ଗୁଡ଼ରେ ତିଆରି ମିଠା ଅର୍ପଣ କରନ୍ତୁ।
- ମୁଗଡାଲି ଖେଚୁଡ଼ି ମା' କାଳୀଙ୍କ ପ୍ରିୟ। ଏହାକୁ ଅର୍ପଣ କଲେ ଜୀବନର ସମସ୍ତ ସମସ୍ୟା ଓ ବାଧା ବିଘ୍ନ ଦୂର ହେବା କୁହାଯାଏ।
- ସୁଜି ହାଲୁଆ ସମେତ ତାଜା ଫଳ ଭୋଗ କରାଯାଏ।
- କ୍ଷୀରୀ ସମେତ ଦୁଗ୍ଧରେ ପ୍ରସ୍ତୁତ ମିଠା ଭୋଗ ଲାଗି କଲେ, ମା' କାଳୀ ପ୍ରସନ୍ନ ହୁଅନ୍ତି।
- କିଛି ମନ୍ଦିର ଓ ପରମ୍ପରାରେ ମା' କାଳୀଙ୍କୁ ଆମିଷ ଭୋଗ ମଧ୍ୟ ଲାଗି କରାଯାଏ।

**ପ୍ରଥମ ମ୍ୟାଚ୍‌ରେ ରୋ-କୋ, ଗିଲ୍ ଫେଲ୍, ୨୩ରେ ଦ୍ୱିତୀୟ ମୁକାବିଲା**

# ଅଷ୍ଟ୍ରେଲିଆର ପେସ୍ ଆଗରେ ଭାରତର ଆତ୍ମସମର୍ପଣ

ପର୍ଥ,୧୯।୧୦(ଏଜେନ୍ସି)

ଅପଟସ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆର ପେସ ଓ ନିଖୁଣ ବୋଲିଂ ଆଗରେ ଆତ୍ମସମର୍ପଣ କରିଛି ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ। ଏଠାରେ ଆଜି ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତର ୩ ତାରକା ଖେଳାଳି ଏକାଥରକେ ବିଫଳ ହେବା ସମର୍ଥକ ଓ ଟିମ୍ ମ୍ୟାନେଜମେଣ୍ଟକୁ ନିରାଶ କରିଛି। ତାରକା ମାନଙ୍କ ମଧ୍ୟରୁ ରୋହିତ ଶର୍ମା ୮, ବିରାଟ କୋହଲି ୦ ଓ ଅଧିନାୟକରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ୧୦ ରନ୍‌ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆରେ କୋହଲି ପ୍ରଥମଥର ଦିନିକିଆ ଫର୍ମାଟରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲାବେଳେ ଗିଲ୍ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେଇ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଆରମ୍ଭରୁ ୧-୦ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଆଡିଲେଡ ଓଭାଲରେ ଓ ତୃତୀୟ ମ୍ୟାଚ୍ ଶନିବାର ସିଡ୍‌ନୀରେ ଖେଳାଯିବ। ପର୍ଥର ଲୋ ସ୍କୋରିଂ ପିଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ଶେଷଯାଏ ଅପରାଜିତ ରହି ୪୬ ରନ୍ କରିଥିବା ଅଧିନାୟକ ମିଚେଲ ମାର୍ଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।




ଏହି ମ୍ୟାଚ୍‌ରେ ବର୍ଷା ବାରମ୍ବାର ଖେଳରେ ବାଧା ସୃଷ୍ଟି କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସରେ ୪ଥର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ସାଙ୍ଗକୁ ଅଷ୍ଟ୍ରେଲିଆର ପେସ୍ ଓ ନିଖୁଣ ବୋଲିଂ ଆଗରେ ଭାରତୀୟ ବ୍ୟାଟର ହାତଟେକି ଦେଇଥିଲେ। ଏପରିକି ଦଳର ଜଣେ ହେଲେ ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ କି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ୨୬ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତର ଇନିଂସ ଏହିଠାରୁ ଶେଷ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୮ ଓ ଅକ୍ଷର ପଟେଲ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ଦୀର୍ଘ ୭ ମାସ ପରେ ଜାତୀୟ ଦଳକୁ ଫେରିଥିବା ଦୁଇ ସୁପରଷ୍ଟାର ରୋହିତ ଶର୍ମା ମାତ୍ର ୧୪ଟି ବଲ୍ ଖେଳି ୮ ଓ ବିରାଟ କୋହଲି ୮ ବଲ୍ ଖେଳି ଖାତା ଖୋଲି ପାରି ନ ଥିଲେ। ଅଧିନାୟକ ଗିଲ୍ ମଧ୍ୟ ୧୦ ରନ୍‌ରେ ଆଉଟ ହୋଇଥିଲେ। ବାରମ୍ବାର ଖେଳ ବନ୍ଦ ରହିବା ଯୋଗୁଁ ଭାରତୀୟ ବ୍ୟାଟର ଲୟକୁ ଫେରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲର ଏଥିରୁ ଫାଇଦା ଉଠାଇଥିଲେ। ଜୋଶ ହାଜ୍‌ଲେଉଡ, ମିଚେଲ ଓଏନ ଓ ମାଥ୍ୟୁ କୁନେମାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଡିଏଲ୍ଏସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଆଗରେ ୨୬ ଓଭରରେ ୧୩୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ଘରୋଇ ଦଳ ଭଲ ପାଗରେ ଖେଳି ୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ତଥା ଓପନର ମିଚେଲ ମାର୍ଶ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୪୬ ରନ୍‌ର ଭଲ ସ୍କୋର କରିଥିଲେ। ତାଙ୍କ ସହ ମ୍ୟାଟ ରେନ୍‌ଶା ୨୪ ବଲ୍‌ରୁ ୨୧ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ୱିକେଟ ରକ୍ଷକ ଜୋଶ ଫିଲିପ୍ ୨୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୭ ରନ୍ କରି ଅଷ୍ଟ୍ରେଲିଆର ବିଜୟ ସହଜ କରିଦେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ୮ ରନ୍‌ରେ ଆଉଟ କରି ଅର୍ଶଦୀପ ଯେଉଁ ସଫଳତା ପାଇଥିଲେ ତାହାର ସଦୁପଯୋଗ କରି ପାରି ନ ଥିଲା ଭାରତ। ଫାଷ୍ଟ ପିଚ୍‌ରେ ଭାରତୀୟ ପେସର ବିଫଳ ହୋଇଥିଲାବେଳେ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ତନ୍‌ଭୀଙ୍କୁ ରୌପ୍ୟ



ଗୌହାଟୀ, ୧୯ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭୀ ଶର୍ମା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ତନଭୀ ୭-୧୫, ୧୨-୧୫ ସିଧାସଳଖ ଗେମରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍‌ଙ୍କ ନିକଟରୁ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଫାଇନାଲ ମ୍ୟାଚର ଫଳାଫଳ ମାତ୍ର ୨୮ ମିନିଟ୍‌ରେ ବାହାରିଯାଇଥିଲା। ତନଭୀ ଏଥିସହ ୫ମ ଭାରତୀୟ ଭାବେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ୍ (୧୯୯୬), ସାଇନା ନେହ୍ୱାଲ (୨୦୦୬), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଭିନ୍ନ ସଂସ୍କରଣରେ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ତନଭୀଙ୍କ ରୌପ୍ୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଇତିହାସରେ ଭାରତର ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ସାମିଲ ରହିଛି।

## ୫୦୦ ମ୍ୟାଚ୍ ଖେଳିବାରେ ରୋହିତ୍ ୫ମ ଭାରତୀୟ

ପର୍ଥ, ୧୯ ।୧୦ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ରେ ରୋହିତ ଆଜି ୫୦୦ତମ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱର ୧୧ତମ ତଥା ପଞ୍ଚମ ଭାରତୀୟ କ୍ରିକେଟର୍ ଭାବେ ସେ ଏହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ୍‌ଙ୍କ ପୂର୍ବରୁ ଭାରତୀୟ ଭାବେ ସଚିନ ତେନ୍ଦୁଲକର (୬୬୪), ବିରାଟ କୋହଲି (୫୫୧), ମହେନ୍ଦ୍ର ସିଂ ଧୋନି (୫୩୮) ଓ ରାହୁଲ ଦ୍ରାବିଡ୍ (୫୦୯) ୫୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସର୍ବାଧିକ ୬୬୪ ମ୍ୟାଚ୍ ଖେଳି ସଚିନ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ







କଟକ,୧୯।୧୦(ସମିସ): ପ୍ରଥମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୬୩ ରନରେ ପରାସ୍ତ କରି ଓଡ଼ିଶା ସିକେ ନାଇଡୁ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦ ୨୩୩ ରନର ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ୧୬୯ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସାଇଦୀପ ମହାପାତ୍ର ଓ ଆୟୁଷ ବାରିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ପ୍ରଥମ ପାଳିରେ ୮ ୱିକେଟ ସଫଳତା ପାଇଥିବା ଆୟୁଷ ମ୍ୟାଚ୍‌ରେ ମୋଟ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ ୧୯୫ରନରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୬୮ ରନ କରିଥିଲା। ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ରେଳବାଇ ଷ୍ଟାଡିୟମରେ ଆସାମ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଆନ୍ତଃସ୍କୁଲ ଫୁଟବଲ ଫାଇନାଲରେ କିସ୍



ଭୁବନେଶ୍ୱର,୧୯।୧୦ (ସମିସ): ରାଜୁ ମାର୍ଣ୍ଡିଙ୍କ ଡବଲ ଗୋଲ ବଳରେ କିସ୍ ୨-୦ ଗୋଲରେ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ବିଜୟୀ କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ରାଜୁ ମାର୍ଣ୍ଡିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ତାହିଦୁଲ ହୋଦା ଆଦି ଅତିଥିଭାବେ ଉପସ୍ଥିତ ଥିଲେ। ରେଫରି ପ୍ରିୟବ୍ରତ ବାହିନୀପତି, ସରୋଜ ମହାରଣା, ଶେଖାୱତ ଖାନ୍ ଓ ଅମିତ ନାୟକ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ।

● ଲୋକାଲ-୧- ସନ୍ଦୀପ ମହାନ୍ତି ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଜିତିଲେ ଟାଇଟଲ



ଭୁବନେଶ୍ୱର,୧୯।୧୦ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ୧୮ତମ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଦୁଇ ଖେଳାଳି ଓମ୍‌ଆଦିତ୍ୟ ଓ ସ୍ୱପ୍ନିଳ ପ୍ରିୟଦର୍ଶୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସ୍ୱପ୍ନିଳଙ୍କୁ ପଛରେ ପକାଇ ଟାଇଟଲ ଜିତିନେଇଥିଲେ। ରାୟଗଡ଼ାର ଫକିର ମାଝୀ ତୃତୀୟ, ପାରାଦୀପ୍‌ର ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ସ୍ୱର୍ଗତ ସନ୍ଦୀପଙ୍କ ପିତା ସୁରେନ୍ଦ୍ରନାଥ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରୟାଲସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ।

● ବରିଷ୍ଠ ମହିଳା ଟି-୨୦

## ୬ଷ୍ଠ ପରାଜୟ ସହ ଓଡ଼ିଶା ବିଦା

କଟକ,୧୯।୧୦(ସମିସ): ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୬ଟି ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦା ହୋଇଛି। ୭ଟି ଲିଗରୁ ମାତ୍ର ଗୋଟିଏ ମ୍ୟାଚ୍ ଜିତି ୪ ପଏଣ୍ଟ ପାଇଥିବା ଓଡ଼ିଶା ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପସିଂହ ଷ୍ଟାଡିୟରେ ରବିବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୯ ୱିକେଟରେ ହରିୟାଣାଠାରୁ ହାରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଓଡ଼ିଶା ପାଇଁ ଦୁଇ ଓପନର୍ ତନ୍ମୟୀ ବେହେରା ୫୧ ଓ ମାଧୁରୀ ମେହେତା ୨୨ ରନ କରିଥିଲେ। ବ୍ୟାଟିଂ କରିଥିବା ଅନ୍ୟ ୮ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ହରିୟାଣାର ଅମନଦୀପ କୌର ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ହରିୟାଣା ଦ୍ୱିତୀୟ ଓଭରରେ ରୀମା ସିସୋଦିଆ (୧ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଧିନାୟିକା ତଥା ଅନ୍ତର୍ଜାତୀୟ କ୍ରିକେଟର ଶେଫାଳି ବର୍ମାଙ୍କ ଦ୍ରୁତ ପାଳି ବଳରେ ହରିୟାଣା ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶେଫାଳି ୨୪ବଲରୁ ୫୫ରନର ଅପରାଜିତ ପାଳି ଖେଳିଥିଲେ।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ସେମିରେ ଇଂଲଣ୍ଡ; ଆଶଙ୍କାରେ ଭାରତ

ଇନ୍ଦୋର, ୧୯ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ସ୍ଥାନୀୟ ହୋଲ୍‌କର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ରୋମାଞ୍ଚକ ଭାବେ ୪ ରନରେ ଭାରତକୁ ହରାଇଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୮ ୱିକେଟ୍‌ରେ ୨୮୮ ରନ କରିଥିଲା। ଜବାବରେ ଭାରତ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୨୮୪ ରନ କରିବାକୁ ସମର୍ଥ ହୋଇଥିଲା।

ପୂର୍ବରୁ ଶ୍ରୀଲଙ୍କା ଓ ପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପରବର୍ତ୍ତୀ ୩ଟି ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ନିକଟରୁ ହାରି ହ୍ୟାଟ୍ରିକ ପରାଜୟବରଣ କରିଛି। ଭାରତ ବର୍ତ୍ତମାନ ୫ ମ୍ୟାଚରୁ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅଷ୍ଟ୍ରେଲିଆ (୯ ପଏଣ୍ଟ) ଓ ଦକ୍ଷିଣ ଆଫ୍ରିକା (୮) ପରେ ତୃତୀୟ ଦଳ ଭାବେ ଇଂଲଣ୍ଡ ସେମିଫାଇନାଲ ଟିକଟ୍ ହାସଲ କରିଛି। ଭାରତ ଶେଷ ଦୁଇ ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ (ଅକ୍ଟୋବର ୨୩) ଓ ବାଂଲାଦେଶ (ଅକ୍ଟୋବର ୨୬)କୁ ହରାଇଲେ ସେମିକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଓପନର୍



ହିଥର ନାଇଟ୍

ଟାମି ବିଉମଣ୍ଟ (୫୬ ରନ) ଓ ତୃତୀୟ ସ୍ଥାନରେ ଆସିଥିବା ଅଭିଜ୍ଞ ହିଥର ନାଇଟ୍‌ଙ୍କ ଶତକ ବଳରେ ୮ ୱିକେଟରେ ୨୮୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା। ନାଇଟ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ୯୧ ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ନିଜର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ନାଇଟ୍ ୩ୟ ଦିନିକିଆ ଶତକ ହାସଲ କରି ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୪ ଓ ଶ୍ରୀଚରଣି ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ମଧ୍ୟ ଲଢ଼ୁଆ ପ୍ରଦର୍ଶନ କରିଥିଲା। ଓପନର୍ ସ୍ମୃତି ମନ୍ଧାନା (୮୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୭୦ ରନ) ଓ ଅଲ୍‌ରାଉଣ୍ଡର ଦୀପ୍ତି (୫୦ ରନ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଏକଦା ବିଜୟସ୍ଥିତିରେ ରହିଥିଲା। କିନ୍ତୁ ୫୨ ବଲରେ ୫୫ ରନ ଆବଶ୍ୟକ ହେଉଥିବାବେଳେ ମନ୍ଧାନା ଏବଂ ୧୯ ବଲରେ ୨୭ ରନ ଆବଶ୍ୟକ ହେଉଥିବାବେଳେ ଦୀପ୍ତି ଆଉଟ୍ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଆସନ୍ତାକାଲି ଶ୍ରୀଲଙ୍କା-ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଯାଜପୁର ଜୋନ୍‌ରେ କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଘାଟିତ

କଟକ,୧୯।୧୦(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ(କେଭିଏଲ) ଆଜି ଯାଜପୁର ଜୋନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଜୋନ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ବିଦ୍ୟାମନ୍ଦିର ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହୋଇଥିଲା। ତେବେ ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ। କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି) ପକ୍ଷରୁ ଆୟୋଜିତ ଏହି ଲିଗ୍ ଅନ୍ୟ ଜୋନ୍ ଗୁଡିକରେ ଖୁବଶୀଘ୍ର ଆରମ୍ଭ ହେବ। କେଭିଡିସି ସଭାପତି ଡଃ ଅଭିଳାଶ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ଧର୍ମାନନ୍ଦ ସେନାପତି, ପ୍ରୟାସ ଗ୍ରୁପର ଦିବ୍ୟବ୍ରତ ପଣ୍ଡା, ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀଙ୍କ ସମେତ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମହମ୍ମଦ ହିଫଜୁର ରେହମାନ, ମହମ୍ମଦ ଓବେଦୁର ରେହମାନ, ମହମ୍ମଦ ମୋହିବୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।



## ନିଙ୍ଗବୋ ଟାଇଟଲ୍ ଜିତିଲେ ରିବାକିନା

ନିଙ୍ଗବୋ, ୧୯ ।୧୦ (ଏଜେନ୍ସି): ଚାଇନାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ-୫୦୦ ଟେନିସ ଟୁର୍ଣ୍ଣାମେଣ୍ଟ ନିଙ୍ଗବୋ ଓପନ୍‌ରେ ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କାଜାଖସ୍ତାନ ତାରକା ଏଲିନା ୩-୬, ୬-୦, ୬-୨ ସେଟ୍‌ରେ ୪ର୍ଥ ସିଡ୍ ରୁଷିଆର ଏକତେରିନାଙ୍କୁ ହରାଇଥିଲେ।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ୨୫ରୁ




ଭୁବନେଶ୍ୱର,୧୯।୧୦ (ସମିସ): ରାଜ୍ୟର ବିଶିଷ୍ଟ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତିରେ ତୃତୀୟ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଚଳିତମାସ ୨୫ରୁ ୩୧ ତାରିଖଯାଏ ଖେଳାଯିବ। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍, ସ୍ପୋର୍ଟ୍ସ ଓଡ଼ିଶା, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ ଏକାଡେମୀ, ନିତା ଆମ୍ବାନି ଫୁଟବଲ ଏକାଡେମୀ, କୁଆଁରମୁଣ୍ଡା ଯୁବ ସଂଗଠନ ଓ ବାଲେଶ୍ୱରର ମହିଳା ଫୁଟବଲ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୧,୦୦୦ ଟଙ୍କା ସହ ଅନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଓ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ଜଣାଇଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ କରାଯାଇଛି। ଏଥିଲାଗି ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅତିଥିଭାବେ ଯୋଗ ଦେଇ ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବାବୁ ସିଂହ, ଓଡ଼ିଶା ଅଲିମ୍ପିକ୍ ସଭାପତି ସମୀର ମହାନ୍ତିଙ୍କ ଅନେକ ସଂଗଠକ, କୋଚ୍, ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ଉଦ୍‌ଯାପିତ**

## ଓମ୍‌ସ୍ୱରୂପ, ହର୍ଷିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯।୧୦(ସମିସ)

କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍କୁଲ ଜୁନିଅର ବିଭାଗରେ ଖୋର୍ଦ୍ଧାରି ଓମସ୍ୱରୂପ ପତି ଓ କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ।

ଖୋର୍ଦ୍ଧାର ସାୟାଂଶ ଦାସ, ସୁନ୍ଦରଗଡ଼ରୁ ଶୁଭାଶିଷ ବାରିକ, ଖୋର୍ଦ୍ଧାର ଦିବ୍ୟାଂଶୁ କୁମାର ପଶାୟତ, କଟକର ନିରେକ ପରିଡ଼ା, ଖୋର୍ଦ୍ଧାର ଦୁଇ ଖେଳାଳି ଦେବରାଜ ସେନାପତି ଓ ପ୍ରୀତୀକା ପରିଡ଼ା, ବରଗଡ଼ର ନୟନିକା ସାହୁ ଓ କଟକର ଆଦିତ୍ୟ ଦାସ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। କଟକ ଜିଲ୍ଲା ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ଓ ନୀଲସୁ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ୪୬ ବର୍ଷୀୟ ରବୀନ୍ଦ୍ର ଓଝା ତୃତୀୟ, ୬୮ ବର୍ଷୀୟ ନାରାୟଣ ସ୍ୱାଇଁ ଚତୁର୍ଥ ଓ ୯ ବର୍ଷୀୟ ଆଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।



ଖେଳ ଶେଷରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଡେଣ୍ଟାଲ ସାଇନ୍ସର ଅର୍ଥୋ ଡେଣ୍ଟିଷ୍ଟ ଡାକ୍ତର ନିବେଦିତା ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ତିବରୱାଲ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS